ବର୍ଷ-୨୪, ସଂଖ୍ୟା-୨୧୯
ଭୁବନେଶ୍ୱର
୦୮ ସେପ୍ଟେମ୍ବର, ୨୦୨୪ ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-24, Issue No. 219
Bhubaneswar
08 September, 2024, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat




ନୂଆଖାଇ ଜୁହାର୍

# 'ସୁଭଦ୍ରା' ଯୋଜନା ଅସ୍ମିତାର ପରିଚୟ

**ଭୁବନେଶ୍ୱର,୭।୯(ମହାଭାରତ:** ଆଜିଠୁ ସାରା ରାଜ୍ୟରେ ବୁଲିଛି ସୁଭଦ୍ରା ସଚେତନତା ରଥ। ରାଜଧାନୀର ମହାତ୍ମା ଗାନ୍ଧୀ ମାର୍ଗରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ସୁଭଦ୍ରା ଯୋଜନା ଅସ୍ମିତାର ପରିଚୟ ହେବ। ସୁଭଦ୍ରା କେବଳ ଯୋଜନା ନୁହେଁ, ଏହା ଅସ୍ମିତାର ପରିଚୟ ହେବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ସୁଭଦ୍ରା ମହିଳାଙ୍କ ଆକାଂକ୍ଷା ପୂରଣ କରିବାରେ ଏହା ସହାୟକ ହେବ। ପ୍ରତି ଅଞ୍ଚଳକୁ ଯିବ ସଚେତନତା ରଥ। ମା, ଭଉଣୀଙ୍କୁ ସଚେତନ କରିବ। ପ୍ରଥମେ ଭୁବନେଶ୍ୱରରେ ବୁଲିବ ରଥ, ପରେ ସବୁ ଜିଲ୍ଲାରେ ଏହା ଗଡ଼ିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।



ସେହିପରି ଉପ ମୁଖ୍ୟମନ୍ତ୍ରୀ ତଥା ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଓ ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତି ପରିଡା ଯୋଗଦେଇ ସୁଭଦ୍ରା ଭଳି ଏକ ଯୁଗାନ୍ତକାରୀ ଯୋଜନା ପରିକଳ୍ପନା କରିଥିବାରୁ ମାନ୍ୟବର ପ୍ରଧାନମନ୍ତ୍ରୀ ଓ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଅର୍ପଣ କରି କହିଥିଲେ ଯେ ସରକାରକୁ ଆସିବାର କିଛି ସମୟ ମଧ୍ୟରେ କ୍ୟାବିନେଟ୍ ରେ ସୁଭଦ୍ରା ଯୋଜନା ପାସ୍ ହେଲା ପ୍ରତିଶ୍ରୁତିକୁ ପ୍ରତିବଦ୍ଧତାରେ ପରିଣତ କରାଯାଇ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। ଲୋକେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପରେ ବିଶ୍ୱାସ ପ୍ରକଟ କରିଛନ୍ତି। ସୁଭଦ୍ରା ରଥ ସମସ୍ତଙ୍କୁ ଏହି ଯୋଜନା ବିଷୟରେ ସଚେତନ କରିବ। ମହିଳାମାନଙ୍କା ସର୍ବାଙ୍ଗୀନ ଉନ୍ନତି କରିବା ଲାଗି ମୋହନ ସରକାର ଅଙ୍ଗୀକାରବଦ୍ଧ। ରାଜ୍ୟ ବାହାରେ ଥିବା ମହିଳା ବି ଏବେ ସୁଭଦ୍ରା ଯୋଜନାର ଲାଭ ପାଇପାରିବେ। ଶୀଘ୍ର ସୁଭଦ୍ରା ଯୋଜନାର ଲାଭ ସମସ୍ତଙ୍କ ପାଖରେ ପହଞ୍ଚିବ। ଏଥିପାଇଁ ଧୈର୍ଯ୍ୟ ରଖିବା ଦରକାର। ଏହି ଯୋଜନାର କୌଣସି ସମୟସୀମା ନାହିଁ। ହିତାଧିକାରୀମାନେ ରାତି ଅନିଦ୍ରା ହୁଅନ୍ତୁ ନାହିଁ କିମ୍ବା ଲମ୍ବା ଧାଡ଼ିରେ ଛିଡ଼ା ହୁଅନ୍ତୁ ନାହିଁ। ଶେଷ ଯୋଗ୍ୟ ହିତାଧିକାରୀ ପଞ୍ଜୀକରଣ ନ ହେବା ଯାଏ ଏହା ଚାଲୁ ରହିବ।

ଏହି ଅବସରରେ ସୁଭଦ୍ରା ଯୋଜନା ସମ୍ପର୍କିତ ଏକ ସ୍ୱତନ୍ତ୍ର ଭିଡିଓ ପ୍ରଦର୍ଶିତ ହୋଇଥିବା ବେଳେ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ ହୋଇଥିବା ସୁଭଦ୍ରା ସଚେତନତା ସଂଗୀତ ମଧ୍ୟ ଲୋକାର୍ପଣ ହୋଇଥିଲା। କାର୍ଯ୍ୟକ୍ରମରେ ବିଧାୟକ ବାବୁ ସିଂ, ମେୟର ସୁଲୋଚନା ଦାସ, ମୁଖ୍ୟଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା ଯୋଗଦେଇଥିଲେ।

# ମଣିପୁରରେ ସଂଘର୍ଷ, ୬ ମୃତ

**ଇମ୍ଫାଲ,୭।୯(ମହାଭାରତ):** କିଛି ଦିନର ବିରତି ପରେ ପୁଣି ଅଶାନ୍ତ ହେଉଛି ମଣିପୁର। ରାଜ୍ୟରେ କୁକି ଏବଂ ମତେଇ ଗୋଷ୍ଠୀ ମଧ୍ୟରେ ପୁଣି ସଂଘର୍ଷ ଆରମ୍ଭ ହୋଇଛି। ଆଜି ସକାଳେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟି ୬ ଜଣଙ୍କ ମୃତ୍ୟୁ ଘଟିବା ପରେ ଜରୁରୀ ବୈଠକ ଡାକିଛନ୍ତି ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ।

ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀ ସିଂହ ଆଜି କ୍ୟାବିନେଟ ବୈଠକ ଡକାଇଛନ୍ତି। ରାଜ୍ୟରେ ଦୁଇ ଗୋଷ୍ଠୀ ମଧ୍ୟରେ ଚାଲିଥିବା ବିବାଦର ସମାଧାନ ସହ ଶାନ୍ତି ଫେରାଇ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ବୈଠକ ଡକାଇଥିବା ଜଣାପଡିଛି।

ପ୍ରକାଶ ଥାଉକି, ଆଜି ସକାଳେ ମଣିପୁରର ଜିରିବାମ ଜିଲ୍ଲାରେ ଗୁଳି ବିନିମୟ ହୋଇଥିଲା କୁକି ଏବଂ ମତେଇ ଗୋଷ୍ଠୀ ପକ୍ଷରୁ ଏହି ଗୁଳିବିନିମୟ ହୋଇଥିଲା। ଏଥିରେ ପ୍ରାୟ ୬ ଜଣଙ୍କ ଜୀବନ ଗଲାଣି। ଗତକାଲି ରାତିରେ ମଧ୍ୟ କିଛି ସନ୍ଦିଗ୍ଧ ଦୁର୍ବୃତ୍ତ ପୂର୍ବତନ ମୁଖ୍ୟମନ୍ତ୍ରୀ ମୈରେମ୍ବମ କୋଇରେଙ୍ଗଙ୍କ ଘର ଉପରକୁ ରକେଟ୍ ହମ୍ଲା କରିଥିଲେ। ଏଥିରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଥିବାବେଳେ ୫ରୁ ୬ ଜଣ ଆହତ ହୋଇଛନ୍ତି।ଗତ ୩ ତାରିଖରେ ଇମ୍ଫାଲ ପଶ୍ଚିମ ଜିଲ୍ଲାର ସେଜମ ଚିରାଙ୍ଗ ଗ୍ରାମରେ ଡ୍ରୋନ୍ ଆକ୍ରମଣ କରାଯାଇଥିଲା। ଏଥିରେ ଜଣେ ମହିଳାଙ୍କ ସମେତ ୩ ଜଣ ଆହତ



ହୋଇଥିଲେ ସେପ୍ଟେମ୍ବର ୧ରେ ଏହି ଜିଲ୍ଲାର କୋନ୍ଥକ ଗାଁରେ ମଧ୍ୟ ଡ୍ରୋନ ଆକ୍ରମଣ ହୋଇଥିଲା। ଏସବୁକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଏନ ବିରେନ ସିଂହ ଆଜି ଜରୁରୀ ବୈଠକ ଡାକିଛନ୍ତି।

ରାଜଧାନୀ ଇମ୍ଫାଲଠାରୁ ୩୫ କିଲୋମିଟର ଦୂର ବିଷ୍ଣୁପୁର ଜିଲ୍ଲାରେ ହୋଇଥିବା ଏହି ଆକ୍ରମଣରେ ଜଣେ ୧୩ ବର୍ଷୀୟା ନାବାଳିକାଙ୍କ ସମେତ ଅନ୍ୟ ୫ ଜଣ ମଧ୍ୟ ଆହତ ହୋଇଛନ୍ତି। ମଣିପୁରର ପ୍ରଥମ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ମାଇରେମ୍ବାମ୍ କୋଇରେଙ୍ଗ ସିଂହଙ୍କ ଘରକୁ ଟାର୍ଗେଟ୍ କରି ଉଗ୍ରପନ୍ଥୀମାନେ ରକେଟ୍ ମାଡ଼ କରିଥିଲେ।

ଗତ ରବିବାର କୁକି ବିଦ୍ରୋହୀଙ୍କ ଡ୍ରୋନ୍ ଆକ୍ରମଣରେ ପ୍ରଥମ ନାବାଳକ ଆହତ ହୋଇଥିବା ବେଳେ ଆଜି ପୁଣି ଜଣେ ନାବାଳିକା ଆହତ ହେବା ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି।ସୁରକ୍ଷା ବାହିନୀକୁ ଚ୍ୟାଲେଂଜ କରି ଉଗ୍ରପନ୍ଥୀମାନେ ବିଷ୍ଣୁପୁର ଜିଲ୍ଲାରେ ବୋମା ବିସ୍ଫୋରଣ କରିଛନ୍ତି ବିସ୍ଫୋରଣରେ ଏକ କମ୍ୟୁନିଟି ହଲ୍ ଏବଂ ଏହା ସଂଲଗ୍ନ ଆଉ ଏକ ଘର ଧ୍ୱସ୍ତ ହୋଇଯାଇଛି ଆକ୍ରମଣକାରୀ ଚୁରାଚାନ୍ଦପୁର ପର୍ବତ ଉପରୁ ନିକଟସ୍ଥ ଅଞ୍ଚଳକୁ ଘନଘନ ରକେଟ୍ ମାଡ଼ କରିଛନ୍ତି ଇମ୍ଫାଲଠାରୁ ୪୫ କିମି ଦୂର ତ୍ରୁଙ୍ଗଲାଓବିର ଜନବସତି ଅଞ୍ଚଳକୁ ଟାର୍ଗେଟ୍ କରି ରକେଟ୍ ମାଡ଼ ହୋଇଛି। ପୁଲିସ ଅନୁମାନ କରୁଛି ଯେ ୩ କିମି ଦୂର ପର୍ଯ୍ୟନ୍ତ ରକେଟ୍ ଯାଇଛି। ଉଗ୍ରପନ୍ଥୀଙ୍କ ନିକଟରେ ଅନେକ ବହୁ ସଂଖ୍ୟାରେ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ଓ ରକେଟ୍ ଲଞ୍ଚର ପହଞ୍ଚିଥିବାରୁ ଏ ବାବଦରେ ମଧ୍ୟ ବ୍ୟାପକ ଖୋଳତାଡ଼ ଆରମ୍ଭ ହୋଇଛି।

# ଆହୁରି ୪ ଦିନ ବର୍ଷା

**ଭୁବନେଶ୍ୱର,୭।୯(ମହାଭାରତ):** କେନ୍ଦ୍ରୀୟ ଏବଂ ଉତ୍ତର ବଙ୍ଗୋପସାଗର ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସକ୍ରିୟ ରହିଛି ପରବର୍ତ୍ତୀ ସମୟରେ ଉତ୍ତର ଦିଗରେ ଗତି କରି ଘନୀଭୂତ ହେବା ସହ ଅବପାତରେ ପରିଣତ ହେବା ସମ୍ଭାବନା ରହିଛି। ସମ୍ଭାବ୍ୟ ଅବପାତ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ଏହାର ପାର୍ଶ୍ୱବର୍ତ୍ତୀ ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା ଏବଂ ବାଂଲାଦେଶ ଉପକୂଳକୁ ଗତି କରିବ। ପରବର୍ତ୍ତୀ ସମୟରେ ପଶ୍ଚିମ-ଉତ୍ତର-ପଶ୍ଚିମ ଗାଙ୍ଗେୟ ପଶ୍ଚିମବଙ୍ଗ, ଉତ୍ତର ଓଡ଼ିଶା, ଝାଡ଼ଖଣ୍ଡ ଏବଂ ଉତ୍ତର ଛତିଶଗଡ଼ ଆଡ଼କୁ ମୁହାଁଇବା ସମ୍ଭାବନା ରହିଛି। ଲଘୁଚାପ ପ୍ରଭାବରେ ଦକ୍ଷିଣ ଓଡ଼ିଶାର ମାଲକାନଗିରି, କୋରାପୁଟ, ନବରଙ୍ଗପୁର, ରାୟଗଡ଼ା, ନୂଆପଡ଼ା ଏବଂ ଗଜପତି ଜିଲାରେ ବର୍ଷା ହୋଇଛି। ଆଗାମୀ ୪ଦିନ ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ଅଞ୍ଚଳରେ ପ୍ରବଳ ବର୍ଷା ହୋଇପାରେ ଏଥିପାଇଁ ଭୁବନେଶ୍ୱର ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କେତେକ ଜିଲାକୁ ସତର୍କ ସୂଚନା ଜାରି କରାଯାଇଛି। ମାଲକାନଗିରି ଜିଲାରେ ବିଗତ କିଛି ଦିନ ହେଲା ଲଗାଣ ବର୍ଷା ଜାରି ରହିଛି।

# ଚୀନରେ ତାଣ୍ଡବ ରଚିଲା ସୁପର ସାଇକ୍ଲୋନ୍

**ନୂଆଦିଲ୍ଲୀ/ବେଜିଂ,୭।୯(ମହାଭାରତ):** ଶତାବ୍ଦୀର ସବୁଠାରୁ ବଡ଼ ଝଡ଼ ଚୀନ୍‌ରେ ଆସିଛି ଏହାର ନାମ ୟାଗି ରଖାଯାଇଛି। ଏହି ଝଡ଼ ଯୋଗୁ ପ୍ରଥମେ ଫିଲିପାଇନ୍ସରେ ୧୬ ଜଣଙ୍କର ମୃତ୍ୟୁ ଘଟିଥିଲା ଏବଂ ବର୍ତ୍ତମାନ ଏହା ଚୀନ୍ ଆଡକୁ ଗତି କରୁଛି।



ଭାରତ ପ୍ରଶାନ୍ତ ମହାସାଗରରୁ ଉତ୍ପନ୍ନ ଏହି ସାଇକ୍ଲୋନିକ୍ ଝଡ଼ ଚୀନ୍‌ର ଦକ୍ଷିଣ ଉପକୂଳରେ ପହଞ୍ଚିଛି ଝଡ଼ ଯୋଗୁ ଘଣ୍ଟା ପ୍ରତି ପ୍ରାୟ ୩୫୦ କିଲୋମିଟର ବେଗରେ ପବନ ବହୁଛି ଚୀନ୍ ରେଡ୍ ଆଲର୍ଟରେ ଅଛି ଏବଂ ସରକାର ହେନାନ ପ୍ରଦେଶକୁ ଖାଲି କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ୫ ଲକ୍ଷ ଲୋକଙ୍କୁ ପ୍ରଦେଶରୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଗତକାଲି ଟାଇଫୁନ୍ ୟାଗି ହେନାନର ଝୋଙ୍ଗ ସହରରେ ଲ୍ୟାଣ୍ଡ ଫଲ୍ କରିଥିଲା ଏହାର ପ୍ରଭାବରେ ତୁହା କୁ ତୁହା ବର୍ଷା ଲାଗି ରହିଥିଲା। ପ୍ରବଳ ବେଗରେ ବହୁଥିବା ପବନ ତାଣ୍ଡବ ରଚିଛି। ବର୍ତ୍ତମାନ ହେନାନ ପ୍ରଦେଶରେ ଜନସାଧାରଣଙ୍କ ସ୍ୱାଭାବିକ ଜୀବନ ଠପ୍ ହୋଇ ଯାଇଛି ବିଦ୍ୟାଳୟ ଓ କଲେଜଗୁଡ଼ିକ ବନ୍ଦ ରହିଛି ରେଳ, ସଡ଼କ ଏବଂ ବିମାନ ସେବା ବନ୍ଦ କରାଯାଇଛି ଚୀନ୍‌ର ଅଫିସିଆଲ୍ ନ୍ୟୁଜ୍ ଏଜେନ୍ସି ଜିନହୁଆର ରିପୋର୍ଟ ଅନୁଯାୟୀ, ଏହି ଝଡ଼ର ବେଗ କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି ଏବଂ ଏହା ହେନାନ ଏବଂ ଗୁଆଙ୍ଗଡୋଙ୍ଗ ପ୍ରଦେଶ ଦେଇ ବେଇବୁ ଗଲ୍ଫ ଆଡକୁ ମୁହାଁଇବାର ସମ୍ଭାବନା ରହିଛି

# ସୁନୀତାଙ୍କ ବିନା ଫେରିଲା ଷ୍ଟାରଲାଇନର୍

**ୱାଶିଂଟନ୍,୭।୯(ମହାଭାରତ):** ମହାକାଶଚାରୀ ସୁନୀତା ୱିଲିୟମ୍ସ ଏବଂ ବଚ ୱିଲମୋରଙ୍କୁ ନେଇଯାଇଥିବା ବୋଇଙ୍ଗର ଷ୍ଟାରଲାଇନର୍ ମହାକାଶଯାନ ପୃଥିବୀକୁ ଫେରୁଛି।ତିନିମାସ ଧରି ମହାକାଶରେ ଅଟକି ରହିଥିବା ଷ୍ଟାରଲାଇନର୍ ସ୍ପେସ୍ ଷ୍ଟେସନ ଛାଡି ପୃଥିବୀ ଫେରିଛି।ମହାକାଶଯାନରେ ଏକ ସମସ୍ୟା ଯୋଗୁ ଏହା ଉଭୟ ମହାକାଶଚାରୀଙ୍କ ବିନା ପୃଥିବୀକୁ ଫେରିଛି।

ଏହାର ଅର୍ଥ ହେଉଛି ସୁନୀତା ୱିଲିୟମ୍ସ ଏବଂ ବୁଚ୍ ୱିଲମୋରଙ୍କୁ ସ୍ପେସ୍ ଷ୍ଟେସନରେ ପାଞ୍ଚରୁ ଛଅ ମାସ ବିତାଇବାକୁ ପଡିବ। ଫେବୃଆରୀ ୨୦୨୫ରେ ଉଭୟ ମହାକାଶଚାରୀଙ୍କୁ ସ୍ପେସ୍ ଏକ୍ସ କ୍ରୁ -୯ ଦ୍ୱାରା ଫେରିବାକୁ ଯୋଜନା କରାଯାଇଛି ପ୍ରାୟ ୬ ଘଣ୍ଟା ଯାତ୍ରା ପରେ ଷ୍ଟାରଲାଇନର୍ ଆମେରିକାର ନ୍ୟୁ ମେକ୍ସିକୋ ଅଞ୍ଚଳରେ ଅବତରଣ କରିଛି। ଶୁକ୍ରବାର ଦିନ ଆମେରିକାର ସମୟ ସନ୍ଧ୍ୟା ୬ଟା ୦୪ରେ ଷ୍ଟାରଲାଇନର୍ ସଫଳତାର ସହିତ ସ୍ପେସ୍ ଷ୍ଟେସନ୍ ଛାଡିଥିଲେ। ରାତି ୧୧ଟା ୧୭ରେ ଏହା ପୃଥିବୀର ବାୟୁମଣ୍ଡଳରେ ପ୍ରବେଶ କରିଥିଲା। କ୍ୟାପସୁଲ ପାଇଁ ଏହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ହେବଫ ଏହା ମଧ୍ୟରାତି ୧୨ଟା ୦୩ରେ

# ଆଜିଠୁ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ

**ଭୁବବନେଶ୍ୱର,୭।୯(ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆସନ୍ତାକାଲି ସମ୍ବଲପୁର ଗସ୍ତରେ ଯାଇ ନୂଆଖାଇ ଅବସରରେ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିବେ। ଏହି ଗସ୍ତ କାଳରେ କାଳିଆ ଯୋଜନାକୁ ବଦଳାଇ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ କରିବେ। ଏହି ଯୋଜନାରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ବାର୍ଷିକ ୪ ହଜାର ଟଙ୍କା ୨ ହଜାର ଲେଖାଏଁ ଦୁଇଟି କିସ୍ତିରେ ପ୍ରଦାନ କରାଯିବ।







## କଖାରୁ ହାଲୁଆ

ମିଠା ଜାତୀୟ ଖାଦ୍ୟ ପ୍ରାୟତଃ ସମସ୍ତେ ପସନ୍ଦ କରିଥାନ୍ତି। ତେବେ ବୋଇତି କଖାରୁ ଏକ ଏଭଳି ପରିବା ଯାହା ଦ୍ୱାରା ବିଭିନ୍ନ ବ୍ୟନ ପ୍ରସ୍ତୁତ କରିହେବ। ତାହେଲେ ଜାଣନ୍ତୁ ବୋଇତି କଖାରୁ କିପରି ହାଲୁଆ ପ୍ରସ୍ତୁତ କରିହେବ।

**ଆବଶ୍ୟକ ସାମଗ୍ରୀ:** ବୋଇତି କଖାରୁ: ୩କପ, କ୍ଷୀର: ୧କପ, ଘିଅ: ୧/୨ କପ, କାଜୁ-ପିସ୍ତାବାଦାମ: ୫୦ଗ୍ରାମ, ଅଳେଇଚ: ୪ଟି, ଚିନି : ୧କପ ।


**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଗ୍ୟାସ ଅନ୍ କରି କାଜୁ,ପିସ୍ତାବାଦାମକୁ ଅଳ୍ପ ଘିଅ ପକାଇ ଭାଜନ୍ତୁ। ବୋଇତି କଖାରୁକୁ କୋରି ଏକ ପାତ୍ରରେ ରଖନ୍ତୁ। ଗ୍ୟାସରେ ପ୍ରେସର କୁକୁର ନେଇ ସେଥିରେ ଘିଅ ଗରମ କରନ୍ତୁ। ଘିଅ ଗରମ ହେବା ପରେ ସେଥିରେ ବୋଇତି କଖାରୁ କୋରାକୁ ପକାଇ ୧୦ ମିନିଟ ଭାଜନ୍ତୁ। ସେଥିରୁ ଅଳ୍ପ ପାଣି ବାହାରିବାକୁ ଲାଗିଲେ ସେଥିରେ ୨କପ ପାଣି ଓ ଏକ କପ କ୍ଷୀର ଦେଇ ପ୍ରେସର କୁକର ବନ୍ଦ କରି ୨ଟି ହ୍ୱିସିଲ ହେବା ଯାଏଁ ଛାଡ଼ି ଦିଅନ୍ତୁ। ବୋଇତି କଖାରୁ ସିଝିଯିବା ପରେ ସେଥିରେ ଅଳେଇଚ ପକାନ୍ତୁ। ସେଥିରେ କାଜୁ,ପିସ୍ତାବାଦାମ ଓ ଚିନି ପକାଇ ଦିଅନ୍ତୁ। ବର୍ତ୍ତମାନ ବୋଇତି କଖାରୁ ମିଶ୍ରଣକୁ ଭଲ ଭାବେ ଭାଜନ୍ତୁ। ବୋଇତି କଖାରୁ ହାଲୁଆ ହେବା ପରେ ଗ୍ୟାସ ବନ୍ଦ କରି ଏକ ପାତ୍ରକୁ ବାହାର କରି ନିଅନ୍ତୁ। ପରିବାର ତଥା ଅତିଥିଙ୍କୁ ପରଷନ୍ତୁ।



### ଖବର

## ବକ୍ସ ଅଫିସରେ ଧମାଲ କରୁଛି 'ଗୋଟ'




ଦକ୍ଷିଣ ଭାରତୀୟ ସିନେମାର ସୁପରଷ୍ଟାର ଥାଲପତି ବିଜୟଙ୍କ ଚଳଚ୍ଚିତ୍ର ଗ୍ରେଟେଷ୍ଟ ଅଫ୍ ଅଲ୍ ଟାଇମ୍ (ଗୋଟ) ପ୍ରେକ୍ଷାଳୟରେ ଦର୍ଶକଙ୍କ ହୃଦୟ ଜିତିବାରେ ସଫଳ ହୋଇଥିବା ଜଣାପଡିଛି। ବଡ଼ ବଜେଟରେ ର୍ନିମିତ 'ଗୋଟ' ବକ୍ସ ଅଫିସରେ ରିଲିଜ ପରେ ପରେ ଧମାଲ କରୁଛି ବଜେଟ ହିସାବରେ ଫିଲ୍ମଟି ଭଲ ଆୟ କରୁଥିବା ଜଣାପଡିଛି ଭେଙ୍କଟ ପ୍ରଭୁ ଏବଂ ବିଜୟଙ୍କ ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ରିଲିଜ ଦିନ ହିଁ ଭଲ ଆୟ କରିଥିଲା ଦ୍ୱିତୀୟ ଦିନରେ ମଧ୍ୟ ଫିଲ୍ମଟି ଭଲ ରୋଜଗାର କରିଥିବା ଦେଖାଯାଇଥିଲା ଚଳଚ୍ଚିତ୍ରଟି ରିଲିଜ ଦିନ ୪୪କୋଟି ଟଙ୍କା ଆୟ କରିଥିବା ବେଳେ ଦ୍ୱିତୀୟ ଦିନରେ ଫିଲ୍ମର ରୋଜଗାରରେ ୪୨ପ୍ରତିଶତ ହ୍ରାସ ପାଇଥିଲା। ଦ୍ୱିତୀୟ ଦିନରେ 'ଗୋଟ୍' ଭାରତୀୟ ବକ୍ସ ଅଫିସରେ ୨୫.୫କୋଟି ଟଙ୍କା ସଂଗ୍ରହ କରିଥିଲା ବୋଲି ଜଣାପଡିଛି । ବର୍ତ୍ତମାନ ତୃତୀୟ ଦିନରେ ଫିଲ୍ମଟି ୨୦.୮୬ କୋଟି ଟଙ୍କା ଆୟ କରିଥିବାବେଳେ ତିନି ଦିନ ମଧ୍ୟରେ ଭାରତରେ ଫିଲ୍ମର ମୋଟ ସଂଗ୍ରହ ୯୩.୨୭ କୋଟିରେ ପହଞ୍ଚିଛି। ଆଶା କରାଯାଉଛି ଯେ ଫିଲ୍ମଟି ଚତୁର୍ଥ ଦିନରେ ୧୦୦କୋଟି କ୍ଲବରେ ପ୍ରବେଶ କରିବ।

## ବୈକୁଣ୍ଠ ଚତୁର୍ଦ୍ଦଶୀ



ପୌରାଣିକ କଥାବସ୍ତୁ ଅନୁସାରେ ଥରେ ବିଷ୍ଣୁ କାଶିରେ ଶିବ ଭଗବାନଙ୍କ ଉପରେ ଏକ ହଜାର ସ୍ୱର୍ଣ୍ଣ କମଳ ପୁଷ୍ପ ଚଢ଼ାଇବାର ସଂକଳ୍ପ କରିଥିଲେ । ଯେବେ ଏହି ସଂକଳ୍ପ ପାଳନ କରିବାର ସମୟ ଆସିଲା, ସେହି ସମୟରେ ଭଗବାନ ଶିବ, ବିଷ୍ଣୁଙ୍କୁ ପରୀକ୍ଷା କରିବା ପାଇଁ ଗୋଟିଏ ସ୍ୱର୍ଣ୍ଣ କମଳ ପୁଷ୍ପ କମ୍ କରି ଦେଇଥିଲେ ।

ପୁଷ୍ପ କମ୍ ହୋଇଯିବାରୁ ବିଷ୍ଣୁ ନିଜ କମଳ ନୟନ ନାମକୁ ସ୍ମରଣ କରି ଭଗବାନ ଶିବଙ୍କ ନିକଟରେ ନିଜ ନେତ୍ର ସମର୍ପିତ କରି ଦେଇଥିଲେ । ବିଷ୍ଣୁଙ୍କ ଏଭଳି ଭକ୍ତିଭାବ ଦେଖି କାର୍ତ୍ତିକ ମାସ ଶୁକ୍ଳପକ୍ଷ ଚତୁର୍ଦ୍ଦଶୀକୁ 'ବୈକୁଣ୍ଠ ଚତୁର୍ଦ୍ଦଶୀ' ନାମରେ ପାଳନ କରାଯାଏ। ସେହି ଦିନଠାରୁ ବୈକୁଣ୍ଠ ଚତୁର୍ଦ୍ଦଶୀ ନାମରେ ପାଳନ କରାଯାଇ ଭଗବାନ ବିଷ୍ଣୁଙ୍କ ଆରାଧନା କରାଯାଉଛି। ଏହି ଦିନ ଭଗବାନ ବିଷ୍ଣୁଙ୍କ ପୂଜାର୍ଚ୍ଚନା କଲେ ଭଗବାନ ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତର ମନସ୍କାମନା ପୂର୍ଣ୍ଣ କରିଥାନ୍ତି

## ରାଗକୁ ନିୟନ୍ତ୍ରଣ କରିବାର ଉପାୟ

ଆମମାନଙ୍କ ମଧ୍ୟରୁ ଅନେକ ଲୋକ ନିଜର ରାଗ ଉପରେ ନିୟନ୍ତ୍ରଣ କରିପାରନ୍ତି ନାହିଁ। ଏହି ରାଗ ତାଙ୍କୁ ଶାରିରୀକ ଏବଂ ମାନସିକ କ୍ଷେତ୍ରରେ ଅନେକ କ୍ଷତି କରିଥାଏ। ରାଗ କାରଣରୁ ଅନେକ ସମୟରେ ସମ୍ପର୍କରେ ମଧ୍ୟ ଫାଟ ସୃଷ୍ଟି ହୋଇଥାଏ। ଏହି ସମୟରେ ଆପଣଙ୍କୁ ଏହା ନିହାତି ଆବଶ୍ୟକ କି ଆପଣ ନିଜ ରାଗ ଉପରେ ନିୟନ୍ତ୍ରଣ ରଖନ୍ତୁ। ଯୋଗ ବିଶେଷଜ୍ଞମାନଙ୍କ କହିବା ଅନୁସାରେ କିଛି ଯୋଗାସାନକୁ କରିବା ଦ୍ୱରା ଆପଣଙ୍କ ମନ ଏବଂ ମସ୍ତିଷ୍କ ଦୁଇଟିଯାକ ଶାନ୍ତ ରହିଥାଏ ଏବଂ ହାର ନିୟମିତ ଅଭ୍ୟାସ କରିବା ଦ୍ୱାରା ଆପଣ ନିଜ ରାଗ ଉପରେ ନିୟନ୍ତ୍ରଣ କରିପାରିବେ।

ଆସନ୍ତୁ ଜାଣିବା ଏହି ମୁଦ୍ରା ଗୁଡିକ ବିଷୟରେ...


ଉମ୍ମାନୀ ମୁଦ୍ରା : ଏହି ମୁଦ୍ରାକୁ କରିବା ଦ୍ୱାରା ମନକୁ ଶାନ୍ତି ମିଳିଥାଏ। ଏହା ସହି ଏହି ଆସନ ଧ୍ୟାନକୁ ଏକାଗ୍ର କରିଥାଏ। ଯେତେବେଳେ ଆପଣଙ୍କ ଧ୍ୟାନ ଏକାଗ୍ର ହେବ, ସେତେବେଳେ ଆପଣ ସମସ୍ତ ଚିନ୍ତାରୁ ମୁକ୍ତ ହେବେ ଏବଂ ଆପଣଙ୍କ ରାଗ ଧିରେ ଧିରେ କମ୍ ହେବାକୁ ଲାଗିବ। ଏହି ଆସନକୁ କରିବା ପାଇଁ ଆପଣଙ୍କୁ ପଦ୍ମାସନ ଅବସ୍ଥାରେ ବସନ୍ତୁ। ଏବେ ଆପଣ ନିଜର ସମସ୍ତ ଧ୍ୟାନକୁ ନିଜର ଆଖି ମଧ୍ୟରେ ଏକାଗ୍ର କରିନିଅ। ଏହି ଆସନକୁ କରିବା ସମୟରେ କୌଣସି ବାହାର କଥା ଚିନ୍ତା କରନ୍ତୁ ନାହିଁ। ନିଜର ଧ୍ୟାନକୁ ଗୋଟିଏ ଜାଗାରେ କେନ୍ଦ୍ରତ କରି ରଖନ୍ତୁ।

ଜ୍ଞାନ ମୁଦ୍ରା : ଏହି ଆସନକୁ କରିବା ଦ୍ୱାରା ଆମର ଶରୀର ଏବଂ ମସ୍ତିଷ୍କ ସୁସ୍ଥ ରହିଥାଏ, ଯାହାଦ୍ୱାରା କ୍ରୋଧର ସ୍ତର ମଧ୍ୟ କମିଯାଇଥାଏ। ଏହି ଆସନକୁ କରିବା ପାଇଁ ପ୍ରଥରେ ପଦ୍ମାସନ ଅବସ୍ଥାରେ ବସିଯାଆନ୍ତୁ। ଏବେ ଆପଣ ନିଜ ହାତକୁ ସିଧା କରନ୍ତୁ। ଏହା ପରେ ଆପଣ ନିଜର ବିଶି ଆଙ୍ଗୁଠିକୁ ବୁଢା ଆଙ୍ଗୁଠି ସହିତ ଯୋଡନ୍ତୁ।



ସେପାନା ମୁଦ୍ରା : ଏହି ଆସନକୁ କରିବା ଦ୍ୱାରା ଚାପ କମିଥାଏ। ଏହି ଆସନ ଆମ ଶରୀରରୁ ନକରାତ୍ମକତା ଏବଂ ବିଷାକ୍ତ ପଦାର୍ଥକୁ ବାହାରକୁ ବାହାର କରିବାରେ କ୍ଷମ ହୋଇଥାଏ। ଏହାଦ୍ୱାରା ଆମର ମସ୍ତିଷ୍କ ଶାନ୍ତ ହୋଇଥାଏ। ଏହି ଆସନକୁ କରିବା ପାଇଁ ଆପଣଙ୍କ ହାତର ଦୁଇ ପାପୁଲିକୁ ଯୋଡନ୍ତୁ ୧ ଧ୍ୟାନ ରଖନ୍ତୁ ଆପଣଙ୍କ ପାଞ୍ଚ ଆଙ୍ଗୁଠି ପରସ୍ପର ମଧ୍ୟରେ ଯୋଡି ହେବା ଜରୁରୀ। ଏବେ ଆପଣଙ୍କ ବିଶି ଆଙ୍ଗୁଳିକୁ ଏକା ସଙ୍ଗରେ ରଖନ୍ତୁ ଏବଂ ଅନ୍ୟ ସମସ୍ତ ଅଙ୍ଗୁଠି ଗୁଡିକୁ ମୋଡି ପରସ୍ପର ସହିତ ବାନ୍ଧି ନିଅନ୍ତୁ। ଏବେ ଏହି ମୁଦ୍ରାକୁ ତଳକୁ ମୋଡି ନିଅନ୍ତୁ।

## ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ



ବୁଦ୍ଧଙ୍କ ଜଣେ ଶିଷ୍ୟ ନିଜ ଗୁରୁଙ୍କ ବାର୍ତ୍ତା ଦୂର ଦୂର ପର୍ଯ୍ୟନ୍ତ ପ୍ରଚାର କରିବାକୁ ଚାହୁଁଥିଲା । ସେଥିପାଇଁ ସେ ଏକ ଯାତ୍ରାରେ ଯିବାକୁ ଚାହୁଁଥିଲା। ବୁଦ୍ଧ ତାକୁ ପଚାରିଲେ, ତୁମେ କେଉଁଠିକୁ ଯାଉଛ, କେଉଁ ଦିଗରେ, କେଉଁ ଅଞ୍ଚଳକୁ ? ଶିଷ୍ୟ ଜଣକ ଉତ୍ତର ଦେଲା, ମୁଁ ଏକ ଦୂର ରାଜ୍ୟକୁ ଯାଉଛି, ଗୋଟିଏ ନିର୍ଦ୍ଦିଷ୍ଟ ଅଞ୍ଚଳକୁ। ଆଜି ଯାଏ ସେଠାକୁ ଆପଣଙ୍କ କୌଣସି ଶିଷ୍ୟ ଯାଇନାହାନ୍ତି।

ବୁଦ୍ଧ କହିଲେ, ଯିବା ପୂର୍ବରୁ ତୁମକୁ ପରୀକ୍ଷା ଦେବାକୁ ପଡ଼ିବ। ତୁମକୁ ମୋର ୩ଟି ପ୍ରଶ୍ନର ଉତ୍ତର ଦେବାକୁ ହେବ। ପ୍ରଥମ, ତୁମେ ଭଲ ଭାବେ ଜାଣ ଯେ ସେଠାକୁ ଯିବା ତୁମ ପାଇଁ ବିପଦ ହୋଇପାରେ । ସେହି ପ୍ରଦେଶର ଲୋକମାନେ ହିଂସାତ୍ମକ ହୋଇପାରନ୍ତି । ସେମାନଙ୍କ ମଧ୍ୟରୁ କେତେଜଣ ହତ୍ୟାକାରୀ ହୋଇପାରନ୍ତି । ଏହି କାରଣରୁ ଏଯାଏଁ କେହି ସେମାନଙ୍କ ପାଖକୁ ଯାଇନାହିଁ। ଯଦି ସେମାନେ ତୁମକୁ ଅପମାନିତ କରିବେ, ତୁମେ କିପରି ଅନୁଭବ କରିବ ? ଶିଷ୍ୟ ଜଣକ କହିଲା, ଆପଣ ମୋ ବିଷୟରେ ସବୁକିଛି ଜାଣନ୍ତି । ଆପଣ ମୋ ହୃଦୟକୁ ମଧ ଭଲ ଭାବେ ବୁଝିପାରନ୍ତି, କାରଣ ଆପଣ ହିଁ ମୋ ହୃଦୟରେ ଅଛନ୍ତି। ଯଦି ସେଠାରେ ମୁଁ ଅପମାନିତ ହୁଏ, ତା'ହେଲେ ମୋ ହୃଦୟର ଗଭୀରତମ କୋଣରୁ ସେମାନଙ୍କୁ କୃତଜ୍ଞତା ଜଣାଇବି । ଏଥିପାଇଁ ଯେ, ସେମାନେ ମୋତେ ମାଡ଼ ମାରିବା ବଦଳରେ କେବଳ ଅସମ୍ମାନିତ କରିଛନ୍ତି । ବୁଦ୍ଧ ଦ୍ୱିତୀୟ ପ୍ରଶ୍ନ ପଚାରିଲେ, ସେମାନେ ତୁମକୁ ମାଡ଼ ମାରିପାରନ୍ତି, ସେତେବେଳେ ତୁମେ କ'ଣ କରିବ ? ଶିଷ୍ୟ କହିଲା, ଆପଣ ଭଲ ଭାବେ ଜାଣନ୍ତି ଯେ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଅଧିକ ନିବିଡ଼ ଭାବେ ଜଣାଇବି। କାରଣ ସେମାନେ କେବଳ ମୋତେ ମାଡ଼ ମାରିଛନ୍ତି, ମୋର ହତ୍ୟା ବି କରିପାରିଥାନ୍ତେ । ବୁଦ୍ଧ ତୃତୀୟ ପ୍ରଶ୍ନ ପଚାରିଲେ, ଯଦି ସେମାନେ ତୁମକୁ ହତ୍ୟା କରନ୍ତି ? ଶିଷ୍ୟ କହିଲା, ଯଦି ସେମାନେ ମୋତେ ମାରି ଦିଅନ୍ତି, ଜୀବନର ଶେଷ କ୍ଷଣରେ ମଧ୍ୟ ମୁଁ ସେମାନଙ୍କ ପ୍ରତି କୃତଜ୍ଞତା ଜଣାଇବି। କାରଣ ସେମାନେ ମୋତେ ମାରିବା ଦ୍ୱାରା ମୋ ଶରୀରରୁ ଜୀବନକୁ ଅଲଗା କରିଦେବେ । ସେଇ ଜୀବନ, ଯେଉଁଥିରେ ମୁଁ ଅନେକ ଗୁଡ଼ିଏ ଭୁଲ କରିଛି । ଆଗକୁ ମୁଁ କେବେ କୌଣସି ଭୁଲ କରିପାରିବି ନାହିଁ । ମୁଁ ଭାବିବି ଯେ ସେମାନେ ମୋ ମିତ୍ର। କାରଣ ସେମାନେ ମୋତେ ବନ୍ଧନ ମୁକ୍ତ କରିଛନ୍ତି । ଏହା ପରେ ବୁଦ୍ଧ କହିଲେ, ଏବେ ତୁମେ ଯେଉଁଠି ଚାହୁଁଛ ସେଇଠିକି ଯାଇପାର । ତୁମେ ଯୁଆଡ଼େ ବି ଯିବ ମୋ ଆଦର୍ଶର ପ୍ରଚାର ଦିଗରେ ସଫଳ ହୋଇପାରିବ । ତୁମେ ପ୍ରେମ ଓ କରୁଣା ବାଣ୍ଟିବାରେ ସଫଳ ହୋଇପାରିବ । ତୁମେ ଲୋକଙ୍କୁ ଜାଗୃତ କରିବାରେ ସହାୟକ ହୋଇପାରିବ । ଏହି କଥାର ମର୍ମ ହେଉଛି, ଦୃଢ଼ ଇଚ୍ଛାଶକ୍ତି ଓ ସଂକଳ୍ପ ବଳରେ ଅସମ୍ଭବ କାର୍ଯ୍ୟକୁ ମଧ ସମ୍ଭବ କରିପାରିବ।

## ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବରୁ ମିଳେ ଏହିସବୁ ଶୁଭ ସଙ୍କେତ

ଆମ ବାସ୍ତୁ ଶାସ୍ତ୍ରରେ ଶୁଭ ଓ ଅଶୁଭ ସଙ୍କେତ ସମ୍ପର୍କରେ ବିସ୍ତାର ଭାବେ କୁହାଯାଇଛି। ଜୀବନରେ ଘଟିବାକୁ ଥିବା ବିଭିନ୍ନ ଘଟଣା ପୂର୍ବରୁ ଏ ନେଇ କିଛି ସଙ୍କେତ ସଂପୃକ୍ତ ବ୍ୟକ୍ତିଙ୍କୁ ମିଳିଥାଏ। ଏହି ଅନୁସାରେ, ଧନର ଦେବୀ ମା' ଲକ୍ଷ୍ମୀ ଆପଣଙ୍କ ପ୍ରତି କୃପା କରିବା ପୂର୍ବରୁ କିଛି ସଙ୍କେତ ବି ଦେଇଥା'ନ୍ତି। ଆଜି ଆମେ ଆପଣଙ୍କୁ ଏଭଳି କିଛି ଶୁଭ ସଙ୍କେତ ସମ୍ପର୍କରେ ଜଣାଇବୁ, ଯାହା ଆପଣ ଦେଖିଲେ ଖୁବ୍ ଶୀଘ୍ର ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ନିଶ୍ଚୟ ପଡ଼ିବ ବୋଲି ଜାଣିବେ।



ଘରେ ସାଧାରଣତଃ ନାଲି ରଙ୍ଗର ପିମ୍ପୁଡି ଦେଖିବାକୁ ପାଇଥାନ୍ତି। ଯଦି ଘରେ ହଠାତ୍ କଳା ପିମ୍ପୁଡି ଦେଖାଗଲେ। ଶୁଭ ମନାଯାଇଥାଏ। ମା' ଲକ୍ଷ୍ମୀଙ୍କ କୃପାଦୃଷ୍ଟି ପଡ଼ିବା ପୂର୍ବର ଏହି ସଂକେତ ଦେଖାଯାଇଥାଏ।ଆମେ ସମସ୍ତେ ଶୋଇଲା ବେଳେ ସ୍ୱପ୍ନ ଦେଖିଥାନ୍ତି। ଯଦି ସ୍ୱପ୍ନରେ ଆମେ ଶଙ୍ଖ, ଗୋଲାପ ଫୁଲ ଓ ହାତୀକୁ ସ୍ୱପ୍ନରେ ଦେଖିଥାନ୍ତି, ତାହାହେଲେ ତେବେ ବୁଝିଯାଆନ୍ତୁ ଯେ ଆର୍ଥିକ ସମସ୍ୟା ଦୂର ହେବାର ସ୍ପଷ୍ଟ ସଙ୍କେତ ଦେଇଥାଏ।

ଯଦି ଘରେ ଏକା ସାଙ୍ଗରେ ତିନୋଟି ଛିଟିପିଟି ଦେଖାଯାଏ, ତାହା ହେଲେ ଆପଣଙ୍କ ଘରକୁ ମା' ଲକ୍ଷ୍ମୀଙ୍କ ଆଗମନର ସଙ୍କେତ ଦେଇଥାଏ। ପେଚା ହେଉଛି ମା' ଲକ୍ଷ୍ମୀଙ୍କ ବାହନ। ଏହା ଏତେ ସହଜରେ କାହାରିକୁ ଦେଖାଯାଏ ନାହିଁ। ପେଚାମାନେ ସାଧାରଣତଃ ରାତିର ଅନ୍ଧାରରେ ବାହାରି ଥା'ନ୍ତି। ତେଣୁ ଯଦି ସୌଭାଗ୍ୟବଶତଃ ଆପଣଙ୍କୁ କେଉଁଠି ଧଳା ପେଚା ଦୃଶ୍ୟମାନ ହେଉଛି, ତେବେ ମା' ଲକ୍ଷ୍ମୀ ଆପଣଙ୍କ ଉପରେ

# ଶିଳ୍ପ ରାଜ୍ୟର ଅର୍ଥନୈତିକ ବିକାଶର ଚାବିକାଠି

ଭୁବନେଶ୍ୱର, ୭।୯ (ମହାଭାରତ): ଶିଳ୍ପ ମାଧ୍ୟମରେ ରାଜ୍ୟରେ ଅର୍ଥନୈତିକ ବିକାଶ ହୋଇପାରିବ। କ୍ଷୁଦ୍ର, ମଧ୍ୟମ, ଲଘୁ ଶିଳ୍ପ ଜରିଆରେ ଅଧିକ ରୋଜଗାର ସୃଷ୍ଟି ହୋଇପାରିବ। ଆମ ସରକାର ଏହି ସମସ୍ତ ଦିଗରେ ପ୍ରୟାସ କରୁଛନ୍ତି। ଭାରତ ମସଲା ଭଳି ସଂସ୍ଥା ଏ କ୍ଷେତ୍ରରେ ପଥ ପ୍ରଦର୍ଶକ ଭଳି ଭୂମିକା ନେଇପାରିବେ ବୋଲି କଟକ ଜିଲ୍ଲା ବାରଙ୍ଗଠାରେ ଜୟ ଭାରତ ଫାଉଣ୍ଡେସନ ଓ ଭାରତ ମସଲା ପକ୍ଷରୁ ଅନୁଷ୍ଠିତ ୨୫ତମ ଭାରତ ପ୍ରତିଭା ସମ୍ମାନ ସମାରୋହରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।




ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ମାତ୍ର ୪୦୦ ଟଙ୍କା ମୂଳ ପୁଞ୍ଜିରୁ ଆରମ୍ଭ କରି ୬୦୦ କୋଟିରେ ପହଞ୍ଚିଥିବା ଭାରତ ମସଲା ଭଳି ସଂସ୍ଥା ଏ କ୍ଷେତ୍ରରେ ପଥ ପ୍ରଦର୍ଶକ ସାଜିଛି। ବ୍ୟକ୍ତିଗତ ଉଦ୍ୟମ କିପରି ସଫଳତାର ସ୍ତରକୁ ଛୁଇଁପାରେ ତାହା ଭାରତ ମସଲା କରି ଦେଖାଇଛି। ଷ୍ଟାର୍ଟ ଅପ୍ ଇଣ୍ଡିଆ। ଏଂ ଇନକ୍ୟୁବେସନ ସେଣ୍ଟର ଗୁଡ଼ିକ ଜରିଆରେ ପ୍ରତିବର୍ଷ ୧୦୦୦ ଉଦ୍ୟୋଗୀଙ୍କୁ ସହାୟତା ଦିଆଯିବ ଏହା ସହିତ ରାଜ୍ୟରେ ଖୁବଶୀଘ୍ର ୧୧ ଟି ଏମଏସଏମଇ ପାର୍କ ମଧ ପ୍ରତିଷ୍ଠା କରାଯିବ। ଆମ ସରକାରଏମଏସଏମଇ ୟୁନିଟ ଗୁଡ଼ିକୁ ଆର୍ଥିକ ସହାୟତା, ସୁଧ ଫେରସ୍ତ ଓ ପୁଞ୍ଜି ପ୍ରବାହ ପାଇଁ ମଧ ବ୍ୟବସ୍ଥା କରିଛନ୍ତି। ୨୦୩୬ ମସିହାର ସମୃଦ୍ଧ ଓଡ଼ିଶା ଓ ୨୦୪୭ ମସିହାରେ ବିକଶିତ ଓଡ଼ିଶା ଲକ୍ଷ୍ୟ ହାସଲ ହେବାକୁ ଯାଉଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଯୁବ ବର୍ଗଙ୍କୁ ଷ୍ଟାର୍ଟ ଅପ୍ ଓ ଏମଏସଏମଇ କ୍ଷେତ୍ରରେ ନୂତନ ଉଦ୍ୟୋଗ ପ୍ରତିଷ୍ଠା କରିବା ଆହ୍ୱାନ କରିଥିଲେ। ଅନ୍ୟତମ ଅତିଥିଭାବେ ରାଜ୍ୟ ପଞ୍ଚାୟତି ରାଜ ଓ ପାନୀୟ ଜଳ ମନ୍ତ୍ରୀ ଶ୍ରୀ ରବି ନାରାୟଣ ନାୟକ କହିଥିଲେ ଯେ ଓଡିଶାର ଚାଷୀମାନଙ୍କୁ ମସଲା ଜାତୀୟ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଉତ୍ସାହିତ କରୁଛି ଭାରତ ମସଲା।

ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଏମଏସଏମଇ କ୍ଷେତ୍ରରେ ଆମ ରାଜ୍ୟର ଯୁବକ ଯୁବତୀମାନଙ୍କ ପାଇଁ ଅନେକ ସୁବିଧା କରାଯାଇଛି। ଏମଏସଏମଇ ୟୁନିଟ୍ ଯେତେ ଅଧିକ ହେବ ଆମ ରାଜ୍ୟରେ ନିଯୁକ୍ତି ସେତେ ଅଧିକ ବଢିବ ବୋଲି ସେ କହିଥିଲେ। କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ, କମ୍ପାନୀର ପ୍ରତିଷ୍ଠାତା ଶ୍ରୀ ସୁରେନ୍ଦ୍ର ନାଥ ପଣ୍ଡା ଏବଂ ପରିଚାଳନା ନିର୍ଦ୍ଦେଶକ ସୁଶାନ୍ତ କୁମାର ପଣ୍ଡା କାର୍ଯ୍ୟକ୍ରମରେ ତାଙ୍କର ବକ୍ତବ୍ୟ ରଖିଥିଲେ।

# ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ



ଭୁବନେଶ୍ୱର, ୭।୯ (ମହାଭାରତ): ରାଜ୍ୟ ସରକାରଙ୍କ ଦ୍ୱାରା ମହିଳା ମାନଙ୍କ ପାଇଁ ଉଦ୍ଦିଷ୍ଟ 'ସୁଭଦ୍ରା ଯୋଜନା' ଘୋଷଣା ହେବା ପରେ ଆଜି ଏ ନେଇ ଏକ ସଚେତନତା ରଥ ଖୋର୍ଦ୍ଧା ଜିଲ୍ଲା ପ୍ରଶାସନ ପକ୍ଷରୁ ଆରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ୩ ଗୋଟି ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ କରିଛନ୍ତି।

ଖୋର୍ଦ୍ଧା ଜିଲ୍ଲାରେ ୬ ଗୋଟି ବ୍ଲକ୍‌ରେ ଏହି ୩ଟି ରଥ ପରିକ୍ରମା କରିବ। ପରିକ୍ରମା ସମୟରେ ସୁଭଦ୍ରା ସଚେତନତା ସଂଗୀତ ପ୍ରଚାର କରିବ। ପ୍ରତି ୨ଗୋଟି ବ୍ଲକ୍‌କୁ ଗୋଟିଏ ଲେଖାଏଁ ରଥ ଉଦ୍ଦିଷ୍ଟ ରହିଛି। ଏହି କାର୍ଯ୍ୟକ୍ରମରେ ଜୟଦେବ ବିଧାୟକ ନବକିଶୋର ମଲିକ, ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ କୁମାର ଜଗଦେବ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ / ଜିଲ୍ଲା ପରିଷଦ ଅଧ୍ୟକ୍ଷା ରୁପଶ୍ରୀରାଣୀ ଗୁମାନସିଂହ/ ପୌର ପରିଷଦ ଅଧ୍ୟକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଜିଲ୍ଲାପାଳ ଚଞ୍ଚଳ ରାଣା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ସାଫଲ୍ୟ ମଣ୍ଡିତ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ପ୍ରତାପ ଚନ୍ଦ୍ର ବେଉରା, ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ, ଜିଲ୍ଲା ପରିଷଦ କସ୍ତୁରୀବାଳା ଜେନା, ଉପ-ଜିଲ୍ଲାପାଳ ଖୋର୍ଦ୍ଧା ଦିପ୍ତି ରଞ୍ଜନ ସେଠି/ତହସିଲଦାର /ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, କୁସୁମ ପ୍ରହରାଜ, ସ୍ୱୟଂ ସହାୟକ ମହିଳା/ ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ, ଜ୍ୟୋତ୍ସ୍ନା ମୟୀ ଆଚାର୍ଯ୍ୟ /ଜିଲ୍ଲାର ବିଭିନ୍ନ ପଦାଧିକାରୀ, ବ୍ଲକ୍ ଫେଡେରାଲ ପ୍ରେସିଡେଣ୍ଟ, ସେକ୍ରେଟାରୀ ଓ ଜନ ସାଧାରଣ ପ୍ରମୁଖ ଯୋଗ ଦେଇଥିଲେ।

# ସାତକୋଶିଆ ଜଗିବେ ସ୍ପେଶାଲ ଫୋର୍ସ

ଭୁବନେଶ୍ୱର, ୭।୯ (ମହାଭାରତ): ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣ (ଏନଟିସିଏ) ବାଘକୁ ଅନୁମୋଦନ କରିବା ପରେ ବାଘଙ୍କ ସୁରକ୍ଷା ପାଇଁ ବନ ବିଭାଗ ଏକ ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ (ଏସଟିପିଏଫ) ଗଠନ କରିଛି। ଓଡ଼ିଶାର ସାତକୋଶିଆ। ଟାଇଗର ରିଜର୍ଭରେ ପୁଣି ବ୍ୟାଘ୍ର ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା ହୋଇଛି।

କେନ୍ଦ୍ରୀୟ କର୍ତ୍ତୃପକ୍ଷ ଏହାକୁ ସ୍ଥଗିତ ରଖିବାର ପ୍ରାୟ ସାଢେ ଚାରି ବର୍ଷ ପରେ ଏନଟିସିଏର ଏହି ନିଷ୍ପତ୍ତି ଆସିଛି। ପିସିସି ବନ କର୍ମଚାରୀ ଓ ଅବସରପ୍ରାପ୍ତ ଅଧିକାରୀଙ୍କୁ ମିଶାଇ ଏସଟିଏଫରେ ମୋଟ ୩୦ଜଣ ସଦସ୍ୟ ରହିଛନ୍ତି। ଚିଫ୍ ୱାଇଲ୍ଡ ଲାଇଫ୍ ୱାର୍ଡେନ ସୁଶାନ୍ତ ନନ୍ଦଙ୍କ ଅନୁଯାୟୀ, NTCA ନିୟମ ଅନୁଯାୟୀ ଶୀକାରୀଙ୍କ ମୁକାବିଲା କରିବା ପାଇଁ ଏହି ଟିମ୍ ଗଠନ କରାଯାଇଛି। ଜଙ୍ଗଲ ଭିତରେ କିଭଳି ଭାବେ ବୁଲିବେ ଏବଂ ବନ୍ୟପ୍ରାଣୀଙ୍କ ସୁରକ୍ଷାରେ ନିୟୋଜିତ ହେବେ, ସେନେଇ ଅବସରପ୍ରାପ୍ତ ସୈନିକଙ୍କ ଦ୍ୱାରା ତାଲିମ ଦିଆଯାଉଛି। ଅଭୟାରଣ୍ୟରେ ଏସଟିପିଏଫ୍ ନିୟୋଜିତ ହେବାରେ ଓଡ଼ିଶା ଦେଶର ପ୍ରଥମ ରାଜ୍ୟରେ ପରିଣତ ହୋଇଛି।

ଏହି ପ୍ରକଳ୍ପର ଏକ ଅଂଶ ଭାବରେ ମହାରାଷ୍ଟ୍ରର ତାଡୋବା ରିଜର୍ଭରୁ ପାଞ୍ଚ ବର୍ଷ ମଧ୍ୟରେ ୧୫ଟି ବାଘଙ୍କୁ ପର୍ଯ୍ୟାୟକ୍ରମେ ସାତକୋଶିଆକୁ ସ୍ଥାନାନ୍ତର କରାଯିବ ବୋଲି ରିପୋର୍ଟରୁ ପ୍ରକାଶ।

୨୦୧୮ରେ ଦେଶର ପ୍ରଥମ ବ୍ୟାଘ୍ର ସ୍ଥାନାନ୍ତର ପ୍ରକଳ୍ପର ଅଂଶ ଭାବରେ ମଧ୍ୟପ୍ରଦେଶର କାହ୍ନା ଜାତୀୟ ଉଦ୍ୟାନରୁ ଦୁଇଟି ବାଘ ସୁନ୍ଦରୀ ଏବଂ ମହାବୀରଙ୍କୁ ସାତକୋଶିଆକୁ ଅଣାଯାଇଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ମହାବୀରର ମୃତ୍ୟୁ

# ବିଘ୍ନନାଶକଙ୍କ ଆବାହନରେ ରାଜ୍ୟ ଉତ୍ସବ ମୁଖର

ଭୁବନେଶ୍ୱର, ୭।୯ (ମହାଭାରତ): ଅଗ୍ରପୂଜ୍ୟ ଗଜାନନଙ୍କ ଜନ୍ମ ତିଥି ପାଳୁଛି ସାରା ଦେଶ। ଆମ ରାଜ୍ୟରେ ବି ସବୁ ସ୍ଥାନରେ ବିଘ୍ନ ବିନାଶନଙ୍କୁ ଆରାଧନା କରାଯାଇଛି। ଏଥିପାଇଁ ଆଜି ଉତ୍ସବମୁଖର ହୋଇପଡିଛି ଗାଁରୁ ସହର। ତେବେ ରାଜ୍ୟର ବିଭିନ୍ନ ସ୍ଥାନରେ ଭିନ୍ନ ଭିନ୍ନ ପ୍ରକାରର ଗଣେଶ ମୂର୍ତ୍ତି କରାଯାଇଛି। କେଉଁଠି ବାଦାମରେ ତ କେଉଁଠି ଗଛରେ ଗଣେଶ। ଆଉ କେଉଁଠି ଦୋଳିରେ ଝୁଲୁଛନ୍ତି ଗଜାନନ। ଭୁବନେଶ୍ୱର ଷ୍ଟେସନ ବଜାର ନିକଟ ବୁଦ୍ଧେଶ୍ୱରୀ କଲୋନୀରେ ବାଦାମରେ ଅତି ସୁନ୍ଦର ଭାବେ ଗଣେଶ ମୂର୍ତ୍ତି କରାଯାଇଛି। ଭୁବନେଶ୍ୱର ବକୁଳ ଫାଉଣ୍ଡେସନ୍ ପକ୍ଷରୁ ଗଛରେ ହୋଇଛନ୍ତି ଗଣେଶ। ଗଛରେ ପୂଜା ପାଉଛନ୍ତି ଗଣେଶ ଆଉ ପାଖରେ ପଇଡ଼ ସାଜିଛନ୍ତି ବାହାନ ମୂଷିକ।ପରିବେଶର



ସୁରକ୍ଷା ସହ ପ୍ରକୃତିର ସୁରକ୍ଷା ବର୍ତ୍ତମାନ ସମୟର ବଡ଼ ଆହ୍ୱାନ ହୋଇଥିବା ବେଳେ ଗଛକୁ ଗଣେଶ ରୂପେ ସଜାଇ ଏହି ଗଣେଶ ପୂଜା ପାଳନ କରାଯାଉଛି। ବାଲେଶ୍ୱରରେ ଦୋଳିରେ ଝୁଲୁଛନ୍ତି ଗଣେଶୟ ବାଲେଶ୍ୱର ଜିଲ୍ଲା ଜଳେଶ୍ୱରରେ ଅଗ୍ରପୂଜ୍ୟ ଦୋଳିରେ ଝୁଲୁଥିବା ଦେଖିବାକୁ ମିଳିଛି। ତେବେ ଗଣେଶ ପୂଜା ପାଇଁ ପ୍ରସିଦ୍ଧି ଲାଭ କରିଥିବା ଜଟଣିରେ ବେଶ୍ ଆଡମ୍ବର ସହକାରେ ପୂଜା ପାଳନ କରାଯାଉଛି। ଜଟଣିର ବିଭିନ୍ନ ଛକରେ ବିରାଟକା। ଆକର୍ଷଣୀୟ ମୂର୍ତ୍ତି ବିରାଜିତ ହୋଇଛନ୍ତି।

ସେହିପରି ସାରାଦେଶ ଭିତରେ ମହାରାଷ୍ଟ୍ରର ଗଣପତି ପୂଜାର ସ୍ୱତନ୍ତ୍ରତା ରହିଛି। ୧୦ଦିନ ଧରି ବିଭିନ୍ନ ପେଣ୍ଡାଲଠୁ ନେଇ ଘରେ ଘରେ ପୂଜା ପାଆନ୍ତି ବିଘ୍ନବିନାଶକ। ପ୍ରତିବର୍ଷ ପରି ଏଥରକ ବେଶ ଜାକଜକମ ଓ ଧୁମଧାମରେ ପାଳନ ହେଉଛି ଗଣେଷ ପୂଜା ୟ ପୂର୍ବଠୁ ପର୍ଶ୍ଚିମ, ଉତ୍ତରଠୁ ଦକ୍ଷିଣ ଆବାହନ ପାଇଁ ସବୁଠି ଉତ୍ସାହ। ଗାଁଠୁ ସହର ସବୁଠି ଚଳଚଞ୍ଚଳ। ସମସ୍ତେ ଗଣପତିଙ୍କ ଆରାଧନାରେ ଲାଗିପଡିଛନ୍ତି।

ସାରାଦେଶ ଭିତରେ ମହାରାଷ୍ଟ୍ରର ଗଣପତି ପୂଜାର ସ୍ୱତନ୍ତ୍ରତା ରହିଛି ୟ ୧୦ଦିନ ଧରି ବିଭିନ୍ନ ପେଣ୍ଡାଲଠୁ ନେଇ ଘରେ ଘରେ ପୂଜା ପାଆନ୍ତି ବିଘ୍ନବିନାଶକ। ବିଶାଳ ପେଣ୍ଡାଳ ସାଙ୍ଗକୁ ଆକାଶ ଉଚ୍ଚ ମୂର୍ତ୍ତି ସବୁବେଳେ ଧ୍ୟାନ ଆକର୍ଷଣ କରିଥାଏ। ଏଥରକ ମଧ ରୀତିନୀତି ସହ ଲାଲବାଗ ରାଜଙ୍କ ପୂଜା ସର୍ବପ୍ରଥମେ କରାଯାଇଥିବା ବେଳେ ଦର୍ଶନ ପାଇଁ ଭକ୍ତଙ୍କ ଭିଡ ଜମିଛି।

# ସେବାଶ୍ରମ ହଷ୍ଟେଲ୍ ଗୁଡ଼ିକରେ ପିଲା ମାନଙ୍କୁ ଚିକେନ୍ ରନ୍ଧାଖାଦ୍ୟ ଦିଆଯାଉଛି

ଭୁବନେଶ୍ୱର, ୭।୯ (ମହାଭାରତ): ରାଜ୍ୟରେ ବାର୍ଡଫ୍ଲୁ ବ୍ୟାପୁଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ବିଭାଗର ହଷ୍ଟେଲ୍ ଗୁଡ଼ିକରେ ଚିକେନ୍ ରନ୍ଧାଯାଇ ପିଲାମାନଙ୍କୁ ଦିଆଯାଉଛି । ହଷ୍ଟେଲ୍ ପରିଚାଳନା ଦାୟିତ୍ୱରେ ଥିବା ପ୍ରଧାନଶିକ୍ଷକମାନେ କମ୍ ଦାମ୍‌ରେ ରୋଗଗ୍ରସ୍ତ ଥିବା ଚିକେନ୍ ଗୁଡ଼ିକୁ ମଗାଇ ପିଲାମାନଙ୍କୁ ଦିଆଯାଉଛି । ଗତ ୧.୯.୨୦୨୪ରିଖ ରବିବାର ରାଜ୍ୟରେ ଥିବା ସମସ୍ତ ସେବାଶ୍ରମ ଓ ହଷ୍ଟେଲ୍ ଗୁଡ଼ିକରେ ପିଲାମାନଙ୍କୁ ଚିକେନ୍ ତରକାରୀ ଦିଆଯାଇଛି ଏବଂ ପ୍ରଧାନଶିକ୍ଷକଙ୍କ ସହଯୋଗୀମାନେ ମଟନ ରାନ୍ଧୀ ଖାଉଥିବା ବେଳେ ପିଲାମାନଙ୍କୁ ଏଭଳି ଅଖାଦ୍ୟ ଦେବା କେତେଦୂର ଯଥାର୍ଥ ବୋଲି ଅନୁସୂଚିତ ଜାତି ଓ ଜନଜାତି ବିଭାଗର ରୋଷେୟା ଓ ସେବାୟତ ଏବଂ ମେଟ୍ରୋନ୍ ସଂଘର ରାଜ୍ୟ ଆବାହକ ଦିଗମ୍ବର ଜେନା ପ୍ରଶ୍ନ କରିଛନ୍ତି । ବାର୍ଡଫ୍ଲୁ ରାଜ୍ୟରେ ଆତଙ୍କ ସୃଷ୍ଟି କରି ହଜାର ହଜାର କୁକୁଡା ମୃତ୍ୟୁବରଣ କରୁଥିବା ବେଳେ ୩୦ଗୋଟି ଜିଲ୍ଲାର ମଙ୍ଗଳ ଅଧିକାରୀ ମୋହଦୟମାନେ ଏଭଳି ସଂକ୍ରାମକ ରୋଗରେ ଥିବା କୁକୁଡା ମାଂସଗୁଡ଼ିକ ହଷ୍ଟେଲ୍‌ରେ ରନ୍ଧାଯାଇ ପିଲାମାନଙ୍କୁ କେମିତି ଦିଆଯାଉଛି, ମଙ୍ଗଳ ଅଧିକାରୀଙ୍କ ନଜରରେ ନ ଆସିବା ବଡ଼ ଦୁଃଖଦାୟକ। ଖୁବ୍ ଶୀଘ୍ର ଏକ ନିର୍ଦ୍ଦେଶନାମା ସରକାର ଜାରୀ କରି ଏଭଳି ଅଖାଦ୍ୟକୁ ବନ୍ଦ କରାନଗଲେ ପିଲାମାନେ ସଂକ୍ରମିତ ହେବେ ।

ପ୍ରଧାନଶିକ୍ଷକମାନେ ପିଲାମାନଙ୍କୁ ନିମ୍ନମାନର ଖାଦ୍ୟ ଦେଇଥିବାରୁ ଅନେକ ପିଲାମାନେ ରୋଗାଗ୍ରସ୍ତ ହୋଇ ଡାକ୍ତରଖାନାରେ ମୃତ୍ୟୁବରଣ କରୁଥିବା ବେଳେ ୨୪ଘ। କାର୍ଯ୍ୟରତ ମେଟ୍ରୋନ୍ ମାନଙ୍କୁ ଦୋଷି ସାବ୍ୟସ୍ତ କରାଯାଇ ବହିଷ୍କାର କରାଯାଉଛି । କିନ୍ତୁ ଅଖାଦ୍ୟ ଦେଉଥିବା ପ୍ରଧାନଶିକ୍ଷକମାନଙ୍କୁ ଜିଲ୍ଲା ମଙ୍ଗଳ ଅଧିକାରୀ ପୁରସ୍କାର ସୂଚକ ତିନି/ଚାରିମାସ ନିଲମ୍ବିତ କରି ନିଜ ଉପରୁ ଦୋଷ ଛଡ଼ାଇ ଧର୍ମକୁ ଆଖିଠାର ଦେଇ ଚାଲିଛନ୍ତି । ଏଭଳି ଅବ୍ୟବସ୍ଥାକୁ ଯଦି ପରିବର୍ତ୍ତନ ନ ଅଣାଯାଏ, ତାହେଲେ ଆଗକୁ ବହୁତ ମହଙ୍ଗା ପଡ଼ିବ ବୋଲି ଶ୍ରୀ ଜେନା ସତର୍କ କରାଇ ମାନ୍ୟବର ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଏକ ଚିଠି ଲେଖି ନିବେଦନ କରିଛନ୍ତି।

# ଦୁବାଇ ଗଲା ଉପମୁଖ୍ୟମନ୍ତ୍ରୀଙ୍କ ଜମିରୁ ଉତ୍ପାଦିତ ଡ୍ରାଗନ ଫଳ

ଭୁବନେଶ୍ୱର, ୭।୯ (ମହାଭାରତ): ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ଚାଷ ଜମିରୁ ଉତ୍ପାଦିତ ଡ୍ରାଗନ ଫଳ ଦୁବାଇ ପଠାଯାଇଛି । ଓଡ଼ିଶାରେ ଏହା ପ୍ରଥମ ଘଟଣା। କୃଷି ଓ କୃଷକକୁ ଗୁରୁତ୍ୱ ଦେଉଥିବା ସରକାରରେ ଦେଖିବାକୁ ମିଳିଛି ଏଭଳି ଉଦାହରଣ। ଉପମୁଖ୍ୟମନ୍ତ୍ରୀ ନିଜେ ଜଣେ ଗର୍ବିତ ଚାଷୀ ଭାବେ ନିଜକୁ ପରିଚୟ ଦେଇଛନ୍ତି । କୋଭିଡ ସମୟରୁ ସେ ଏହି ଚାଷ କରିଥିବା କଥା କହିଛନ୍ତି। ଭୁବନେଶ୍ୱର ବିମାନବନ୍ଦରରୁ ଆଜି ଏହା ଦୁବାଇକୁ ଟ୍ରାନ୍ସପୋର୍ଟ ହୋଇଛି। ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂ ଦେଓଙ୍କ ବଲାଙ୍ଗୀର ଓ ପାଟଣାଗଡ଼ ଚାଷ ଜମିରୁ ଉତ୍ପାଦିତ ହୋଇଥିବା ଫଳକୁ ପଠାଯାଇଛି। ୩ ବର୍ଷ ତଳୁ କନକ ବର୍ଦ୍ଧନ ଏହି ଫଳ ଚାଷ କରୁଥିବା କହିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହା ସଂପୂର୍ଣ୍ଣ ଜୈବିକ ପଦ୍ଧତିରେ ଚାଷ କରାଯାଇଛି। ୨୦୨୧ରୁ ଆରମ୍ଭ ହୋଇ ଏ ପର୍ଯ୍ୟନ୍ତ ଚାଲିଛି। ଇଂଟରନେଟ ମାଧ୍ୟମରେ ପଦ୍ଧତି ମଧ ଜାଣିବାକୁ ପାଇଥିଲି । ଏହି ବର୍ଷ ୬୦ କୁଇଂଟାଲ ଫଳ ବାହାରିଛି। ଗତ ବର୍ଷ ଏହି ଫଳ ୩ ମାସ ଷ୍ଟୋରେଜ ହୋଇ ରହିପାରିଥିଲା। କ୍ୟାନ୍ସର ଓ ଡାଇବେଟିସ ରୋଗୀଙ୍କ ପାଇଁ ଏହି ଫଳ ବେଶ ଉପକାରୀ। ମୁଁ ବେଶ ଖୁସି । ରାଜନୀତି କରିବା ଭିତରେ ବି ଚାଷ କରୁଥିଲି, ଚାଷ ମତେ ଖୁସି ଦିଏ। ଲଙ୍ଗଳ ଧରି ମଧ ମୁଁ କାମ କରିଛି, ଏବେ ତ ନୂଆ ଟେକନିକ ଆସିଛି।

# ବସନ୍ତ ବିଶ୍ୱାଳ ପୁରସ୍କାର ପ୍ରଦାନ

ଭୁବନେଶ୍ୱର, ୭।୯ (ମହାଭାରତ): ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ପୂର୍ବତନ ସଭାପତି ସ୍ୱର୍ଗତ ବସନ୍ତ କୁମାର ବିଶ୍ୱାଳଙ୍କ ଶ୍ରାଦ୍ଧ ଦିବସକୁ 'ବସନ୍ତ ଦିବସ' ରୂପେ ରାଜ୍ୟ କାର୍ଯ୍ୟାଳୟ ତରଫରୁ ପାଳନ କରାଯାଇଛି। ଏହି ଅବସରରେ ରାଜ୍ୟ ମୁଖ୍ୟ କମିଶନର ତଥା ଜାତୀୟ ଉପସଭାପତି ଡଃ. କାଳିପ୍ରସାଦ ମିଶ୍ରଙ୍କ ପୌରୋହିତ୍ୟରେ ଏକ ସ୍ମୃତିସଭା ଅନୁଷ୍ଠିତ ହୋଇଥିଲା। ସେହି ମହାନ ବ୍ୟକ୍ତିତ୍ୱର ସ୍ମୃତ୍ୟାର୍ଥେ ବିଭିନ୍ନ ଜିଲ୍ଲାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ୩୪ ଜଣଙ୍କୁ ଜିଲ୍ଲା ଏବଂ ରାଜ୍ୟସ୍ତରରେ ସ୍କାଉଟିଂର ଉନ୍ନତି ଲାଗି 'ବସନ୍ତ ବିଶ୍ୱାଳ ପୁରସ୍କାର' ମହିଳା କମିଶନର ଅଧ୍ୟକ୍ଷା ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ଉପସଭାପତି ଡଃ. (ଶ୍ରୀମତୀ) ମିନତୀ ବେହେରା, ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର




ପାଇକରାୟଙ୍କ ଦ୍ୱାରା ପ୍ରଦାନ କରାଯାଇଥିଲା। ଉପସ୍ଥିତ ସ୍କାଉଟ ମାଷ୍ଟର ଏବଂ ଗାଇଡ୍ କ୍ୟାପଟେନମାନେ ସ୍ୱର୍ଗତ ବିଶ୍ୱାଳଙ୍କର ବହୁମୁଖୀ ପ୍ରତିଭାର ସ୍ମୃତିଚାରଣ ବେଳେ ଡଃ. ବେହେରା ସ୍ୱର୍ଗତ ବିଶ୍ୱାଳଙ୍କର ଓଡିଶା ଲାଗି ଅବଦାନ ଅମଳିନ ଅବିସ୍ମରଣୀୟ ବୋଲି କହିଥିଲେ। ରାଜ୍ୟ ଗାଇଡ୍ ସଂଗଠନ କମିଶନର ଏବଂ ଆଡମିନିଷ୍ଟ୍ରେଟିଭ୍ ଅଫିସର ଶ୍ରୀମତୀ ଅନାମିକା ଦାସ ସଭା ପରିଚାଳନା କରିଥିଲେ। ଚଳିତ ବର୍ଷ "ବସନ୍ତ ବିଶ୍ୱାଳ ପୁରସ୍କାର" ପାଇଥିବା ସମସ୍ତଙ୍କୁ ମାନ୍ୟବର ପୂର୍ବତନ ମନ୍ତ୍ରୀ ତଥା ଓଡିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍‌ର ସଭାପତି ଅତନୁ ସବ୍ୟସାଚୀ ନାୟକ ଶୁଭେଚ୍ଛା ଜ୍ଞାପନ କରିଥିଲେ।

# ସାମସଙ୍ଗ ପକ୍ଷରୁ 'ସ୍ଲଭ୍ ଫର୍ ଟୁମୋରୋ' ଗ୍ରାଣ୍ଡ ଫାଇନାଲ

ଭୁବନେଶ୍ୱର, ୭।୯ (ମହାଭାରତ): ସାମସଙ୍ଗ ଇଣ୍ଡିଆ ଏହାର ଫ୍ଲାଗସିପ ସିଏସଆର କାର୍ଯ୍ୟକ୍ରମ 'ସ୍ଲଭ୍ ଫର୍ ଟୁମୋରୋ' ୨୦୨୪ର ଶ୍ରେଷ୍ଠ ୧୦ ଦଳ ଘୋଷଣା କରିଛି। ଶ୍ରେଷ୍ଠ ୧୦ଟି ଦଳ ବର୍ତ୍ତମାନ ଗ୍ରାଣ୍ଡ ଫାଇନାଲରେ ସାମସଙ୍ଗର ନେତୃତ୍ୱ ଏବଂ ଅନ୍ୟାନ୍ୟ ପ୍ରମୁଖ ଶିଳ୍ପପତିମାନଙ୍କୁ ନେଇ ଗଠିତ ଏକ ଗ୍ରାଣ୍ଡ ଜୁରି ସମ୍ମୁଖରେ ସେମାନଙ୍କର ଅନନ୍ୟ ଧାରଣା ଉପସ୍ଥାପନ କରିବେ। ଏହି ତାଲିକାଭୁକ୍ତ ଦଳଗୁଡିକ ମଧ୍ୟରୁ କେତେକ ଦେଶର ଦୂର୍ଗମ ଅଂଚଳରୁ ଆସିଛନ୍ତି। ସେଥିମଧ୍ୟରେ ଆସାମର ଗୋଲାଘାଟ ଏବଂ କାମରୂପ ଗ୍ରାମୀଣ, ରାଜସ୍ଥାନର ଝାଲାୱାର, କର୍ଣ୍ଣାଟକର ଉଡୁପି ଏବଂ ଛତିଶଗଡର ବିଲାସପୁର ଅଂଚଳରୁ ଆସିଥିବା ପ୍ରତିଯୋଗୀ ଅଛନ୍ତି। ଏହି ଫାଇନାଲିଷ୍ଟମାନେ ସାମସଙ୍ଗ ଜୁରି ସଦସ୍ୟଙ୍କୁ ଏକାଧିକ ରାଉଣ୍ଡ ପିଚ ଉପସ୍ଥାପନା ତଥା ସାମସଙ୍ଗ ଏବଂ ଫାଉଣ୍ଡେସନ ଫର ଇନୋଭେସନ ଆଣ୍ଡ ଟେକ୍ନୋଲୋଜି ଟ୍ରାନ୍ସଫର (ଏଫଆଇଟିଟି), ଆଇଆଇଟି ଦିଲ୍ଲୀର ବିଶେଷଜ୍ଞଙ୍କ ଦ୍ୱାରା ଏକାଧିକ ରାଉଣ୍ଡ ପିଚ ଉପସ୍ଥାପନା ସହିତ ଏକ କଠୋର ଚୟନ ପ୍ରକ୍ରିୟା ଅତିକ୍ରମ କରିଥିଲେ । ପୁରସ୍କାର ସ୍ୱରୂପ ଏହି ୨୦ ଟିମର ପ୍ରତ୍ୟେକଙ୍କୁ ପ୍ରୋଟୋଟାଇପ ବିକାଶ ପାଇଁ ୨୦,୦୦୦ ଟଙ୍କାର ଅନୁଦାନ ମିଳିଥିଲା। ଯୁବ ଟ୍ରାକର ସର୍ଟଲିଷ୍ଟ ହୋଇଥିବା ଦଳଗୁଡିକ ସାମସଙ୍ଗ ଗାଲାକ୍ସି ଲାପଟପ ଗ୍ରହଣ କରିଥିବାବେଳେ ସ୍କୁଲ୍ ଟ୍ରାକର ଦଳ ଗାଲାକ୍ସି ଟ୍ୟାବ ଗ୍ରହଣ କରିଥିଲେ। କାର୍ଯ୍ୟକ୍ରମର ତୃତୀୟ ସଂସ୍କରଣରେ, ଛାତ୍ରମାନେ 'ସମ୍ପ୍ରଦାୟ ଏବଂ ଅନ୍ତର୍ଭୁକ୍ତୀକରଣ' ଏବଂ 'ପରିବେଶ ଏବଂ ନିରନ୍ତରତା' ଦୁଇଟି ଧାରଣା ଥିମ ଅଧୀନରେ ନିଜର ଚିନ୍ତାଧାରା ଦାଖଲ କରିଥିଲେ।

# ଜାୱା ୪୨ ଏଫଜେ ଉନ୍ମୋଚିତ

ଭୁବନେଶ୍ୱର, ୭।୯ (ମହାଭାରତ): ଜାୱା ଜେୟଦୀ ମୋଟରସାଇକଲସ ପକ୍ଷରୁ ସମ୍ପୂର୍ଣ୍ଣ ନୂଆ ୩୫୦ ଜାୱା ୪୨ ଏଫଜେକୁ ଉନ୍ମୋଚନ କରାଯାଇଛି। ଜାୱାର ୪୨ ଓ ୪୨ ବବରର ସଫଳତା ଆଧାରରେ ଗଠନ କରାଯାଇଥିବା ୩୫୦ ଜାୱା ୪୨ ଏଫଜେ '୪୨ ଲାଇଫ'ରେ ନୂତନ ଅଧ୍ୟାୟ ଯୋଡ଼ିଛି ଯାହା ହେଉଛି ଉତ୍କୃଷ୍ଟ ଡିଜାଇନ ଓ ଅତୁଳନୀୟ ଗାଡ଼ି ଚାଳନା ଅନୁଭୂତିକୁ ପ୍ରଦାନ କରୁଛି। ଜାୱାର ପ୍ରତିଷ୍ଠାତା ଫ୍ରାଂଟିସେକ ଜାନେକେକଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ଏହି ମୋଟରସାଇକଲର ନାମକରଣ କରାଯାଇଛି। ଆଧୁନିକ ମୋଟର ସାଇକଲ ଉତ୍ସାହୀମାନଙ୍କୁ ବଳିଷ୍ଠ ଓ ଆଧୁନିକ ଗାଡ଼ିଚାଳନା ଅନୁଭୂତି ପ୍ରଦାନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ମୋଟରସାଇକଲ ଜରିଆରେ ଜାୱା ଡିଜାଇନ, ଶକ୍ତି, ଉପସ୍ଥିତି ଓ ଅତ୍ୟାଧୁନିକ ପ୍ରଯୁକ୍ତିର ମିଶ୍ରଣରେ ୨୦୨୪ରେ ଏହି ବର୍ଗରେ ନୂତନ ମାନଦଣ୍ଡ ଧାର୍ଯ୍ୟ କରିବାକୁ ପ୍ରସ୍ତୁତ ରହିଛି।

# ଜାତୀୟ ଆଇଟି ନୀତି ପ୍ରସ୍ତୁତି ଉପରେ ମାନସ ମନ୍ଥନ

ଭୁବନେଶ୍ୱର, ୭।୯ (ମହାଭାରତ): ଇଲେକ୍‌ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ (ଏମ୍‌ଇଆଇଟିୱାଇ), ଭାରତ ସରକାର ଏବଂ ସଫ୍ଟୱେର ଟେକ୍‌ନୋଲୋଜି ପାର୍କସ୍ ଅଫ ଇଣ୍ଡିଆ (ଏସଟିପିଆଇ) ପକ୍ଷରୁ ଜାତୀୟ ଆଇଟି ନୀତି ପ୍ରସ୍ତୁତି ଉପରେ ଏକ ମାନସ ମନ୍ଥନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଶ୍ରୀ ଏସ୍ କ୍ରିଷ୍ଣନ୍, ସେକ୍ରେଟାରୀ, ଏମ୍‌ଇଆଇଟିୱାଇ, ଭାରତ ସରକାର ଅଧ୍ୟକ୍ଷତା କରିବା ସହିତ ବିଶ୍ୱ ପ୍ରଯୁକ୍ତି ଦୃଶ୍ୟପଟ୍ଟରେ ଭାରତର ଆକାଙ୍କ୍ଷା ସହିତ ମେଳ ଖାଉଥିବା ଅଗ୍ରଣୀ ଆଇଟି ନୀତିକୁ ରୂପରେଖ ଦେବା ନିମନ୍ତେ ଆଇଟି ଶିଳ୍ପର ପ୍ରମୁଖ ସହଭାଗୀମାନଙ୍କ ନିକଟରୁ ଅନ୍ତର୍ଦୃଷ୍ଟି ଏବଂ ସେମାନଙ୍କର ଦୃଷ୍ଟିକୋଣ ଉପସ୍ଥାପନ କରାଯିବା ଚାହିଁଥିଲେ।

ଏହି ଅଧିବେଶନରେ ଶ୍ରୀ ଅରବିନ୍ଦ କୁମାର, ଡାଇରେକ୍ଟର ଜେନେରାଲ, ଏସଟିପିଆଇ, ଶ୍ରୀ ବିଶାଲ କୁମାର ଦେବ, ପ୍ରିନସିପାଲ ସେକ୍ରେଟାରୀ, ଇଲେକ୍‌ଟ୍ରୋନିକ୍ସ ଆଣ୍ଡ ଆଇଟି ବିଭାଗ, ଓଡ଼ିଶା ସରକାର, ଶ୍ରୀ କେ.କେ ସିଂ, ଜଏଂଟ ସେକ୍ରେଟାରୀ, ଏମ୍‌ଇଆଇଟିୱାଇ, ଭାରତ ସରକାର ଏବଂ ସେମାନଙ୍କ ସହିତ ଆଇଟି ଶିଳ୍ପ ଓ ପରିବ୍ୟବସ୍ଥା ସହଭାଗୀମାନଙ୍କ ନେତୃବୃନ୍ଦ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଆଇଟି/ଆଇଟିଇଏସ୍ ଶିଳ୍ପସମୂହ, ଶିଳ୍ପ ସଂଘ ଏବଂ ପରିବ୍ୟବସ୍ଥା ଅଂଶୀଦାରମାନଙ୍କରୁ ପ୍ରାୟ ୧୭୨ ଜଣ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ସେମାନଙ୍କର ମୂଲ୍ୟବାନ ପ୍ରସ୍ତାବ ଓ ତଥ୍ୟ ଉପସ୍ଥାପନ କରିଥିଲେ। ନିଜର ଉଦ୍‌ଯାପନୀ ଅଭିଭାଷଣରେ ଶ୍ରୀ ଏସ.କ୍ରିଷ୍ଣନ୍, ସେକ୍ରେଟାରୀ, ଏମ୍‌ଇଆଇଟିୱାଇ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କର ମୂଲ୍ୟବାନ ଅବଦାନ ନିମନ୍ତେ ଶୁଭେଚ୍ଛା ଜଣାଇଥିଲେ। ସେ ଜୋର୍ ଦେଇ କହିଥିଲେ ଯେ ସେମାନେ ପ୍ରଦାନ କରିଥିବା ମତାମତ ଏବଂ ଅନ୍ତର୍ଦୃଷ୍ଟି ଆଇଟି ଶିଳ୍ପ ଏବଂ ଦେଶର ପରିବର୍ତ୍ତିତ ଆବଶ୍ୟକତା ପୂରଣ ନିମନ୍ତେ ଏକ ସମାବେଶୀ ଓ ପୂର୍ଣ୍ଣାଙ୍ଗ ଜାତୀୟ ଆଇଟି ନୀତିକୁ ରୂପରେଖ ଦେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

ଶ୍ରୀ ସୂର୍ଯ୍ୟ ପଟ୍ଟନାୟକ, ଡାଇରେକ୍ଟର, ଏସ୍‌ଟିପିଆଇ, ଭୁବନେଶ୍ୱରଙ୍କ ଧନ୍ୟବାଦ ଅର୍ପଣ ସହିତ ଅଧିବେଶନ ସମାପ୍ତ ହୋଇଥିଲା।

# ରାପିଡୋ ପକ୍ଷରୁ ସିରିଜ ଇ-ପାଣ୍ଠି ହାସଲ

ଭୁବନେଶ୍ୱର, ୭।୯ (ମହାଭାରତ): ଭାରତର ସର୍ବବୃହତ ରାଇଡ୍ ସେୟାରିଂ ପ୍ଲାଟଫର୍ମ ରାପିଡୋ ଏହାର ସିରିଜ୍ ଇ ପାଣ୍ଠିରେ ୨୦୦ ନିୟୁତ ଡଲାରର ପ୍ରତିଶ୍ରୁତି ହାସଲ କରିଛି। ସିରିଜ୍ ଇ ପାଣ୍ଠି ପର୍ଯ୍ୟାୟର ନେତୃତ୍ୱ ନେଇଥିଲା ୱେଷ୍ଟବ୍ରିଜ୍ କ୍ୟାପିଟାଲ। ଏହା ଭାରତରେ ପୁଞ୍ଜିନିବେଶ ଉପରେ ଧ୍ୟାନ ଦେଉଥିବା ଏକ ପ୍ରମୁଖ ନିବେଶ ସଂସ୍ଥା । ଏହି ରାଉଣ୍ଡରେ ଥିଙ୍କ ଇନଭେଷ୍ଟମେଣ୍ଟ ଏବଂ ଇନଭସ୍ ଅପୋର୍ଚୁନିଟିଜ୍ ଭଳି ନୂଆ ନିବେଶକ ସମେତ ବର୍ତ୍ତମାନର ନିବେଶକ ନେକ୍ସସ୍ ମଧ ଅଂଶଗ୍ରହଣ କରିଥିଲା। ଏହି ନିବେଶ ରାପିଡୋର ମୂଲ୍ୟାୟନକୁ ୧.୧ ବିଲିୟନ ଡଲାରକୁ ବୃଦ୍ଧି କରିଛି। ଏହି ନିବେଶ ସହରାଞ୍ଚଳରେ ଗମନାଗମନକୁ ସୁଦୃଢ଼ କରିବ। ରାପିଡୋର ସହ ପ୍ରତିଷ୍ଠାତା ଅରବିନ୍ଦ ସାଙ୍କା କହିଛନ୍ତି ଯେ, "ପୁଞ୍ଜିର ଏହି ନୂତନ ବିନିଯୋଗ ସହିତ ଆମେ ଆମର ସେବାଗୁଡ଼ିକୁ ଅନୁସନ୍ଧାନ ଏବଂ ବିସ୍ତାର କରିବାକୁ ଆଗ୍ରହୀ ଅଛୁ। ଏହା ଦ୍ୱାରା ଆମେ ଆମର ଗ୍ରାହକମାନଙ୍କ ବିକଶିତ ଆବଶ୍ୟକତାକୁ ପୂରଣ କରୁଛୁ। ଗତ ଏକ ବର୍ଷ ମଧ୍ୟରେ ଆମେ ଉଲ୍ଲେଖନୀୟ ଅଭିବୃଦ୍ଧି ହାସଲ କରିଛୁ। ଆମର ଦୈନିକ ଯାତ୍ରା ୨.୫ ନିୟୁତକୁ ବୃଦ୍ଧି ପାଇଛି। ଏହି ନିବେଶ ଆମକୁ ଆମର ସେବାରେ ଅଭିନବତା ଏବଂ ଉନ୍ନତି ଜାରି ରଖିବାକୁ ସଶକ୍ତ କରିବ ଯାହା ଦ୍ୱାରା ଆମେ ଆମର ଗ୍ରାହକମାନଙ୍କୁ ଉତ୍ତମ ସେବା ଯୋଗାଇପାରିବୁ ଏବଂ ସମସ୍ତଙ୍କ ପାଇଁ ସହରୀ ଗମନାଗମନ ବୃଦ୍ଧି କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଅଗ୍ରଗତି ହାସଲ ହୋଇପାରିବ।" ୱେଷ୍ଟବ୍ରିଜ୍ କ୍ୟାପିଟାଲର ସହ-ପ୍ରତିଷ୍ଠାତା ତଥା ମ୍ୟାନେଜିଂ ପାର୍ଟନର ସମିର ଚଡ୍ଡା କହିଛନ୍ତି ଯେ, "ରାପିଡୋରେ ପ୍ରାରମ୍ଭିକ ପୁଞ୍ଜିନିବେଶ ହେବାର ପାଞ୍ଚ ବର୍ଷ ମଧ୍ୟରେ ଆମେ ଅରବିନ୍ଦ, ପବନ, ଋଷିକେଶ ଏବଂ ଦଳକୁ ଏହାକୁ ଭାରତର ଅଗ୍ରଣୀ ସ୍ୱଳ୍ପ ମୂଲ୍ୟର ଗମନାଗମନ ପ୍ଲାଟଫର୍ମରେ ପରିଣତ କରିବା ଦେଖିଛୁ।

# ବୈଜ୍ଞାନିକ ଗବେଷଣା

ପୂର୍ବରୁ ଇସ୍ରୋ ପକ୍ଷରୁ ପ୍ରେରିତ ଚନ୍ଦ୍ରଯାନ ଅଳ୍ପକେ ସଫଳତାରୁ ବଂଚିତ ହୋଇଥିଲା। କିନ୍ତୁ ଆମର ବୈଜ୍ଞଞାନିକମାନେ ଏଥିରେ ଭାଙ୍ଗିନପଡ଼ି ପୁନର୍ବାର ନୂଆ ବିଶ୍ୱାସ ଏବଂ ଉତ୍ସାହରେ ଉଦ୍ୟମ ଆରମ୍ଭ କରିଥିଲେ। ପୂର୍ବ ତ୍ରୁଟିର ସଂଶୋଧନ କରାଯାଇଥିଲା। ଶେଷରେ ଏହା ସଫଳ ହୋଇଥିଲା। ଭାରତ ପାଇଁ ଏହା ଥିଲା ଏକ ବିଶେଷ ମୁହୂର୍ତ୍ତ। ଭାରତର ଏହି ଅଭିଯାନ ଉପରେ ନାସା ମଧ୍ୟ ନଜର ରଖିଥିଲା। ଇସ୍ରୋର ଏହି ସଫଳତାକୁ ନାସା ପ୍ରଶଂସା କରିବା ସହିତ ଆମେରିକାର ମହାକାଶ ଗବେଷଣାରେ ଭାରତକୁ ଅଂଶୀଦାର କରିବାକୁ ଆଗ୍ରହ ପ୍ରକାଶ କରିଥିଲା। ସବୁଠାରୁ ବଡ଼ କଥା ହେଲା ଚନ୍ଦ୍ରଯାନ-୩ ପ୍ରସ୍ତୁତି ଏବଂ ପ୍ରେରଣରେ ଖୁବ କମ ଟଙ୍କା ବ୍ୟୟ ହୋଇଥିଲା। ଆମେରିକା ଏଥିପାଇଁ ଯେତିକି ଅର୍ଥ ବ୍ୟୟ କରିଥାଆନ୍ତା, ଭାରତ ତାହାର ୪ ଭାଗରୁ ଭାଗେ ବ୍ୟୟ କରିଛି। ଏହା ଆମ ବୈଜ୍ଞାନିକ ମାନଙ୍କ ଦକ୍ଷତାକୁ ପ୍ରମାଣିତ କରୁଛି। ଖୁବ ଶୀଘ୍ର ଇସ୍ରୋ ଚନ୍ଦ୍ରାୟନ ଅଭିଯାନର ଚତୁର୍ଥ ଏବଂ ପଞ୍ଚମ ପର୍ଯ୍ୟାୟ ଆରମ୍ଭ କରିବ ବୋଲି କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ କହିଛନ୍ତି। ଗତ ବର୍ଷ ଚନ୍ଦ୍ରାୟନ-୩ର ସଫଳତାର ପରେ ଭାରତ ଆଦିତଞ୍ଜାୟନ ଅଭିଯାନ ଆରମ୍ଭ କରିଥିଲା। ଇସ୍ରୋ ସଫଳତାର ସହ ସୂର୍ଯ୍ୟଙ୍କ ନିକଟକୁ ଆଦିତ୍ୟ ଏଲ-୧ ପଠାଇଛି। ଏହା ମଧ୍ୟ ନିର୍ଦ୍ଧାରିତ ଲକ୍ଷ୍ୟ ସ୍ଥଳରେ ପହଂଚି ଠିକ ଭାବେ କାର୍ଯ୍ୟ କରୁଛି। ଏବେ ଭାରତ ଗଗନାୟନ ଉପରେ ଫୋକସ କରୁଛି। ଆଗାମୀ ଦିନରେ ଭାରତୀୟ ମହାକାଶଚାରୀ ମହାକାଶକୁ ଯିବେ। ଏଥିପାଇଁ ସେମାନଙ୍କୁ ରୁଷରେ ତାଲିମ ପ୍ରଦାନ କରାଯାଉଛି। ଏହା ସଫଳ ହେଲେ ଭାରତୀୟ ମହାକାଶ ବିଜ୍ଞାନ ଓ ଗବେଷଣା ଆଉ ଏକ ମାଇଲଖୁଣ୍ଟ ଅତିକ୍ରମ କରିବ। ମହାକାଶ ବିଜ୍ଞାନ ଓ ଗବେଷଣାରେ ଆମେରିକା, ଋଷିଆ ଓ ଚୀନ ପରେ ଭାରତର ସଫଳତାକୁ ସର୍ବଶ୍ରେଷ୍ଠ ବୋଲି କୁହାଯାଇପାରେ। ଜାପାନ ଓ ଫ୍ରାନ୍ସ ଭଳି ଦେଶ ଭାରତଠାରୁ ପଛରେ ପଡ଼ିଯାଇଛନ୍ତି। ଏପରିକି ଚୀନ ଓ ଆମେରିକା ମଧ୍ୟ ଅନେକ କ୍ଷେତ୍ରରେ ଭାରତଠାରୁ ପଛରେ ପଡ଼ିଛନ୍ତି। ଭାରତ ଏକ ଅପେକ୍ଷାକୃତ ଗରିବ ଦେଶ। ଏହା ସତ୍ତ୍ୱେ ଭାରତ ମହାକାଶ ବିଜ୍ଞାନରେ ଯେପରି ସଫଳତା ପାଇଛି ତାହା ଉଲ୍ଲେଖନୀୟ। ଅନେକ ବିକଶିତ ଏବଂ ଧନୀ ଦେଶ ଯାହା କଳ୍ପନା କରିବା କଷ୍ଟକର, ତାହା ଭାରତ କାର୍ଯ୍ୟକାରୀ କରିପାରିଛି। ବିଜ୍ଞାନ ଏବଂ ଗବେଷଣାରେ ଭାରତୀୟ ମୁନି ଋଷିମାନେ ପ୍ରଖ୍ୟାତ ଥିଲେ। ଆମର ବେଦରେ ଯେଉଁସବୁ ବୈଜ୍ଞାନିକ ତଥ୍ୟ ରହିଛି ତାହା ଆଧୁନୀକ ବିଜ୍ଞାନରେ ନାହିଁ। ଆଜି ବିଶ୍ୱର ଶ୍ରେଷ୍ଠ ବୈଜ୍ଞାନିକମାନେ ଗବେଷଣାରୁ ଯାହା ପାଉଛନ୍ତି ତାହା ହଜାର ହଜାର ବର୍ଷ ପୂର୍ବରୁ ଭାରତର ଋଷିମାନେ ଜାଣିଥିଲେ। ଆମ ପ୍ରାଚୀନ ଗ୍ରନ୍ଥରେ ଏହା ଉଲ୍ଲେଖ ରହିଛି। ଆମେ ସେମାନଙ୍କ ଦାୟାଦ ହିସାବରେ ଏହାର ପୁନରୁଦ୍ଧାର ପାଇଁ ଉଦ୍ୟମ କରୁଛୁ। ନିକଟରେ ଇସ୍ରୋ ପକ୍ଷରୁ ମହାକାଶକୁ ଛୋଟ ସାଟେଲାଇଟ ପ୍ରେରିତ ହୋଇଛି ଏବଂ ଏହା ସଫଳତାର ସହ ନିଜ କକ୍ଷପଥରେ ଅବସ୍ଥାପିତ ହୋଇଛି। ଏହାକୁ ଆର୍ଥ ଅର୍ବିଟ ସାଟେଲାଇଟ କୁହାଯାଉଛି। ମହାକାଶକୁ ସାଟେଲାଇଟ ପ୍ରେରଣରେ ଭାରତର ବହୁ ବର୍ଷର ଇତିହାସ ରହିଛି। ଏବେ ଏହା ଭାରତୀୟ ଅର୍ଥନୀତିର ସମୃଦ୍ଧିରେ ସହାୟକ ହେଉଛି। ଅନେକ ଦେଶ ସାଟେଲାଇଟ ପ୍ରେରଣରେ ଭାରତର ସହାୟତା ଲୋଡୁଛନ୍ତି। ଅନେକ ସାଟେଲାଇଟ ଦ୍ୱାରା ମିଳିଥିବା ସୂଚନା ଏବଂ ସଙ୍କେତରୁ ଫାଇଦା ହାସଲ ନିମନ୍ତେ ଭାରତକୁ ଅନୁରୋଧ କରୁଛନ୍ତି। ସାଟେଲାଇଟ ଦ୍ୱାରା ପାଣିପାଗ, କୃଷି କ୍ଷେତ୍ରର ସୂଚନା ମିଳିପାରୁଛି। ଏହାକୁ ଭାରତ ଅନ୍ୟ ଦେଶକୁ ସେୟାର କରୁଛି। ମୋବାଇଲ ନେଟୱର୍କ ମଧ୍ୟ ଏହା ଦ୍ୱାରା ସମ୍ଭବ ହୋଇପାରୁଛି।

# ପରମ୍ପରା ଓ ସଂସ୍କୃତିର ପର୍ବ ନୂଆଁଖାଇ

॥ ଗୋପାଳ ମହାପାତ୍ର ॥

> “;ସାଧାରଣ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଏ। ନୂଆଁଖାଇ ପୂର୍ବଦିନକୁ ‘ଉପାସ’ ବୋଲି କୁହାଯାଏ। ଏହି ଦିନ ଗ୍ରାମର ଦେବୀ ପୂଜକ ଉପବାସ ରହି ଧାର୍ଯ୍ୟ କରାଯାଇଥିବା ଲଗ୍ନରେ କ୍ଷେତକୁ ଯାଏ ଓ ସେଠାରେ ଯଥାବିଧି ପୂଜା ଅର୍ଚ୍ଚନା କରିବା ପରେ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥାନ୍ତି। ନୂଆ ଧାନକେଣ୍ଡାକୁ ଗ୍ରାମ ଦେବତୀଙ୍କ ପୀଠରେ ଲାଗି କରାଯାଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରମର ସବୁ ପରିବାରକୁ ଏହି ଧାନକେଣ୍ଡା ବଣ୍ଟା ଯାଇଥାଏ। ପୂର୍ବରୁ ପରିବାରର ଲୋକେ ସଂଗ୍ରହ କରିଥିବା ଧାନକେଣ୍ଡା ଓ ପୂଜକ ଦେଇଥିବା ଧାନକେଣ୍ଡା କୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଇଥାଏ।

ଓଡିଶାରେ ୧୨ ମାସରେ ୧୩ ପର୍ବ ପାଳନ କରାଯାଇଥାଏ। ସେହି ପର୍ବ ମଧ୍ୟରୁ ଅନ୍ୟତମ ପର୍ବ ହେଉଛି ନୂଆଁଖାଇ। ପଶ୍ଚିମ ଓଡ଼ିଶାର ଏହା ଏକ ଗଣ ପର୍ବ ବୋଲି ମଧ୍ୟ କୁହାଯାଇଥାଏ। ଓଡ଼ିଶାର ପଶ୍ଚିମାଞ୍ଚଳରେ ଏହି ପର୍ବ ପାଳନ କରାଯାଉଥିଲେ ମଧ୍ୟ ଓଡ଼ିଶାର ଅନ୍ୟାନ୍ୟ ଅଞ୍ଚଳରେ ତଥା ଦେଶର ବିଭିନ୍ନ ଅଞ୍ଚଳରେ ରହୁଥିବା ପଶ୍ଚିମାଞ୍ଚଳର ଲୋକେ ଏହି ପର୍ବକୁ ବେଶ୍ ଧୁମଧାମରେ ପାଳନ କରିଥାନ୍ତି। ଏହା ଏକ କୃଷି ଭିତ୍ତିକ ଗଣପର୍ବ। ନୂଆ ଫସଲକୁ ପ୍ରଥମେ ନିଜର ଇଷ୍ଟଦେବାଦେବୀଙ୍କୁ ଅର୍ପଣ କରିବା ହେଉଛି ନୂଆଁଖାଇ ପର୍ବର ମୁଖ୍ୟ ଉଦେଶ୍ୟ। ବର୍ଷର ପ୍ରଥମ ଫସଲ ବା ଶସ୍ୟକୁ ନୈବେଦ୍ୟ ଭାବରେ ଅର୍ପଣ କରିବାର ପ୍ରଥା କାହିଁ ଯୁଗ ଯୁଗରୁ ଚାଲିଆସିଛି। ଏହି ନୈବେଦ୍ୟ ଅର୍ପଣ ବେଳେ ସମଗ୍ର ମାନବ ସମାଜ ପାଇଁ ଅନ୍ନର ଅଭାବ ନହେଉ ବୋଲି ମଧ୍ୟ ଇଷ୍ଟଦେବାଦେବୀଙ୍କ ପାଖରେ ପ୍ରାର୍ଥନା କରାଯାଇଥାଏ। ଭାରତ ଏକ ସଂସ୍କୃତି ସଂପନ୍ନ ଦେଶ। ଦେଶର ବିଭିନ୍ନ ରାଜ୍ୟରେ ନବ ଉତ୍ପାଦିତ ଶଷ୍ୟକୁ ଭଗବାନଙ୍କ ଉଦେଶ୍ୟରେ ଅର୍ପଣ କରିବା ନେଇ ପୋଙ୍ଗଲ, ବୈଶାଖୀ ଓ ବିହୁ ଭଳି ଅନେକ ପର୍ବ ପାଳନ କରାଯାଇଥାଏ। କିନ୍ତୁ ପଶ୍ଚିମାଞ୍ଚଳର ନୂଆଁଖାଇ ପର୍ବର ସ୍ୱତନ୍ତ୍ରତା ରହିଛି। କେବେ ଠାରୁ ଏହି ପର୍ବ ପାଳନ କରାଯାଇଛି ତାର ସଠିକ ଐତିହାସିକ ତଥ୍ୟ କେହି କେବେ ଦେଇପାରୁନାହାଁନ୍ତି। ପୂର୍ବରୁ ଏହି ପର୍ବ କେବଳ କୃଷକ ପରିବାର ମଧ୍ୟରେ ସିମୀତ ଥିଲା କିନ୍ତୁ ପର୍ବକୁ ଏବେ ସବୁ ବର୍ଗର ଲୋକେ ଧୁମଧାମରେ ପାଳନ କରୁଛନ୍ତି।

ଦେଶ ସ୍ୱାଧିନ ହେବା ପୂର୍ବରୁ ରାଜା ରାଜୁଡା ଶାସନ ଥିଲା। ରାଜାମାନେ ନିଜ ରାଜ୍ୟର ଇଷ୍ଟଦେବ ଦେବୀଙ୍କ ନାମକୁ ନେଇ ନୂଆଁଖାଇର ତିଥି ଧାର୍ଯ୍ୟ କରୁଥିଲେ। ଏଣୁ ନୂଆଁଖାଇ ପାଳନର ତିଥି ପଶ୍ଚିମାଞ୍ଚଳର ବିଭିନ୍ନ ଅଞ୍ଚଳରେ ମଧ୍ୟ ଭିନ୍ନ ଭିନ୍ନ ହେଉଥିଲା। ରାଜା ରାଜୁଡା ଶାସନରେ ରାଜାମାନେ ଭାଦ୍ରବ ମାସର ଶୁକ୍ଳପକ୍ଷର ବିଭିନ୍ନ ତିଥିରେ ଏହି ପର୍ବ ପାଳନ କରାଯାଉଥିଲା। କିନ୍ତୁ ୧୯୯୧ ମସିହାରେ ପଶ୍ଚିମାଞ୍ଚଳ ବା ପଶ୍ଚିମ ଓଡ଼ିଶାର ବୁଦ୍ଧିଜୀବି ମାନେ ମିଳିତ ଭାବେ ଆଲୋଚନା କରି ଏହି ପର୍ବକୁ ଗୋଟିଏ ତିଥିରେ ସମସ୍ତେ ପାଳନ କରିବା ପାଇଁ ଏକମତ ହୋଇଥିଲେ। ଏଣୁ ସର୍ବସମ୍ମତି ଅନୁସାରେ ଗଣେଷ ପୂଜା ବା ଗଣେଷ ଚତୁର୍ଥୀର ପରଦିନ ଋଷି ପଞ୍ଚମୀ ତିଥିରେ ସମଗ୍ର ପଶ୍ଚିମ ଓଡ଼ିଶାର ଲୋକେ ଏହି ପର୍ବକୁ ପାଳନ କରି ଆସୁଛନ୍ତି। ଏକ ଭିନ୍ନ କଥା ହେଉଛି ଭାଦ୍ରବ ମାସରେ ଧାନ ( ସମଗ୍ର ଓଡ଼ିଶାର ମୁଖ୍ୟ ଫସଲ) ପରିପକ୍ୱ ହୋଇ ନଥାଏ କିନ୍ତୁ ଏହି ମାସରେ ନୂଆଁଖାଇ ପର୍ବ ପାଳିତ ହୁଏ। ଏହାର ଏକ ସ୍ୱତନ୍ତ୍ର ଉଦେଶ୍ୟ ମଧ୍ୟ ରହିଛି। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ। ଲୋକେ ଉତ୍ପାଦିତ ଫସଲ ଉପରେ ନିର୍ଭର କରିଥାନ୍ତି। ଏହି ନୂଆଁଖାଇ ପର୍ବ ପାଳନ ନକରାଯିବା ପର୍ଯ୍ୟନ୍ତ ନୂଆ ଫସଲ ବ୍ୟବହାର କରାନଯିବା ଭଳି ଅଘୋଷିତ ନିୟମ ରହିଛି। ସବୁ କ୍ଷେତ ବା ଜମିର ଧାନ ଫସଲ ନପାଚିବା ପର୍ଯ୍ୟନ୍ତ ଅପେକ୍ଷା କରିବା ଭଳି ସମ୍ବଳ ସବୁ ବର୍ଗର ଲୋକଙ୍କ ପାଖରେ ନଥାଏ। ଏଣୁ ସମସ୍ତଙ୍କ ସୁବିଧା ଦୃଷ୍ଟିରୁ ଏହିପର୍ବ ପାଳନ ପାଇଁ ଭାଦ୍ରବ ମାସର ଶୁକ୍ଳ ପକ୍ଷକୁ ସଠିକ ସମୟ ଭାବେ ନିର୍ଦ୍ଧାରଣ କରାଯାଇଛି। ଛୋଟ କିସମର ଧାନ ଫସଲ ନୂଆଁଖାଇ ସମୟ ବେଳକୁ ଅମଳ କରାଯାଇ ପାରୁଥିବାରୁ ଏହି ଶଷ୍ୟକୁ ଦେବଦେବୀଙ୍କ ପାଖରେ ଅର୍ପଣ କରାଯାଉଛି।

ସାଧାରଣ ଭାବେ ନୂଆଁଖାଇ ପର୍ବ ତିନିଦିନ ଧରି ପାଳନ କରାଯାଏ। ନୂଆଁଖାଇ ପୂର୍ବଦିନକୁ ‘ଉପାସ’ ବୋଲି କୁହାଯାଏ। ଏହି ଦିନ ଗ୍ରାମର ଦେବୀ ପୂଜକ ଉପବାସ ରହି ଧାର୍ଯ୍ୟ କରାଯାଇଥିବା ଲଗ୍ନରେ କ୍ଷେତକୁ ଯାଏ ଓ ସେଠାରେ ଯଥାବିଧି ପୂଜା ଅର୍ଚ୍ଚନା କରିବା ପରେ ପାଚିଲା ଧାନକେଣ୍ଡା ସଂଗ୍ରହ କରି ଗାଁକୁ ଆଣିଥାନ୍ତି। ନୂଆ ଧାନକେଣ୍ଡାକୁ ଗ୍ରାମ ଦେବତୀଙ୍କ ପୀଠରେ ଲାଗି କରାଯାଇ ଦେବୀଙ୍କୁ ପୂଜାର୍ଚ୍ଚନା କରାଯାଇଥାଏ। ପରେ ଗ୍ରମର ସବୁ ପରିବାରକୁ ଏହି ଧାନକେଣ୍ଡା ବଣ୍ଟା ଯାଇଥାଏ। ପୂର୍ବରୁ ପରିବାରର ଲୋକେ ସଂଗ୍ରହ କରିଥିବା ଧାନକେଣ୍ଡା ଓ ପୂଜକ ଦେଇଥିବା ଧାନକେଣ୍ଡା କୁ ମିଶାଇ ନୂଆଁକୁଣ୍ଡା ପ୍ରସ୍ତୁତ କରାଯାଇଥାଏ। ଦ୍ୱୀତୀୟ ଦିନଟି ନୂଆଁଖାଇ ପର୍ବର ମୁଖ୍ୟ ଦିନ। ଏଥି ପାଇଁ ପୂର୍ବରୁ ଘରଦ୍ୱାରକୁ ଗୋବରରେ ଲିପା ଯାଇଥାଏ ଓ ଘରର ବ୍ୟବହୃତ ଲୁଗା ପଟା ଓ ଘରର ସାମଗ୍ରୀକୁ ସଫା କରାଯାଇଥାଏ। ବାହାରେ ରହୁଥିବା ପରିବାରର ଲୋକଙ୍କୁ ପର୍ବରେ ଉପସ୍ଥିତ ରହିବା ପାଇଁ ଡକାଯାଇଥାଏ। ଏକ ପ୍ରମୁଖ କଥା ହେଉଛି ପରିବାରର ମୁଖ୍ୟ ଯେଉଁଠାରେ ରହୁଥାନ୍ତି ସେଠାରେ ହିଁ ସମସ୍ତେ ମିଶି ଏହି ପର୍ବ ପାଳନ କରିଥାନ୍ତି। ପରିବାରର ମୁଖ୍ୟ ନୂଆଁବସ୍ତ୍ର ପିନ୍ଧି ଶୁଦ୍ଧ ପୂତ ହୋଇ ଇଷ୍ଟଦେବାଦେବୀ ଓ ପିତୃପୁରୁଷଙ୍କୁ କୁରେଇ ପତ୍ରରେ ନୂଆ ଧାନରେ ପ୍ରସ୍ତୁତ ନୂଆଁକୁଣ୍ଡାକୁ ନୈବେଦ୍ୟ ଭାବେ ଅର୍ପଣ କରିବା ପରେ ସମସ୍ତଙ୍କୁ ଏହି ନୂଆଁ କୁଣ୍ଡାକୁ ବଣ୍ଟାଯାଇଥାଏ। ପରେ ପରିବାରର ସମସ୍ତେ ଏକତ୍ରିତ ଭାବେ ଏହାକୁ ଭକ୍ଷଣ କରିଥାନ୍ତି। ନବାନ୍ନ ଭକ୍ଷଣ ପରେ ଆରମ୍ଭ ହୁଏ ଜୁହାର ଭେଟ। କନିଷ୍ଠ ମାନେ ବରିଷ୍ଠ ମାନଙ୍କ ପାଦଛୁଇଁ ପ୍ରଣାମ/ ଜୁହାର ହୁଅନ୍ତି। ପାରିବାରିକ ଜୁହାର ଭେଟ ସାମୁହିକ ଭାବେ ପାରମ୍ପରିକ ଖାଦ୍ୟ ସମସ୍ତଙ୍କୁ ପରସା ଯାଇଥାଏ। ନୂଆଁଖାଇର ତୃତୀୟ ଦିନକୁ ନୂଆଁଖାଇ ବାସି କୁହାଯାଏ। ପୂର୍ବଦିନରୁ ବଳକା ଥିବା ଖାଦ୍ୟକୁ ଏହି ଦିନ ଖାଇବାର ଏକ ପରମ୍ପରା ମଧ୍ୟ ରହିଛି।

ନୂଆଁଖାଇର ଜୁହାର ଭେଟର ପରିବର୍ଦ୍ଧିତ ସଂସ୍କରଣ ଏବେ ନୂଆଁଖାଇ ଭେଟଭାଟ ଭାବେ ପାଳନ କରାଯାଉଛି। ଏହାକୁ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ମଧ୍ୟ କୁହାଯାଇପାରେ। ଏଥିରେ ରହିଛି ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ମା ମାଟିର ବାସ୍ନା। ଭାଇଚାରା ଓ ସୌହାର୍ଦ୍ଦ୍ୟର ଭାବ ଉଦ୍ରେକ କରିଥାଏ ଏହି ଭେଟଭାଟ। ଯଦିଓ ପ୍ରାଚୀନ କାଳରୁ ଏହି ପର୍ବ ପାଳିତ ହୋଇଆସୁଥିଲା କିନ୍ତୁ ସାମ୍ପ୍ରତିକ ସମୟରେ ଏହି ପର୍ବ ଅଧିକ ଲୋକପ୍ରିୟ ହୋଇପାରିଛି। ଏହି ଦିନଟିକୁ ସରକାର ଛୁଟି ଦିନ ଭାବେ ଘୋଷଣା କରୁଥିବାରୁ ଏହି ପର୍ବର ଗୁରୁତ୍ୱ ଅଧିକ ବଢ଼ିଯାଇଛି ଓ ଲୋକେ ଏହାକୁ ଆନନ୍ଦରେ ପାଳନ କରିବାର ସୁଯୋଗ ପାଉଛନ୍ତି। କିନ୍ତୁ କଳାହାଣ୍ଡି ଜିଲ୍ଲାର କିଛି ଅଞ୍ଚଳରେ ଏହି ପର୍ବକୁ ଭାଦ୍ରବ ମାସ ଶୁକ୍ଳ ପକ୍ଷ ଦଶମୀ ତିଥିରେ ପାଳନ କରାଯାଉଛି। ଇତିହାସର ତଥ୍ୟ ଅନୁସାରେ ୧୮୫୩ ମସିହା ବେଳେ କଳାହାଣ୍ଡିରେ ମହାରାଜା ଉଦିତ ପ୍ରସାଦ ଦେବଙ୍କ ଶାସନ ଥିଲା। ମହାରାଜା କଳାହାଣ୍ଡିରେ କୃଷିର ବିକାଶ ପାଇଁ ସମ୍ବଲପୁରର କେତେକ ସଂପ୍ରଦାୟର ଲୋକଙ୍କୁ ଆଣି କଳାହାଣ୍ଡିରେ ବସବାସ କରିବାର ସୁଯୋଗ ଦେଇଥିଲେ। ବରଗଡ଼ ଜିଲ୍ଲାର ସୋହେଲା ବ୍ଲକର ସମଲେଇଚ୍ଛିକ୍ରା ଗ୍ରାମର ଗ୍ରାମବାସୀ ମାନେ ଏକ ଭିନ୍ନ ଢ଼ଙ୍ଗରେ ନୂଆଁଖାଇ ପର୍ବ ପାଳନ କରିଥାନ୍ତି। ସେଇ ଗାଁରେ ପାରମ୍ପରିକ ପୂଜାର୍ଚ୍ଚନା ସହ ସାରା ଗାଁକୁ ଆମ୍ବତୋରଣରେ ସଜା ଯାଇଥାଏ। ଗାଁର ସବୁଲୋକେ ଏକାଠି ହୋଇ ଗାଁ ମଝିରେ ଥିବା ମନ୍ଦିରରେ ନୂଆ ଖାଇଥାନ୍ତି।

ପ୍ରକୃତପକ୍ଷେ ମା ମାଟି ଓ ମଣିଷର ଯେଉଁ ଅତୁଟ ସମ୍ପର୍କ ରହିଛି ସେଇ ସମ୍ପର୍କକୁ ଅଧିକ ସୁଦୃଢ଼ କରିବା ତଥା ସମାଜରେ ଭ୍ରାତୃଭାବ ପ୍ରତିଷ୍ଠା ହେଉଛି ଏହି ଗଣପର୍ବର ଉଦେଶ୍ୟ ସର୍ବୋପରି ଆଦିବାସୀ ପରମ୍ପରା ଓ ସଂସ୍କୃତି ସହ ଏହି ପର୍ବ ଜଡ଼ିତ। ବୈଦିକ ମତରେ ମୁନୀଋଷି ମାନେ ଯେଉଁ ପଞ୍ଚଯଜ୍ଞ କରୁଥିଲେତାହା ମଧ୍ୟରୁ ଅନ୍ୟ ହେଉଛି ପ୍ରଲମ୍ବନ ଯଜ୍ଞ। ପ୍ରଲମ୍ବନ ବା ଶଷ୍ୟ ଉତ୍ପାଦନ କରିବାର ସମୟ। ବୈଦିକ କାଳରେ ଏହି ପ୍ରଲମ୍ବନ ଯଜ୍ଞ ବା ଶଷ୍ୟ ଉତ୍ପାଦନର ସମୟକୁ ଏବେ ନୂଆଁଖାଇ ଭାବେ ପାଳନ କରାଯାଉଛି। ଅନ୍ୟଏକ ମତ ଅନୁସାରେ ଖ୍ରୀଷ୍ଟପୂର୍ବ ଦ୍ୱାଦଶ ଶତାବ୍ଦୀରେ ପାଟନାର ରାଜାଥିଲେ ଚୌହାନ ବଂଶର ରମାଇ ଦେଓ ପାଟନା ରାଜାଙ୍କ ଅଧିନରେ ଥିଲା ବଲାଙ୍ଗୀର। ସେତେବେଳେ ସେଠାକାର ଅଧିବାସୀମାନେ ପଶୁପକ୍ଷୀ ଶୀକାର କରିବା ସହ ଫଳମୂଳ ସଂଗ୍ରହ କରି ଜୀବିକା ନିର୍ବାହ କରୁଥିଲେ। ସେମାନଙ୍କର ଆର୍ଥୀକ ଅବସ୍ଥା ମଧ୍ୟ ଭଲ ନଥିଲା। ଲୋକଙ୍କ ଆର୍ଥୀକ ଅବସ୍ଥାକୁ ସୁଧାରିବା ପାଇଁ ରାଜା ରମାଇ ଦେଓ ଲୋକଙ୍କୁ ଉତ୍ସାହିତ କରିଥିଲେ। ଫଳତଃ ଏକ କୃଷିଭିତ୍ତିକ ପରମ୍ପରା ଗଢ଼ି ଉଠିଥିଲା। ସେବେଠାରୁ ଏହି କୃଷିଭିତ୍ତିକ ପରମ୍ପରା ଅନୁସାରେ ନୂଆଁଖାଇ ପର୍ବ ପାଳନ କରାଯାଇ ଆସୁଛି ବୋଲି ଅନେକଙ୍କର ବିଶ୍ୱାସ ରହିଛି।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୮୫୦୯୪

# ବାସ୍ତବ ସତ୍ୟର ଅନୁସନ୍ଧାନ

॥ ପଙ୍କଜ କୁମାର ପାଣିଗ୍ରାହୀ ॥

ନମସ୍କାର। ବାସ୍ତବ ସତ୍ୟର ଅନୁସନ୍ଧାନ- ଅଷ୍ଟମ ଅଧ୍ୟାୟରେ ଆଜି ଆଲୋଚନା କରିବା ଯେ ମଣିଷର ସୃଜନଶୀଳତା ସୃଷ୍ଟି ହେବ କେମିତି ଏବଂ ତଦ୍ୱାରା ମଣିଷ ସତ୍ୟର ଅନୁସନ୍ଧାନ କରି ମନର ଭୟ ଦୂର କରିବ କିପରି ? ସୃଜନଶୀଳ ମଣିଷ ଯେ ନିର୍ଭିକ ହୋଇଥାନ୍ତି ତାହା କେବଳ ପ୍ରତ୍ୟେକ ବିଷୟର ସତ୍ୟ ଅସତ୍ୟକୁ ବୁଝିବାରେ ସେମାନଙ୍କ ସକ୍ଷମତା କାରଣରୁ। ତା’ ଛଡା ସେମାନେ ଜୀବନ ପଥର ପ୍ରତ୍ୟେକ ମୁହୂର୍ତ୍ତକୁ ନିଜସ୍ୱ ଚେତନାରେ ତଉଲି ଏକ ସ୍ୱଚ୍ଛ ମାନବବାଦୀ ମଣିଷର ପରିଚୟ ପ୍ରଦାନ କରିବାରେ ସମର୍ଥ ହୋଇଥାନ୍ତି। ବର୍ତ୍ତମାନ ବିଚାର କରିବା ଯେ ସୃଜନଶୀଳତା କ’ଣ ଏବଂ ତାହା ମଣିଷ ମସ୍ତିଷ୍କରେ କେମିତି ସୃଷ୍ଟି ସଂଚାର ହୋଇ ପାରିବ। ସୃଜନଶୀଳ ଅର୍ଥ ନିଜର ସଚେତନ ସମୀକ୍ଷା ଜ୍ଞାନ ସହିତ ନୂତନ ଚେତନାର ଅନୁସନ୍ଧାନ ଓ ଅଭିବୃଦ୍ଧି। ସଚେତନ ଅର୍ଥାତ ଜୀବନର ପ୍ରତ୍ୟେକ ମୁହୂର୍ତ୍ତର ସବୁ ବିଷୟ ଗୁଡ଼ିକୁ ସମୀକ୍ଷା କରି ସତ୍ୟକୁ ଜାଣି ଅବାସ୍ତବକୁ ପ୍ରତ୍ୟାଖ୍ୟାନ କରିବା। ଇଂରାଜୀରେ ତାକୁ କୁହାଯାଏ କ୍ରିଏଟିଭିଟି, ଅର୍ଥ ନିଜେ ନୂତନତ୍ୱ ସୃଷ୍ଟି କରିବା। ନିଜର ଜ୍ଞାନ ବିକାଶ ତଥା କୌଣସି ବିଷୟ ହେଉ କିମ୍ବା ବସ୍ତୁ ଗୁଡ଼ିକ ଉପରେ ଯଥେଷ୍ଟ ସ୍ୱଜ୍ଞାନ ଅର୍ଜନ କରିବା ଏବଂ ନୂତନ ଜ୍ଞାନର ସନ୍ଧାନ ସଂଚାର କରିବା ହେଉଛି କ୍ରିଏଟିଭିଟି ବା ସୃଜନଶୀଳତା।

ନିଜସ୍ୱ ବିଶ୍ଳେଷଣାତ୍ମକ ଭାବନା ଶକ୍ତି ବଳରେ ମଣିଷ କୌଣସି ବିଷୟର ସମୀକ୍ଷା କରିବାକୁ ଚେଷ୍ଟା କରିବା ଦ୍ୱାରା ପ୍ରତି ମୁହୂର୍ତ୍ତରେ ସବୁ କଥାର ସତ୍ୟତାର ସନ୍ଧାନ ବାରିବା ସମ୍ଭବ ହୋଇଥାଏ। ମିଥ୍ୟାଭରା ସମାଜରେ ପ୍ରେତ୍ୟେକ ସମୟରେ ଜଣେ ଆଉ ଜଣକୁ ମିଛ କହି ଅଯୌକ୍ତିକ ଅଲୌକିକ ସମୃଦ୍ଧିର ସମ୍ଭାର ଦେଖାଇ ନିଜର ସ୍ୱାର୍ଥ ହାସଲ କରିବାକୁ ଚେଷ୍ଟା କରୁଥିବା ବୁଝିଛନ୍ତି ଆଜି କେତେଜଣ ?! କିନ୍ତୁ ଗୋଟିଏ ଉଦାହରଣ ନେଇ ଆମେ ପ୍ରଥମେ ଦେଖିବା ଯେ ଆମେ ଯେଉଁ ସମାଜରେ ବଂଚୁଛେ ସେ ସମାଜର ଦ୍ୱିତୀୟ ବ୍ୟକ୍ତିଟି କିଏ ଏବଂ ତା ପରବର୍ତ୍ତୀ ଅନ୍ୟାନ୍ୟ ସମସ୍ତେ ଆମ ପ୍ରତି କ’ଣ ଉଦ୍ଦେଶ୍ୟ ରଖି ସମ୍ପର୍କ ସ୍ଥାପନ କରି ଗଢ଼ି ଉଠିଛି ଆମ ମଣିଷ ସମାଜ। ଜନ୍ମଦାତ୍ରୀ ମା’ ଏବଂ ତା’ପରେ ବାପା ବ୍ୟତୀତ ଗୋଟିଏ ସ୍ଥାନରୁ ଉତ୍ପତ୍ତି ଭାଇ ଭଉଣୀ ସମୂହ ହେଉଛନ୍ତି ଆମ ଜୀବନର ପ୍ରତ୍ୟକ୍ଷ ଆଙ୍ଗିକ ଅଂଶ ବିଶେଷର ସମ୍ପର୍କିତ ଚେହେରା। ତାପରେ ଆହୁରି ଅନେକ ଅନ୍ୟାନ୍ୟ ସମ୍ପର୍କିତ ଚେହେରା ରହିଥାନ୍ତି ଯେଉଁମାନେ ପରୋକ୍ଷ ଆଙ୍ଗିକ ସମ୍ପର୍କିତ ମଣିଷ ଗୁଡିଏ ଯାହାଙ୍କୁ ଆମେ ଆମ ପରିବାର ବନ୍ଧୁବର୍ଗ ବୋଲି ଜାଣିଥାଉ। ତା’ ପରେ ଆହୁରି ଅନେକ ପ୍ରକାର ସମ୍ପର୍କ। ବର୍ତ୍ତମାନ ଦେଖିବା ଯେ ଆମେ ଯାହାଙ୍କୁ ନେଇ ନିଜର ପରିବାର କିମ୍ବା ଅନ୍ୟାନ୍ୟ ଯେ କୌଣସି ସମ୍ପର୍କିତ ମଣିଷ ବୋଲି ଗର୍ବିତ ସେମାନଙ୍କ ଆମ ପ୍ରତି ଆ’ନ୍ତରିକ ଭାବ କେତେ ? ସେମାନେ ନିଜ ନିଜ ସ୍ୱାର୍ଥ ପାଇଁ ଅନେକ ସମୟରେ ଆମକୁ ମିଛ କହନ୍ତି କି ନାହିଁ ?

ନିଶ୍ଚିତ ଭାବେ ଆମ ସମସ୍ତଙ୍କ ଅଳ୍ପ ବହୁତେ କିଛି ଅଭିଜ୍ଞତା ରହିଛି ଯେ ମା’, ବାପାଙ୍କ ବ୍ୟତୀତ ଦୁନିଆର ଆଉ ଯେତେ ସବୁ ସମ୍ପର୍କ ରହିଛି ହୁଏତ ସେମାନେ ନିଜର ସ୍ୱାର୍ଥ ପାଇଁ ଆମକୁ ଅନେକ ସମୟରେ ମିଛ କହିଥାନ୍ତି ତ ଆଉ କେତେବେଳେ ଅହେତୁକ ହିଂସାତ୍ମକ ଆକ୍ରୋଶ ଭାବ ମଧ୍ୟ ପ୍ରଦର୍ଶନ କରିଥାନ୍ତି। ଆଉ ଯାହାକୁ ଆମେ ନିକଟରୁ ଜାଣିନାହେଁ ସେମାନେ ଯେ ଆମକୁ ସବୁବେଳେ ସତ୍ୟ ବଚନ କହିବେ କିମ୍ବା ଆମ ଭଲ କାମନା କରିବେ ବୋଲି ଭାବିବା ଆମର ସଂକୀର୍ଣ୍ଣ ମାନସିକତା ଜନିତ ଏକ ଦୁର୍ବଳତା ଛଡା ଆଉ କିଛି ନୁହେଁ। ପ୍ରେତ୍ୟେକ ମଣିଷ ତାଙ୍କ ଜୀବନରେ ଏସବୁ ସମସ୍ୟାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁଛି ଆଜି ସମୟରେ। ଆମ ପାଇଁ ଜୀବନର ପ୍ରଥମ ମଣିଷ ମା’ ଏବଂ ଦ୍ୱିତୀୟ ବ୍ୟକ୍ତି ବାପାଙ୍କ ବ୍ୟତୀତ ତୃତୀୟ ମଣିଷଟି ଆମର ଭାଇ କିମ୍ବା ଭଉଣୀ ଠାରୁ ମଧ୍ୟ ଅନେକ ସମୟରେ ଅହେତୁକ ଭାବେ ଆଶାତୀତ ମିଥ୍ୟା ବଚନ ଶୁଣିବାକୁ ମିଳିଥାଏ ଯେତେବେଳେ ବିଷୟ ରହିଥାଏ ବ୍ୟକ୍ତିଗତ ସ୍ୱାର୍ଥରେ। ଆଉ ତା ପରେ ଯେ ଚତୁର୍ଥ ସମ୍ପର୍କ ଗୁଡ଼ିକ ଠାରୁ ଆରମ୍ଭ କରି ଅଜ୍ଞାତ ମଣିଷ ପର୍ଯ୍ୟନ୍ତ ମିଥ୍ୟାବାଦୀତାର ସୀମା ନାହିଁ ଅହରହ ଲୁଣ୍ଠନ କରିବା ପାଇଁ ! ଏ କଥା ହୁଏତ ସମସ୍ତେ ସଠିକ୍ ଭାବେ ଆକଳନ କରି ପାରୁ ନଥିବେ ! କିନ୍ତୁ ଶାନ୍ତ ସରଳ ଚିତ୍ତରେ ତାହାର ସମୀକ୍ଷା କରି ଦେଖନ୍ତୁ ଜାଣିପାରିବେ ଯେ ଆମ ଜୀବନର ଜଟିଳତା କେବଳ ସୀମିତି ସେହି ଅମଣିଷଙ୍କ ମିଥ୍ୟାଭରା ପ୍ରରୋଚନା ପାଇଁ ଯାହାର କୌଣସି ପ୍ରାକୃତିକ ସଂଯୋଜନା ନାହିଁ ଯିଏ ଆମକୁ ଜନ୍ମ ଦେଇଛି ଏହି ପ୍ରକୃତି କୋଳରେ। ଅତଏବ ସଂସାରର ସମସ୍ତ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା, ବିଷୟ ଏବଂ ବସ୍ତୁ ଗୁଡ଼ିକୁ ସନ୍ତୁଳିତ ଢଙ୍ଗରେ ପରଖି ସେଗୁଡିକର ମିଥ୍ୟା ଓ ସତ୍ୟତାର ସନ୍ଧାନ କରିବା ଏବଂ ପ୍ରାକୃତିକ ସତ୍ୟକୁ ଜାଣିବା ପାଇଁ ପ୍ରୟାସ କରିବା ହେଉଛି ସୃଜନଶୀଳତା। ସେଗୁଡିକର ଉପଯୁକ୍ତ ଜ୍ଞାନ ଆହରଣ କରି ଯଥାସାଧ୍ୟ ତାହାର ସଦୁପଯୋଗ କରୁଥିବା ମଣିଷକୁ ସୃଜନଶୀଳ ମଣିଷ ବୋଲି କୁହାଯାଏ। ଜଣେ ସୃଜନଶୀଳ ମଣିଷ ଚେତନାର ଚରମ ଶୀର୍ଷରେ ପହଂଚିବା ପରେ ମନୁଷ୍ୟକୃତ ଭୟ ଗୁଡିକର କୌଣସି ପ୍ରକୋପ, ପ୍ରଭାବ ଏବଂ ବାସ୍ତବତା ନଥିବା ଜାଣିପାରନ୍ତି। ତେଣୁ ସେମାନେ ସମାଜରେ ପ୍ରଚଳିତ କୁହେଳିକା, ପ୍ରହେଳିକା ଗୁଡ଼ିକୁ ଭୂକ୍ଷେପ ନକରି ନିର୍ଭିକ ଜୀବନ ଯାପନ କରିବାରେ ସମର୍ଥ ହୋଇଥାନ୍ତି। ପ୍ରାକୃତିକ ବିପର୍ଯ୍ୟୟ ଗୁଡିକୁ କିନ୍ତୁ ସେମାନେ ଯଥେଷ୍ଟ ସଜାଗ ଢଙ୍ଗରେ ନେଇଥାନ୍ତି କାରଣ ତାହାର ପ୍ରଭାବ, ପ୍ରକୋପ ଓ ଭୟାବହତା ଉପରେ ଯଥେଷ୍ଟ ଜ୍ଞାନ ରହିଥାଏ ସେମାନଙ୍କର। ଅଜ୍ଞାନ ନିର୍ବୋଧ ମଣିଷ କିନ୍ତୁ ସଚେତନ ସୃଜନଙ୍କ ବିପରୀତରେ କାର୍ଯ୍ୟ କରୁଥିବା ଦେଖିବାକୁ ମିଳିବ ଅନୁଧ୍ୟାନ କଲେ। ଅସଚେତନ ନିର୍ବୋଧ ମଣିଷ ସବୁବେଳେ ସାମାଜିକ ମିଥ୍ୟା କୁହେଳିକାରେ ନିଜକୁ ଭୀତତ୍ରସ୍ତ କରୁଥିବା ବେଳେ ପ୍ରାକୃତିକ ବିପର୍ଯ୍ୟୟ ଗୁଡିକ ପ୍ରତି ସେମାନଙ୍କ ସଚେତନ ଭାବ ଆଦୌ ରହିନଥାଏ। କାରଣ ସେମାନେ ବୁଝିପାରନ୍ତି ନାହିଁ ଯେ ମନୁଷ୍ୟକୃତ କୁହେଳିକା, ପ୍ରହେଳିକା ଜନିତ ଭୟାବହତାର କୌଣସି ପ୍ରତ୍ୟକ୍ଷ ପ୍ରଭାବ ଆଉ କିଛି ରହିନଥାଏ କେବଳ ଏକ ମାନସିକ ବିଚଳିତତା ବ୍ୟତୀତ। କି’ନ୍ତୁ ପ୍ରାକୃତିକ ଭୟାବହତାର ଭୀଷଣତ୍ୱ ସେମାନଙ୍କୁ କୌଣସି ପ୍ରଭାବ ପକାଇ ନଥାଏ ଯାହା ସମୟ କ୍ରମରେ ଏକ ସାଙ୍ଘାତିକ ପରିସ୍ଥିତି ସୃଷ୍ଟି କରିପାରେ। ଉଦାହରଣ ସ୍ୱରୂପ ବର୍ତ୍ତମାନର ବିଶ୍ୱ ଉତ୍ତାପ ବୃଦ୍ଧି, ଭୂତଳ ଜଳସ୍ତର କ୍ଷୀଣ ହେବା, ପାତାଳ, ପାର୍ବତ୍ୟ ହିମ ତରଳିବା ଭଳି ଆହୁରି ଅନେକ ପ୍ରାକୃତିକ ବିପର୍ଯ୍ୟୟ ଯାହା ଆଗକୁ ସାଙ୍ଘାତିକ ବିପର୍ଯ୍ୟୟ ସୃଷ୍ଟି କରିବା ତଥା ମଣିଷ ସମାଜକୁ ଭୂପୃଷ୍ଠରୁ ବିଲୁପ୍ତ କରିବାକୁ ଯାଉଅଛି। ସେଗୁଡିକ ଉପରେ ସାଧାରଣରେ କାହାର ଚେତନା ସଚେତନତା କିମ୍ବା ଜାଗ୍ରତ ଭାବ ଦେଖିବାକୁ ମିଳୁନାହିଁ। କି’ନ୍ତୁ ମନୁଷ୍ୟକୃତ ଭୟାବହତା ତଥା ନିଜର ଆର୍ଥିକ ଭବିଷ୍ୟତ, ଶାରୀରିକ ରୋଗ ଯନ୍ତ୍ରଣା ଜନିତ ମୃତ୍ୟୁ ତଥା ସାମାଜିକ ସମ୍ମାନ ଭଳି ଆହୁରି ଅନେକ ଅପ୍ରାକୃତିକ ବିଷୟ ଉପରେ ପ୍ରାୟ ସମସ୍ତଙ୍କ ବିପରୀତମୁଖୀ ଜ୍ଞାନ ଯଥେଷ୍ଟ ବୃଦ୍ଧି ହେଉଥିବା ଅସ୍ୱୀକାର କରିହେବ ନାହିଁ। ଅତଏବ କହିବାକୁ ଗଲେ ନିଜକୁ ନିଜେ ଜଣେ ମଣିଷ ସୃଜନଶୀଳ କରିବା ପାଇଁ ଆଜିଠାରୁ ଚେଷ୍ଟା ଆରମ୍ଭ କଲେ କେତେ ଦିନ, ବର୍ଷ ଲାଗିବ ତାହା ପାଇବା ପାଇଁ, ନିର୍ଭର କରୁଛି ସମ୍ପୃକ୍ତ ମଣିଷର ଜନ୍ମଗତ ଗୁଣ, ଧର୍ମ, ମାନସିକ ସ୍ଥିତି ଉପରେ। କିନ୍ତୁ ଯେତେ ବର୍ଷ ଲାଗିଲେ ମଧ୍ୟ ଯେ ନିଜର ମୃତ୍ୟୁ ଟି ଅତ୍ୟନ୍ତ ସୁଖ ଦାୟକ ହୋଇ ପାରିବ ସେଇଥିରେ କୌଣସି ସନ୍ଦେହ ନାହିଁ। ଆଉ ଜୀବନରେ ଜଣେ ନିର୍ଭିକ ମଣିଷ ଭଳି ଆନନ୍ଦରେ ବଂଚିବା ମଧ୍ୟ ସମ୍ଭବ ହୋଇପାରିବ ଯାହା ହୁଏତ ଆଜି କାହାକୁ ବୁଝା ପଡୁନାହିଁ। କିନ୍ତୁ ଏହା ସତ୍ୟ ! ଅଧିକ ଜାଣିବା ପାଇଁ ଆଗ୍ରହୀ ମଣିଷ ମାନେ ଆମ ସହିତ ଏଠାରେ କିମ୍ବା ଅନ୍ୟ ଯେକୌଣସି ଉପାୟରେ ପ୍ରଶ୍ନୋତ୍ତର କରିପାରିବେ। ନିସ୍ୱାର୍ଥପର ଭାବେ ସମସ୍ତଙ୍କୁ ସଠିକ୍ ମାର୍ଗ ଦେଖାଇ ବ୍ୟକ୍ତିଗତ ସୃଜନଶୀଳତା ସୃଷ୍ଟିକରି ସାଧାରଣ ଲୋକଙ୍କ ମଙ୍ଗଳ କାମନା କରିବା ଆମର ବିଚାର।

# ଦାନ କରନ୍ତୁ

॥ ଅଜୟ କୁମାର ବେହେରା ॥

ସଂସାର ବଡ଼ଦାନୀ କିଏ ? ଏକଥା ଅନୁସନ୍ଧାନ କଲେ ଆମେ ନିଶ୍ଚେ ସୂର୍ଯ୍ୟଙ୍କୁ, ବାୟୁ ଦେବତା, ପୃଥିମାତା, ଗଙ୍ଗାମାତା ଏମିତି କେତେ ଧାଡ଼ିରେ ଦାନୀମାନେ ଆସିଯିବେ। ମନୁଷ୍ୟ ଏମାନଙ୍କ ବିନା ବଞ୍ଚିବା କେବେ ସମ୍ଭବ ନୁହେଁ। ଦାନ ନେଇ ଦାନ ଦେବା ଦ୍ୱାରା ତିନିପୁରରେ ଜିତାପଟ କରାଇଥାଏ। ମାତ୍ର ଏବେ ଦାନର ମର୍ଯ୍ୟାଦା କେହି ରଖିବାକୁ ଚାହୁଁ ନାହାନ୍ତି। ଆପଣା ପେଟପୁରା ଭୋଜନ ସୁନ୍ଦର ପୋଷାକ ପରିଚ୍ଛନ୍ନ ଅଳଙ୍କାର ଧାରଣ ଉତ୍ତମ ଘର ଜାଗା ଜମି ଯାନ ବାହାନ ଇତ୍ୟାଦି ସମସ୍ତେ ମଜଗୁଲ ଭଲ ଚାକିରୀ ପାଇଁ ଉଦ୍ୟମୀ, ଏସବୁରେ ସବୁ ବ୍ୟକ୍ତିଙ୍କର ଆଖି ଜଣେ ଜଣେ ଅନେକ ରୋଜଗାର କରି ତାଙ୍କର ସମ୍ପତ୍ତି ବଢ଼ାଇ ଚାଲିଛି ଓ ନଶ୍ୱର ଶରୀରକୁ ଚରିନ୍ତନୀ ଲୀଳାରେ ଜଡ଼ିତ କରି ଅନେକ ସ୍ୱପ୍ନ ଦେଖୁଛନ୍ତି କିନ୍ତୁ ଘଟ ଛୁଟିଲେ ତୋତେ ବୋଲି ଭୂତ ଏ ଉକ୍ତି ସେମାନେ ଭୁଲିଯାଉଛନ୍ତି। ଗୁରୁ ଗୋବିନ୍ଦ ନାମ ତୁଣ୍ଡରେ ଧରନ୍ତି ନାହିଁ। ବିଦ୍ୟାଗୁରୁ ମଧ୍ୟରେ ଅକ୍ଷର ଶିକ୍ଷାଦାତା କଥା କୁହାଇବା ଶିକ୍ଷା ଦାତାଙ୍କୁ ଅଣଦେଖା କରି ବିଦ୍ୟାର୍ଜନର ଶେଷକାଳ ଶିକ୍ଷକଙ୍କୁ ସମସ୍ତେ ମନେରଖନ୍ତି। ଗୋବିନ୍ଦ କିଏ ? ଏକଥା ବୁଝିବାକୁ ତର ନାହିଁ।

ନାରାୟଣ ଅଛନ୍ତି, ନର ରୂପୀ ନାରାୟଣ ଭଗବାନ ବାମନ ରୂପରେ ଦାନର୍ଥି ଥିଲେ। ବାମନଙ୍କୁ ଦେଖିବେ କେଉଁଠି ରଥେରୁଢ଼ ବାମନ ଦୃଷ୍ଟା ପୁନର୍ଜନ୍ମ ନବିଦ୍ୟତେ। ଏ ବାମନ ଅବତାର ଆସିଥିଲେ ଲୋକେ ଯେତେବେଳେ କାମ ନକରି ରାଜଧନକୁ କେବଳ ଆଶ୍ରା କରୁଥିଲେ ସେତିକିବେଳେ ବାମନ ଆସିଥିଲେ ସେ ତିନିପାଦ ଭୂମି ମାଗିଥିଲେ। ପାଦର ଚୌଡ଼ା ଲମ୍ବା ଅଛି ଏମିତିବା ଭୂମି ଖଣ୍ଡିଏ କଣ ହେବ ? ଏପରି ଭାବନା ମନରେ ଆସିବା ସ୍ୱାଭାବିକ ହେଲେ ଅସଲ ରହସ୍ୟ ନାନୋପଦ୍ଧତି ସବୁଠାରୁ ଦରକାରୀ ଆବଶ୍ୟକକୁ ଛୋଟେଇ ଆକାଂକ୍ଷା କଲେ ଯାଇଁ ଜଗତରେ ତିଷ୍ଠି ହେବ। ଏଇଟା ବାମନଙ୍କ ଶିକ୍ଷାଦାନ। ଅନେକ ଆଶ୍ରମରେ ଭଣ୍ଡାରା ହେଉଛି, ମୋଫତ ଖାଦ୍ୟ ଦିଆ ଯାଉଛି, କିନ୍ତୁ ଆଶ୍ରମରେ ଅର୍ଥ ଅର୍ଜନ ଭିକ୍ଷା ମାଧୁକରୀରେ ହିଁ ହୁଏ। ଭିକ୍ଷା କରି ସେମାନେ ଅନ୍ୟକୁ ଖୁଆନ୍ତି ଏହା ନାରାୟଣ ପୂଜା ଅନ୍ନ ଅଛି ଅନ୍ନପୂର୍ଣ୍ଣାଙ୍କ ହାତରେ ଅନ୍ନପୂର୍ଣ୍ଣା କାଶିରେ ପାର୍ବତିମାଙ୍କ ନାମ ଭଗବାନ ଶଙ୍କର ଝୋଲି ପାତି ଅନ୍ନପୂର୍ଣ୍ଣାଙ୍କ ଠାରୁ ଅନ୍ନଭିକ୍ଷା କରିବା ଛବି କାଶୀରେ ବଜାରରେ ବିକ୍ରୀ ହୁଏ। ଆମ ଓଡ଼ିଶାରେ ଖୋଜ କଲେ ମିଳେ। ଶଙ୍କରଙ୍କ ଅବତାର ଗୁରୁ ଗୋରଖନାଥ ତାଙ୍କର ଗୁରୁ ମଣ୍ଛିନ୍ଦ୍ରନାଥ ଓ ତାଙ୍କର ଗୁରୁ ଏଇ ଶଙ୍କରଙ୍କ ରୂପ ଆଦିନାଥ, ତାଙ୍କର ପ୍ରବର୍ତ୍ତିତ ମାର୍ଗ ନାଥଧର୍ମ। ନାଥମାନେ ଭିକ୍ଷାଥାଳ ଧରି ଘରେ ଘରେ ଭିକ୍ଷାକରି ତାଙ୍କର ଭୋଜନ ସଂଗ୍ରହ କରନ୍ତି। ଆମ ରାଜ୍ୟରେ ମହିମା ଧର୍ମର ଉପାସକମାନେ କାହାରି ଘରେ ଅନ୍ନଭିକ୍ଷା କଲେ ଗୃହସ୍ଥର ଆଭ୍ୟନ୍ତର ଗୃହକୁ ନଯାଇ ପଦାରେ ବାହାରେ ଭୋଜନ ମାତ୍ର ଏକଥର କରନ୍ତି। କେତେବେଳେ ଦ୍ୱିତୀୟ ଥର କେବେ ଭୋଜନକୁ ରହନ୍ତି ନାହିଁ। ବୌଦ୍ଧ ଧର୍ମର ଭିକ୍ଷୁମାନେ ଗୃହସ୍ଥ ଦ୍ୱାରକୁ ଗଲେ ଭିକ୍ଷା ମାଗିବା ସହିତ ଦାକୁ ଭିକ୍ଷାଦାନ କାଳରେ ତାଙ୍କ ଆଖିକୁ ଆସିଥିବା ତତ୍କାଳ ପରିସ୍ଥିତିରେ କିଛି ବ୍ୟତିକ୍ରମ ଉପରେ ଉପଦେଶ ଦିଅନ୍ତି। ଧର୍ମମାସରେ ଆସେ ବୈଶାଖ, କାର୍ତ୍ତିକ, ମାଘ ଓ ଆଷାଢ଼ ମାସ। ଏ ମାସ ଗୁଡ଼ିକ ସଂକ୍ଷିପ୍ତରେ ଆକାମାବୈ, କ୍ରମରେ ରହିଛି। ଆଷାଢ଼ ମାସରେ ବର୍ଷା, ଝଡ଼ତୋଫାନ ଏଥିରେ ପାଦରେ ଚାଲି ଚାଲି ଘର ବୁଲିବା ଏକ ପ୍ରକାର କଷ୍ଟ କାମ। ଏହାବାଦ ଅନ୍ୟ ତିନି ମାସରେ ପୁରୀ ଜିଲ୍ଲା କିଛି ବ୍ରାହ୍ମଣ ଶାସନରୁ କିଛି ଉପଦେଶ ଦେବା ବ୍ରାହ୍ମଣ ତାଙ୍କୁ ଚକ୍ରକୁ ଚକ ଭଳି ବୁଲିବା ପଣ୍ଡା (ପଣ୍ଡିତ)ମାନେ ଚକୁଳିଆ ପଣ୍ଡା ଭାବରେ ପରିଚିତ ସେମାନେ ଗୃହସ୍ଥଙ୍କ ଘର ସଂଲଗ୍ନ ରାସ୍ତା ରାସ୍ତାରେ କିଛି ଧର୍ମକଥା ଶୁଣାଇ ଶୁଣାଇ ଉପଦେଶ ଦେଇ ଦେଇ ସିଦ୍ଧା ଅନ୍ନ ପରିବା ଭିକ୍ଷା ରୂପେ ଗ୍ରହଣ କରନ୍ତି। ଏସବୁରେ ଗୃହସ୍ଥ ଦାନ ସହିତ ଅମୂଲ୍ୟ ଉପଦେଶମାନ ପାଆଁନ୍ତି। ଆମ ରାଜ୍ୟରେ ଯେକୌଣସି ମନ୍ଦିରକୁ ଦର୍ଶନ ପାଇଁ ଗଲେ ମନ୍ଦିର ପାଖ ସମ୍ମୁଖ ରାସ୍ତା ଭାଗରେ କିଛି ଭିକ୍ଷାର୍ଥୀ ବସିଥାନ୍ତି। ଏମାନେ ମନ୍ଦିର ପ୍ରବେଶ ବେଳକୁ କିଛି ମାଗନ୍ତି ନାହିଁ ମାତ୍ର ଦର୍ଶନ ସାରି ଫେରିବା ବେଳକୁ କିଛି ଦାନ ସଂଗ୍ରହ ପାଇଁ ମାଗୁଣି କରନ୍ତି। ପ୍ରକୃତରେ ଏମାନେ ପ୍ରାପ୍ତ ଦାନ ନେବାକୁ ଏ ପ୍ରକାର ବେଶରେ ଏଠାରେ ବସିଛନ୍ତି। ଯେଉଁମାନେ ରୋଜଗାରକୁ ଅକ୍ଷମ, ବିକଳାଙ୍ଗ ବା ଉପାୟ ଶୂନ୍ୟ। ମାତ୍ର ଏ ମଧ୍ୟରେ ଦଳେ ମାୟାବୀ ଠକ ବି ସାମିଲ ଏବେ ହେଲେଣି। ପ୍ରକୃତରେ ଏପରି ଆମାର ଦେବଭକ୍ତଙ୍କର ଏକ ଧର୍ବ ବିଶ୍ୱାସ ଯେ ଏମାନଙ୍କୁ ନିଜର ଅର୍ଜିତ ଆୟ ଦାନ କଲେ ପୁଣ୍ୟ ହୁଏ। ଏହା ଅନେକାଂଶରେ ଠିକ। ସେମାନଙ୍କୁ ବଞ୍ଚିବା ପାଇଁ ସହାୟକ ହେଲେ ଦାନ କରି ମଙ୍ଗଳ ହିଁ ହୁଏ। ମାତ୍ର ଠକଙ୍କୁ ନୁହେଁ, ଠକ ମାନେ ଦାନ ଅର୍ଥ ଅସଦ ବିନିଯୋଗ, ନିଶାପାଣିରେ ବୃଥା ମଜଲିସ କରିଥାନ୍ତି। ଡାକ୍ତରଖାନାରେ ଅନେକ ସାଂଘାତିକ ରୋଗୀଙ୍କର ଔଷଧ ବା ଚିକିତ୍ସା ପାଇଁ ଅର୍ଥ ନଥାଏ। ଏଠାରେ ରୋଗୀର ଲୋକ ବିକଳ ହୋଇ ଔଷଧ ଚିଠା ଦେଖାଇ ଭିକ୍ଷା ମାଗନ୍ତି। ଚିଠାରେ ଔଷଧ ନାମ ଡାକ୍ତରଙ୍କ ନାମ ଥାଏ ମାତ୍ର କେତେ ସ୍ଥଳରେ କିଛି ଠକ ଏମାନଙ୍କୁ ଆଗରେ ରଖି ଲୋକଙ୍କ ସହାନୁଭୂତିରେ ପ୍ରାପ୍ତ ଅର୍ଥକୁ ନିଜେ ଚଳୁକରନ୍ତି। ଏ ପାଇଁ ଭଲ କରି ଅନୁଧ୍ୟାନ କରି ଏମାନଙ୍କୁ ଅର୍ଥ ସହାୟକ ଆବଶ୍ୟକ। କ୍ୟାନସର ରୋଗୀ, ଥାଲାସେମିଆ ରୋଗୀ ଜାରୁରୀ ରକ୍ତ ଆବଶ୍ୟକ ପାଇଁ ବିକଳ, ମୁତ୍ରଯନ୍ତ୍ରର ଜଟିଳ ରୋଗୀ ଇତ୍ୟାଦିଙ୍କୁ ସହାୟ ନିହାତି ବିବେକୀ ଦାନ ଦେବା ଉଚିତ।

ମହାଭାରତ
# ରାଇଜ କଥା
ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ସୁଭଦ୍ରା ରଥର ଶୁଭାରମ୍ଭ କଲେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀବିଭୂତି ଭୂଷଣ ଜେନା



ରାୟଗଡ(ମହାଭାରତ) ମାନ୍ୟବର ବାଣିଜ୍ୟ ଓ ପରିବହନ ଏବଂ ଇସ୍ପାତ ଓ ଖଣୀ ମନ୍ତ୍ରୀ ବିଭୁତି ଭୂଷଣ ଜେନା ରାୟଗଡା ଜିଲ୍ଲା ଗସ୍ତ କରି ଆଜି ସ୍ଥାନୀୟ ଗୋବିନ୍ଦ ଚନ୍ଦ୍ର ଉଚ୍ଚ ବିଦ୍ୟାଳୟ ପଡ଼ିଆ ଠାରେ ସୁଭଦ୍ରା ରଥକୁ ଶୁଭାରମ୍ଭ କରିବା ସହିତ ମହିଳା ମାନଙ୍କୁ ସମ୍ବୋଧିତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ପାରୁଲ ପତାଓ୍ୱରୀ, ଅତିରିକ୍ତ ଜିଲ୍ଲାପାଳ ଭାସ୍କର ରଇତ, ଜିଲ୍ଲା ମୁଖ୍ୟ ବିକାଶ ଅଧିକାରୀ ନିହାର ରଞ୍ଜନ କହଁର, ଏବଂ ଉପଜିଲ୍ଲାପାଳ ରୟାଗଡ଼ ଶ୍ରୀମତୀ କଲ୍ୟାଣୀ ସଂଘମିତ୍ରକ୍ଷ ଦୋ ଉପସ୍ଥିତରେ ପ୍ରଚ୍ଛର ପତ୍ର ଉନ୍ମୋଚନ କରିବା ସହିତ ହିତାଧିକାରୀଙ୍କୁ ସ୍ୱୀକାରକ୍ତି ପ୍ରଦାନ କରିଥିଲେ । ଜିଲ୍ଲାରେ ୬ଗୋଟି ରଥକୁ ଆଜି ମାନ୍ୟବର ମନ୍ତ୍ରୀ ଶ୍ରୀ ଜେନା ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ପ୍ରତ୍ୟେକ ରଥ ଦୁଇଟି ବ୍ଲକ ଆଜିଠାରୁ ପରୀକ୍ରମା କରିବ ଏବଂ ବ୍ଲକର ବିଭିଉ ଗ୍ରାମ ପଂଚାୟତ ର ପ୍ରତ୍ୟେକ ଗ୍ରାମକୁ ଯାଇ ସୁଭଦ୍ରା ଯୋଜନା ବିଷୟରେ ଲୋକଙ୍କୁ ସଚେତନତା କରିବ । ନୂତନ ସରକାର ସୁଭଦ୍ରା କାର୍ଯ୍ୟକାର୍ତ୍ତିକାଙ୍କୁ ଯାଇଁ ଆଜି ଠାରୁ ସଚେତନ ବାର୍ତ୍ତା ପ୍ରଚ୍ଛର କରାଯିବ ।ଏହି ରଥ ଆଜିଠାରୁ ଆସନ୍ତା ୧୬ତରଖ ଯାଏଁ ଜିଲ୍ଲାର ଗ୍ରାମେ ଗ୍ରାମେ ବୁଲିବ ଏବଂ ସୁଭଦ୍ରା ବାର୍ତ୍ତା ପ୍ରଚ୍ଛର କରିବ ।ଏହି ଯୋଜନାରେ ପ୍ରତ୍ୟେକ ମହିଳା ପା□ ବର୍ଷରେ ୫୦ହଜାର ଟଙ୍କା ପାଇବେ ଏବଂ ବର୍ଷକୁ ଦୁଇଟି କିସ୍ତିରେ ୧୦ହଜାର ଲେଖାଏଁ ପାଇବେ । ଯୋଗ୍ୟ ମହିଳାଙ୍କୁ ପ୍ରତ୍ୟେକ ବର୍ଷ ରାକ୍ଷୀ ପୂର୍ଣ୍ଣିମା ଓ ବିଶ୍ୱ ମହିଳା ଦିବସରେ ପ୍ରଦାନ କରାଯିବ । ଆଜିର ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଶ୍ରୀମତୀ ପ୍ରତିମା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ଡିପିଏମ ଓଏଲଏମ ହେମନ୍ତ କୁନାର ବାଗ, ଡିପିସି ମମତା ଜିତେନ୍ଦ୍ର ମହାପାତ୍ର, ପୌର ର୍ନିବାହୀ ଅଧିକାରୀ, ସଦର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ, ମିନାକ୍ଷୀ ଦାଶ,ସୁଜାତା ତ୍ରିପାଠୀ, ପ୍ରତିମା ଦାଶ, ଶାନ୍ତନୁ ବେହେରା, ମଧୁଲତା ଦଣ୍ଡସେନା, ଇନ୍ଦ୍ରଜିତ ନାଏକ, ଭାସ୍କର ରେଡି, ମିଶନ ଶକ୍ତି ମହିଳା, ସ୍ୱୟଂ ସହାୟକ ଗୋଷ୍ଠୀ, ଅଙ୍ଗନବାଡି କର୍ମୀ ଓ ସୁପରବାଇଜର ମାନେ ଯୋଗଦାନ କରିଥିଲେ ।

# ସୁଭଦ୍ରା ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ସାମ୍ବାଦିକ ସମ୍ମିଳନୀ

ଅନୁଗୋଳ ,(ମହାଭାରତ): ଅନୁଗୋଳ ଜିଲ୍ଲାରେ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଆଜି ଅପରାହ୍ନରେ ଜିଲ୍ଲାପାଳ ଶ୍ରୀ ଅବଦାଲ୍ ମୁହମ୍ମଦ୍ ଅତରଙ୍କ ଅଧ୍ୟକ୍ଷତାରେ ତାଙ୍କ ପ୍ରକୋଷ୍ଠରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ସୁଭଦ୍ରା ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ଉପସ୍ଥିତ ଗଣମାଧମର ପ୍ରତିନିଧି ମାନଙ୍କୁ ସଂକ୍ଷିପ୍ତ ସୂଚନା ପ୍ରଦାନ କରିଥିଲେ । ଜିଲ୍ଲାରେ ୪ଲକ୍ଷରୁ ଊର୍ଦ୍ଧ ହିତାଧିକାରୀମାନଂକୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏଥି ନିମନ୍ତେ ମୋଟ ୫ ଲକ୍ଷ ଫର୍ମ ମୁଦ୍ରଣ କରାଯାଇ ଜିଲ୍ଲାର ମୋଟ ୧୬୮୫ ଅଙ୍ଗନୱାଡି କେନ୍ଦ୍ର, ୨୨୫ ଗ୍ରାମ ପଞ୍ଚାୟତ ଓ ସମସ୍ତ ବ୍ଲକ୍ କାର୍ଯ୍ୟାଳୟରେ ଉପଲବଧ କରାଯାଇଛି ଏବଂ ଏହି ଯୋଜନାର ଫର୍ମ ସମ୍ପୁର୍ଣ ଦେୟ ମୁକ୍ତ । ଯୋଗ୍ୟ ହିତାଧୋକାରୀମାନେ ନିଜର ଆଧାର କାର୍ଡ, ମୋବାଇଲ ନମ୍ବର ଓ ବ୍ୟାଙ୍କ ଆକାଉଣ୍ଟ ନମ୍ବରକୁ ନେଇ ନିକଟସ୍ଥ ମୋ ସେବା କେନ୍ଦ୍ର କିମ୍ବା ଜନ ସେବା କେନ୍ଦ୍ର ଠାରେ ନିଜ ନାମ ସୁଭଦ୍ରା ପୋର୍ଟାଲରେ ପଞ୍ଜିକରଣ କରିପାରିବେ । ଆବେଦନକାରୀମାନଙ୍କୁ କୌଣସି ସ୍ତରରେ ଏଥିପାଇଁ ଦେୟ ଦେବାକୁ ପଡିବ ନାହିଁ । ସେହିପରି ଆଧାରକାର୍ଡ ଗୁଡିକରେ ଆବଶ୍ୟକ ସଂଶୋଧନ କରିବା ନିମନ୍ତେ ପ୍ରତି ବ୍ଲକରେ ୫ଟି ଲେଖାଏଁ ଆଧାର ସଂଶୋଧନ କେନ୍ଦ୍ର ସ୍ଥାପନ କରାଯାଇଛି ।

# ସୁଭଦ୍ରା ଯୋଜନା ପାଇଁ ଆଧାରରେ ମୋବାଇଲ ସଂଯୋଗ ଜରୁରୀ ନୁହ




ଦେବଗଡ଼ (ମହାଭାରତ) ଆଜି ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ସାମ୍ବାଦିକ ମାନଙ୍କୁ ନେଇ ସୁଭଦ୍ରା ଯୋଜନା ଉପରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି ।ସୁଭଦ୍ରା ଯୋଜନା ରେ ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ନିମନ୍ତେ ବିଭିଉ ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରରେ ମହିଳାଙ୍କ ଭିଡ ଲାଗି ରହୁଛି । ଆଧାର କାର୍ଡରେ ମୋବାଇଲ ନମ୍ବର ଲିଙ୍କ ଜରୁରୀ ନୁହେଁ ବୋଲି ଜିଲ୍ଲାପାଳ ଶ୍ରୀ ସାହୁ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି । ଆଧାର କାର୍ଡ ରେ ମୋବାଇଲ ଲିଙ୍କ୍ ହେଉନଥିଲେ ସୁଦ୍ଧା ବ୍ୟସ୍ତ ହେବାର ଆବଶ୍ୟକ ନାହିଁ । ଦେବଗଡ଼ ଜିଲ୍ଲାରେ ୧ ଲକ୍ଷ ୨୧ ହଜାର ହିତାଧିକାରୀ ମାନେ ଅନଲାଇନରେ ଫର୍ମ ପୂରଣ କରୁଛନ୍ତି । ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ରରେ ଫର୍ମ ପୂରଣ କରି ବିନା ଶୁଳ୍କରେ ଆବେଦନ କରିପାରିବେ । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସୁରତି ପ୍ରଧାନ, ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ଓ ସାମ୍ବାଦିକ ମାନେ ଉପସ୍ଥିତ ଥିଲେ ।

# ଗଞ୍ଜୀଡା ବାସୀ ନ୍ୟାୟ ପାଇବାପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ



ଅନୁଗୋଳ,(ମହାଭାରତ):ଅନୁଗୋଳ ଜିଲ୍ଲା ଅନ୍ତୁଲିଆ ପଞ୍ଚାୟତ ର ଗଞ୍ଜାଡା ଗ୍ରାମ ର ୯୨ ପରିବାର ନ୍ୟାୟ ପାଇଁ ଅନୁଗୋଳ ଜିଲ୍ଲାପାଳ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଯେ , ଗଣେଶ ପୂଜା ଥିବାରୁ ବାହାରେ କାମ କରୁଥିବା ଗଞ୍ଜାଡା ଗ୍ରାମ ରହୁଣୀ ସାହି ଓ କଇଥ ସାହିର ଟିକନ୍ ପ୍ରଧାନ, ନରୋତ୍ତମ ପ୍ରଧାନ, କୈବର୍ତ୍ତ ପ୍ରଧାନ ଘରକୁ ଆସିଥିଲେ, କିନ୍ତୁ ଗତ କାଲି ରାତି ୨ଟା ସମୟରେ ରେ ହଠାତ ଅବକାରୀ ବିଭାଗ ଏହି ୩ଜଣଙ୍କୁ ଉଠାଇ ନେଇଥିଲେ। ଗ୍ରାମବାସୀ କହିଥିଲେ କି କିଛି ଲୋକ ମଦ ବିକୁଛନ୍ତି ,ତାଙ୍କ ସହିତ ପୂର୍ବରୁ ଗ୍ରାମବାସୀଙ୍କ ଝଗଡ଼ା ହୋଇଥିଲା, ସେଥିପାଇଁ ସେହି ମଦବିକ୍ରେତା ମାନେ ଅବକାରୀ ବିଭାଗ ସହ ମିଶି ବାହାରୁ ମଦ ବୋତଲ ଆଣି ଉଦ୍ଦେଶ୍ୟ ମୂଳକ ଭାବେ ଏହି କାଣ୍ଡ ଭିଆଇଛନ୍ତି ବୋଲି ଗ୍ରାମବାସୀ ପ୍ରକାଶ କରିଛନ୍ତି। ଆଜି ସକାଳେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ସରପଂଚ, ଏସ.ପି ଅଫିସ୍ ଓ ଅନୁଗୋଳ ଜିଲ୍ଲାପାଳଙ୍କୁ ଲିଖିତ ଅଭିଯୋଗ କରିବା ସହ ବିନା ଦୋଷରେ ଉଠାଇ ନେଇଥିବା ୩ ଜଣ ନିରୀହ ଖଟିଖିଆ ଆଦିବାସୀ ଯୁବକଙ୍କୁ ଛାଡ଼ିବା ସହ ଦୋଷୀ ବିରୋଧରେ ଦୃଢ଼ କାର୍ଯ୍ୟାନଷ୍ଠାନ ନେବାପାଇଁ ନିବେଦନ କରିଛନ୍ତି। ନ୍ୟାୟ ନ ପାଇଲେ ଆଗାମୀ ୧୦ ତାରିଖରେ ଆନ୍ଦୋଳନକୁ ଓହ୍ଲାଇବୁ ବୋଲି ଗଞ୍ଜାଡା ବାସୀ ଚେତାବନୀ ଦେଇଛନ୍ତି। ଏ ଘଟଣା ବିଷୟରେ ଅବକାରୀ ଡି ଏସ ଇ ନିଳାଦ୍ରି ବିହାରୀ ନାୟକ ଙ୍କୁ ପଚାରିବାରୁ ଦେଶୀ ମଦ କାରବାର କରୁଥିବାରୁ ୩ ଜଣ ଙ୍କୁ ଗିରଫ କରାଯାଇଛି। ଆଜି ଏକ ମାମଲା ରୁଜୁ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି କହିଛନ୍ତି।

# ରାଇରଙ୍ଗପୁରରେ ବିଜେପିର ସଦସ୍ୟତା ଅଭିଯାନ



ରାଇରଙ୍ଗପୁର(ମହାଭାରତ): ବିଜେପିର ପକ୍ଷରୁ ରାଇରଙ୍ଗପୁରସ୍ଥ ପିସିଏମ୍ କଲ୍ୟାଣୀ ମଣ୍ଡପଠାରେ ଜିଲ୍ଲା ସଭାପତି କୃପାସିନ୍ଧୁ ମହାନ୍ତଙ୍କ ନେତୃତ୍ୱରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମରେ ସଭ୍ୟ ସଂଗ୍ରହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ଲୋକସଭା ସାଂସଦ ନବଚରଣ ମାଝୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସଭାପତି ଶ୍ରୀଯୁକ୍ତ ମହାନ୍ତ ତାଙ୍କୁ ପ୍ରଥମେ ସଦସ୍ୟତା କରାଇଥିଲେ । ପରବର୍ତ୍ତୀ ସମୟରେ ବିଜେପିର ରାଜ୍ୟ ସମ୍ପାଦକ ନବୀନ ରାମ,ମନୋଜ ଦାସ, ସରୋଜ ମହାନ୍ତ, ବିପିନ ମହାନ୍ତ, ଆଶିଷ ମହାନ୍ତ,ସଞ୍ଜିବ ମହାନ୍ତି, ନରେନ୍ଦ୍ର ସାହୁ,ଜୟବ୍ରତ ଗିରି, ଜୁରିଲାଲ୍ ମହାନ୍ତ, କିନାରାମ୍ ବିରୁଆ, ନଗର ସଭାପତି ସୁରଥ କୁମାର ପଟ୍ଟନାୟକ, ମିନତୀ ବସା,ହରିଶ ଚନ୍ଦ୍ର ମହାନ୍ତ, ଗୋବିନ୍ଦ ମହାନ୍ତ,ଜାନକୀ ରାମ୍,ଶାନ୍ତି ମହାନ୍ତ,ତୁଳସୀ ଦାସ ମହାନ୍ତ,ପରମାନନ୍ଦ ସିଂ,ପାରାଉ ହେମ୍ବ୍ରମ, ହରିହର ମହାନ୍ତ,ଦିଲ୍ଲୀପ ମହାନ୍ତ,ଦିଲ୍ଲୀପ ମହାନ୍ତିଙ୍କ ସମେତ ଶତାଧିକ କର୍ମୀ ବିଜେପିର ସଦସ୍ୟତା ଅଭିଯାନରେ ସାମିଲ୍ ହେଲେ।

# ବିଶ୍ୱରୂପା ସାହିତ୍ୟ ପତ୍ରିକା ପକ୍ଷରୁ ଗୁରୁପୂଜନ ଉତ୍ସବ ପାଳିତ

ଦଶରଥପୁର, (ମହାଭାରତ ):ପବିତ୍ର ଗୁରୁ ଦିବସ ଉପଲକ୍ଷେ ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ ଲକ୍ଷ୍ମୀପୁର ଗ୍ରାମରେ ବିଶ୍ୱରୂପା ସାହିତ୍ୟ ପତ୍ରିକା ପକ୍ଷରୁ ଗୁରୁପୂଜନ ଉତ୍ସବ ପାଳିତ ହୋଇ ଯାଇଛି । ବରିଷ୍ଠ ଆଇନଜୀବୀ ତଥା ବିଶିଷ୍ଟ ଶିକ୍ଷାବିତ ବୈକୁଣ୍ଠ ନାଥ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ସଭାଟିକୁ ଉଦଘାଟନ କରିଥିଲେ। ଗୁରୁପୂଜନ ପାଳନ ଉତ୍ସବ ଅବସରରେ ଏକ ସାଧାରଣ ସଭା ଅବସର ପ୍ରାପ୍ତ ଶିକ୍ଷକ ସନାତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲ, ମୁଖ୍ୟ ବକ୍ତା ଭାବେ ଡ଼ଃ ବିଜୟ କିଶୋର ସାମଲ, ସମ୍ମାନିତ ଅତିଥି ରୂପେ କୟାଁଗୋଲା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କୁଳମଣି ମଲ୍ଲିକ, କମାରଡ଼ିହି ଜୟଚଣ୍ଡୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତି, ବିଶ୍ୱରୂପା ସାହିତ୍ୟ ପତ୍ରିକାର ସମ୍ପାଦକ ପ୍ରତାପ କୁମାର ପଣ୍ଡା,କମାରଡିହି ପଞ୍ଚାୟତର ପ୍ରାକ୍ତନ ସମିତି ସଭ୍ୟ ମଳୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ଆଜିର ଦିନରେ ଲକ୍ଷ୍ମୀପୁର ଗ୍ରାମରେ ଏଭଳି ଗୁରୁପୂଜନ ଉତ୍ସବର ଆୟୋଜନ କରାଯାଇଥିବାରୁ ଆୟୋଜକ ମାନଙ୍କର ଏଭଳି ମହତ କାର୍ଯ୍ୟକୁ ଅତିଥିମାନେ ଖୁବ ପ୍ରଶଂସା କରିଥିଲେ । ସାହିତ୍ୟ ବିନା ସଂସ୍କୃତି, ପରମ୍ପରା ବଞ୍ଚିରହିବା ଅସମ୍ଭବ ବୋଲି ଉଦଘାଟକ ତଥା ଆଇନଜୀବୀ ବୈକୁଣ୍ଠ ନାଥ ପରିଡା ମତବ୍ୟକ୍ତ କରିବା ସହ ଶ୍ରୀ ପରିଡା ତାଙ୍କର ଗୁରୁ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ଅବସର ପ୍ରାପ୍ତ ଶିକ୍ଷକ ପ୍ରଫୁଲ୍ଲ କୁମାର ସାମଲଙ୍କୁ ଗୁରୁପୂଜନ କରିବା ସହ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଗ୍ରାମା□ଳରୁ ଏଭଳି ପତ୍ରିକା ପ୍ରକାଶ ପାଇପାରୁଥିବାରୁ ବିଶ୍ୱରୂପା ସାହିତ୍ୟ ପତ୍ରିକାର କାର୍ଯ୍ୟକର୍ତ୍ତା ମାନଙ୍କୁ ମୁଖ୍ୟ ଅତିଥି ବୈକୁଣ୍ଠ ପରିଡା ଖୁବ ପ୍ରଶଂସା କରିଥିଲେ। ଅନୁଷ୍ଠାନ ତରଫରୁ ଗୁରୁପୂଜନ କାର୍ଯ୍ୟକ୍ରମ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ପରିଚାଳନାରେ ଯୁବ ସମାଜସେବୀ ସୋମେନ୍ଦ୍ର ପରିଡା ସହଯୋଗ କରିଥିଲେ।

# ସୁଭଦ୍ରା ଯୋଜନାକୁ ନେଇ ଜିଲ୍ଲାପାଳଙ୍କ ସାମ୍ବାଦିକ ସମ୍ମିଳନୀ



ଗଜପତି(ମହାଭାରତ): ମହିଳା ମାନଙ୍କର ଆର୍ଥିକ ସଶକ୍ତିକରଣ କ୍ଷେତ୍ରରେ ରାଜ୍ୟ ସରକାରଙ୍କ ଏକ ଯୁଗାନ୍ତକାରୀ ଯୋଜନା ହେଉଛି 'ସୁଭଦ୍ରା' ଯୋଜନା। ଆଜି ଏହି ନେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ଏହି ସମ୍ମିଳନୀରେ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ର୍ନିବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି ଉପସ୍ଥିତ ଥିଲେ। ସାମ୍ବାଦିକ ସମ୍ମିଳନୀ ରେ ଜିଲ୍ଲାପାଳ କହିଥିଲେ ଯେ ଜିଲ୍ଲାର ୭ ଗୋଟି ବ୍ଲକର ୧୪୯ ଗ୍ରାମ୍ୟ ପଞ୍ଚାୟତ ର ୧୫୩୪ ରାଜସ୍ୱ ଗ୍ରାମ ମହିଳା ମାନେ ଅବେଦନ କରିବେ। ଜିଲ୍ଲାରେ ୨୪୪୩ ଗୋଟି ଅଙ୍ଗୱାଡ଼ି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରପରିଷଦ କାର୍ଯ୍ୟଳୟ, ମୋ ସେବା କେନ୍ଦ୍ର, ଜନସେବା କେନ୍ଦ୍ର, ଆଦି ଆବେଦନ ଫର୍ମ ମାଗଣାରେ ଉପଲବ୍ଧ ବୋଲି କହିଥିଲେ। ସେହିପରି ଜିଲ୍ଲାରେ ୨୪ ଆଧାର କେନ୍ଦ୍ର ରହିଅଛି ଏଣୁ କୌଣସି ମହିଳା ବ୍ୟସ୍ତ ବିବ୍ରତ ନ ହୋଇ ପଞ୍ଜିକରଣ କରିବାକୁ କହିଥିଲେ । ଏଣୁ ଏହି ଯୁଗାନ୍ତକାରୀ ଯୋଜନାରେ ଯୋଗ୍ୟ ମହିଳା ହିତାଧିକାରୀ ସଚେତନ ହେବା ସହିତ କିପରି ଏହି ଯୋଜନାରେ ସାମିଲ ହୋଇ ସେମାନେ ଉପକୃତ ହେବେ ସେ ନେଇ ସାମ୍ବାଦିକ ସମ୍ମିଳନୀ ରେ କହିଥିଲେ। ଅଧିକ ସୂଚନା ଜାଣିବା ପାଇଁ ସ୍ଥାନୀୟ ସିଡିପିଓ ଙ୍କ କାର୍ଯ୍ୟଳୟରେ ଯୋଗାଯୋଗ କରି ଅଧିକ ସମ୍ପୂର୍ଣ୍ଣ ସହାୟତା ପାଇପାରିବେ ଓ ଦେୟ ମୁକ୍ତ ସହାୟତା ନମ୍ବର ୧୪୬୭୮ ଯୋଗାଯୋଗ କରି ଅଧିକ ସହାୟତା ପାଇପାରିବେ।

# ସୁଭଦ୍ରା ଯୋଜନା ଫର୍ମ ପୂରଣରେ ଦେୟ ଆଦାୟ ପାଇଁ ମୋ ସେବା /ଜନ ସେବା କେନ୍ଦ୍ରର କମ୍ପୁଟର ସେଟ ଜବତ

ରାଇରଙ୍ଗପୁର(ମହାଭାରତ) :ଗତକାଲି ରାଇରଙ୍ଗପୁର ସହର ସ୍ଥିତ ୱାର୍ଡ ନମ୍ବରର ୧୩ର ସିଗନାଲ ସାହି ରେ ସୁଭଦ୍ରା ଯୋଜନା ଫର୍ମ ପୂରଣ ପାଇଁ ଅଙ୍ଗନବାଡି କର୍ମୀ ମାନେ ହିତାଧିକାରୀଙ୍କ ପାଖରୁ ୫୦ ଟଙ୍କା ଲେଖାଏଁ ଆଦାୟ କରୁଥିବା ଅଭିଯୋଗ ହେବା ପରେ ଘଟଣାର ସତ୍ୟାସତ ସମ୍ବନ୍ଧ ରେ ରାଇରଙ୍ଗପୁର ସିଡିପିଓଙ୍କ ତ□କ୍ଷବଧାନରେ ସିଗନାଲ ସାହି ଓ ନୂଆଗାଁ ର ମହିଳା ପରିଦର୍ଶିକା ଉକ୍ତ ସ୍ଥାନରେ ପହଂଚି ହିତାଧିକାରୀ ଓ ଅଙ୍ଗନବାଡି କର୍ମୀ ଙ୍କ ଉପସ୍ଥିତି ରେ ତଦନ୍ତ କରିବା ପରେ ଜଣାପଡିଲା ଯେ କୌଣସି ଅଙ୍ଗନବାଡି କର୍ମୀଙ୍କ ଏଥିରେ ସମ୍ପୃକ୍ତି ନାହିଁ। ମାତ୍ର ନିକଟସ୍ଥ ମୋ ସେବା କେନ୍ଦ୍ର /ଜନସେବା କେନ୍ଦ୍ରରେ କାର୍ଯ୍ୟରତ କମ୍ପୁଟର ଅପରେଟର ମାନେ ସୁଭଦ୍ରା ଫର୍ମ ପୂରଣ ପାଇଁ ଅଳ୍ପ କିଛି ହିତାଧିକାରୀ ଙ୍କ ଠାରୁ ଉକ୍ତ ଅର୍ଥ ରାଶି ଆଦାୟ କରିଥିଲେ। ଘଟଣା ଜଣାପଡିବା ପରେ ଆଦାୟ ହୋଇଥିବା ଅର୍ଥ ରାଶି କୁ ଦେଇଥିବା ସୁଭଦ୍ରା ଯୋଜନାର ସମ୍ପୃକ୍ତ ହିତାଧିକାରୀ ମାନଙ୍କୁ ଫେରାଇ ଦେବାର ବ୍ୟବସ୍ଥା କରାଯାଇଥିଲା। ଉକ୍ତ ଘଟଣା ଆଧାରରେ ରାଇରଙ୍ଗପୁର ଟାଉନ ଥାନା ର ଆଇ ଆଇ ସି ଶ୍ରୀ ସୁଚନ୍ଦ୍ର ମହାଳିକଙ୍କ ତତ୍ତ୍ୱାବଧାନ ରେ ଟାଉନ ଥାନା ସବ ଇନିସପେକ୍ଟର ଶ୍ରୀ ଆଲୋକ କୁମାର ସିଂ ଘଟଣା ସ୍ଥଳରେ ପହଂଚି ମୋ ସେବା/ ଜନସେବା କେନ୍ଦ୍ରର ଗୋଟିଏ ଲ୍ୟାପଟପ ସହ ଗୋଟିଏ ମନିଟର ଓ ସି.ପି.ୟୁ. ଜବତ କରିଥିଲେ।

# ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ତରଫରୁ ଗଣେଷ ପୂଜା ଅନୁଷ୍ଠିତ



ଅସ୍ତରଙ୍ଗ, (ମହାଭାରତ): ଆଜି ପବିତ୍ର ଶ୍ରୀ ଗଣେଷ ଚତୁର୍ଥୀ, ଆଜି ର ଦିନ ରେ ବିଘ୍ନହର୍ତ୍ତା ଶ୍ରୀ ଗଜାନନ ଙ୍କ ପୂଜା । ସାରା ଭାରତ ବର୍ଷ ଆଜି ମହାବିନାୟକ ଙ୍କ ପୂଜା ପାଇଁ ତତ୍ପର ରହିଛି। ଏହି ଅବସ୍ଥା ରେ ଆଜି ପୁରୀ ଜିଲ୍ଲା ଅସ୍ତରଙ୍ଗ ବ୍ଲକ ର ବହୁ ପୁରାତନ ସାମ୍ବାଦିକ ସଙ୍ଘ ତରଫରୁ ଶ୍ରୀ ଲକ୍ଷ୍ମୀକଲ୍ୟାଣ ମଣ୍ଡପ ରେ ଗଣେଷ ପୂଜା ଟି ବେଶ ଧୂମଧାମ ରେ ହୋଇଛି। ସେ ହେଉଛନ୍ତି ଜ୍ଞାନ ଓ ବୁଦ୍ଧି ର ଦେବତା, ସେ ଅଗ୍ରପୂଜ୍ୟ ତେଣୁକରି ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ ଯେତେବେଳେ ଯେଉଁ ପରିସ୍ଥିତି ରେ ସମାଜ ପାଇଁ କରୁଥିବା କାର୍ଯ୍ୟ ରେ ଏହି ବିଘ୍ନହର୍ତ୍ତା ଙ୍କ ଆଶୀର୍ବାଦ ରୁ କରେ, ସାମ୍ବାଦିକ ଏକ ବୃତ୍ତି ନୁହେଁ ବରଂ ଏହା ଏକ ସେବା ଯେଉଁ ସେବା ରେ ବିଦ୍ୟା, ବୁଦ୍ଧି ଓ ଜ୍ଞାନ ର ଅତ୍ୟନ୍ତ ଆବଶ୍ୟକ ରହିଛି ଆଉ ଏହି ଆଶୀର୍ବାଦ ଦେବାର ଅଖଣ୍ଡ କ୍ଷମତା ଶ୍ରୀ ବିଘ୍ନହର୍ତ୍ତା ଙ୍କ ହସ୍ତରେ ଥିବାରୁ ଚଳିତ ବର୍ଷ ଠୁ ସଙ୍ଘ ତରଫରୁ ଏହି ପୂଜାର ଆରମ୍ଭ ହୋଇଛା। ଏହି ପୂଜା ଅସ୍ତରଙ୍ଗ ଅଞ୍ଚଳ ର ପ୍ରତିଭା ସମ୍ପନ୍ନ ପୁରୋହିତ ଶ୍ରୀଯୁକ୍ତ ବଳରାମ ତ୍ରିପାଠୀ ଙ୍କ ପୌରହିତ୍ୟ ରେ ହୋଇଛି । ଅନ୍ୟ ପଟେ ଅସ୍ତରଙ୍ଗ ସାମ୍ବାଦିକ ସଙ୍ଘ ର ବରିଷ୍ଠ ପରାମର୍ଶଦାତା ନିରଞ୍ଜନ ଦାସ, ପ୍ରଶାନ୍ତ ବାରିକ ଙ୍କ ସମେତ ସଭାପତି ବିଶ୍ୱରଞ୍ଜନ ବିଶ୍ୱଶ୍ରୀ, କାର୍ଯ୍ୟକାରୀ ସଭାପତି ଆର୍ଯ୍ୟ ବିଶ୍ୱାଳ, ଉପ ସଭାପତି ସମୀର କର, ସମ୍ପାଦକ ଲୋକନାଥ ସ୍ୱାଇଁ, ଆର୍ତ୍ତ ତ୍ରାଣ ମହାନ୍ତି, ସୁଧୀର କର, ଆଦିତ୍ୟ ବିଶ୍ୱାଳ, ମନୋଜ ବିଶ୍ୱାଳ, ସମୀର ବେଉରା ଓ ଆଇନପରାମର୍ଶ ଦାତା ଦିବ୍ୟଦର୍ଶୀ ବିଶ୍ୱାଳ ଉପସ୍ଥିତ ରହି ଗଜାନନ ଙ୍କ ପୂଜା ରେ ନିଜକୁ ନିୟୋଜିତ କରିବା ସହିତ ଗଣତନ୍ତ୍ର ର ସୁରକ୍ଷା ପାଇଁ ପାର୍ଥନା କରିଥିଲେ।

# ନବରଙ୍ଗପୁରଜିଲ୍ଲା ରେ ସୁଭଦ୍ରା ସଚେତନତା ରଥର ଶୁଭାରମ୍ଭ



ନବରଙ୍ଗପୁର(ମହାଭାରତ):ଜିଲ୍ଲାରେ ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟା ଆରମ୍ଭ ହୋଇଛି ।ମହିଳାମାନଙ୍କ ମଧ୍ୟରେ ଅତ୍ୟନ୍ତ ଉତ୍ସାହ ଦେଖାଦେଇଛି ଏବଂ ଏଥିପାଇଁ ପ୍ରଶାସନ ତରଫ ରୁ ବ୍ୟାପକ ବ୍ୟବସ୍ଥା ହୋଇଛି। ଏହାର ସଫଳ ରୂପାୟନ ପାଇଁ ବିଶେଷ ପ୍ରଚ୍ଛର ପ୍ରସାର ଓ ସଚେତନତା ପାଇଁ ଜିଲ୍ଲାରେ ଆଜିଠାରୁ ୧୭.୯.୨୦୨୪ ପର୍ଯ୍ୟନ୍ତ ୬ ଟି ସୁଭଦ୍ରା ସଚେତନତା ରଥ ସାରା ଜିଲ୍ଲାରେ ଗଡିବ। ଏହି ଅବସରରେ ଆଜି ପ୍ରତ୍ୟୁଷ ୧୦.୦୦ ଘ୍ ସମୟରେ ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୁଭଦ୍ରା ରଥର ଶୁଭାରମ୍ଭ କରାଯାଇଛି। ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଜିଲ୍ଲାପାଳ ଡ ଶୁଭଙ୍କର ମହାପାତ୍ରଙ୍କ ସହ ସୁଭଦ୍ରା ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଜିଲ୍ଲାରେ ୧୦ ଟି ବ୍ଲକରେ ବ୍ୟାନର, ପୋଷ୍ଟର, ଲିଫ୍ଲେଟ୍, ହୋର୍ଡିଂ, ୱାଲ୍ ପେଟିଂ ଓ ମାଇକ ଦ୍ୱାରା ସୁଭଦ୍ରା ଯୋଜନାର ବ୍ୟାପକ ପ୍ରଚ୍ଛର ଓ ସଚେତନତା କରାଯାଉଛି ।ଏହି କ୍ରମରେ ନବରଙ୍ଗପୁର ବିଧାୟକ ଏବଂ ଜିଲ୍ଲାପାଳ ଗଣମାଧମ ପ୍ରତିନିଧିଙ୍କୁ ବାର୍ତ୍ତା ଦେଇ ଏହା ର ବିଶେଷ ପ୍ରଚ୍ଛର ପ୍ରସାର ପାଇଁ ଅନୁରୋଧ କରିଥିଲେ। ସୁଭଦ୍ରା ରଥ ର ଶୁଭାରମ୍ଭ କାର୍ଯ୍ୟକ୍ରମରେ ସି ଡି ଓ ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦରୱାନ , ସି ଡି ଏମ ଓ ଡ ମଳୟ ତ୍ରିପାଠୀ, ଡି ଏସ ଏସ ଓ ସୁଧାଂଶୁ ପାତ୍ର, ଡି ଏସ ଡବ୍ଲୁ ଓ ଦ୍ରୌପଦୀ କହଁର, ଡି ଆଇ ପି ଆର୍ ଓ ମନୋଜ ବେହେରା , ଡି ପି ସି ମମତା ବିଶ୍ୱଜ୍ଞି ମହାନ୍ତି, ଗଣମାଧମ ପ୍ରତିନିଧିଙ୍କ ସମେତ ଅଙ୍ଗନବାଡି କର୍ମୀ, ଏସ ଏଚ ଜି ସଭ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

# ସମ୍ବର୍ଦ୍ଧିତ ହେଲେ ହିନ୍ଦୋଳର ବରିଷ୍ଠ ସମାଜସେବିକା ତଥା ଶିକ୍ଷାବିତ ଶ୍ରୀମତି ସତ୍ୟଭାମା ମିଶ୍ର

ହିନ୍ଦୋଳ(ମହାଭାରତ)ପବିତ୍ର ଗୁରୁ ଦିବସ ଉପଲକ୍ଷେ ଅପରାହ୍ନ ରେ ସାଲେପୁର ଉଚ୍ଚ ବିଦ୍ୟାଳୟ ପରିସର ରେ ଶ୍ରୀ ଗୁରୁ ପୂଜନ ସମିତି, ସାଲେପୁର ଆୟୋଜିତ ଶ୍ରୀଯୁକ୍ତ ଅକ୍ଷୟ କୁମାର ଦାଶ ଙ୍କ ସଭାପତିତ୍ୱରେ ରାଜ୍ୟ ସ୍ତରୀୟ ଗୁରୁ ସମ୍ବର୍ଦ୍ଧନା ମହୋତ୍ସବ ୨୦୨୪ ସମିତି ର ସମ୍ପାଦକ ଡଃ ଗୌତମ ମହାରଣା ଙ୍କ ସଂଯୋଜନାରେ ମହାସମାରୋହରେ ପାଳିତ ହୋଇ ଯାଇଛି। ଉକ୍ତ ଉତ୍ସବ ଅବସର ରେ ସମିତି ସହ ସମ୍ପାଦକ ପଣ୍ଡିତ ସଞ୍ଜୟ କୁମାର ଷଡଙ୍ଗୀ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅର୍ଚ୍ଚନା ପୂର୍ବକ ସମ୍ମାନୀୟ ଅତିଥି ମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ତଥା ସ୍ୱର୍ଗତ ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ପଟ୍ଟଚିତ୍ର ରେ ମାଲ୍ୟାର୍ପଣ କରି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ। ଡଃ ଗୌତମ ମହାରଣା ଙ୍କ ଦ୍ୱାରା ଅତିଥି ପରିଚୟ ଏବଂ ସ୍ୱାଗତ ଅଭିଭାଷଣ ପରେ ସମସ୍ତ ମଞ୍ଚାସୀନ ଅତିଥି ଗଣ ମାନଙ୍କୁ ଉପଢୌକନ ଶ୍ରୀଫଳ ତଥା ଜନ ମଙ୍ଗଳ ରାସୋଳ ସଂଗଠନ ତରଫରୁ ପ୍ରତିଷ୍ଠାତା ବିଭୁ ଶତପଥୀ ଙ୍କ ଦ୍ୱାରା ଆମ୍ରପଲ୍ଲୀ ଚାରା ଉପହାର ପ୍ରଦାନ ପୂର୍ବକ ସ୍ୱାଗତ କରା ଯାଇଥିଲା। ମଞ୍ଚାସୀନ ମୁଖ୍ୟ ଅତିଥି ଭାବେ ଡ଼ଃ ସ୍ୱାମୀ ଶ୍ରୁତି ସାଗର ସରସ୍ୱତୀ,ମୁଖ୍ୟ ବକ୍ତା ଡ଼ଃ ଶାରଦା ପ୍ରସାଦ କର,ସମ୍ମାନିତ ଅତିଥି ଭାବେ ଶ୍ରୀମତି ଲକ୍ଷେହୀରା,ଲାବଣ୍ୟବତୀ ବେହେରା ନିଜର ସୁବକ୍ତୃ ମାଧ୍ୟମ ରେ ଅଧୁନା ସମାଜ ରେ ଗୁରୁ ଙ୍କର ସ୍ଥିତି ତଥା ସମାଜ ର ବିକାଶରେ ଗୁରୁ ମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ। ସଭାପତି ଶ୍ରୀଯୁକ୍ତ ଦାଶ୍ ଉପସ୍ଥିତ ସମସ୍ତ ଗୁରୁ ଗୁରୁଜନ ତଥା ମଞ୍ଚାସୀନ ଅତିଥି ମାନଙ୍କୁ ଭୂୟସୀ ପ୍ରଶଂସା କରିବା ସହିତ ସମାଜ ଗଠନ ଦିଗରେ ଗୁରୁ ମାନଙ୍କର ଅତୁଳନୀୟ ଅବଦାନ ରହିଛି ବୋଲି ବହୁ ମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ। ରାଜ୍ୟ ସ୍ତରର ବିଭିଉ ଜିଲ୍ଲାରୁ ଆସିଥିବା ପ୍ରାୟ ୪୦ ଜଣ ଗୁରୁ ଏବଂ ଗୁରୁମା ତଥା ସମାଜ ସେବା କ୍ଷେତ୍ର ରେ ଅତୁଳନୀୟ ଅବଦାନ ଥିବା ମହାନ ବ୍ୟକ୍ତିବିଶେଷ ମାନଙ୍କୁ ସମ୍ମାନ ର ସହିତ ଶ୍ରୀଫଳ,ଉପଢୌକନ ଓ ମାନପତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ହିନ୍ଦୋଳ ମାଟି ର ଗର୍ବ ଏବଂ ଗୌରବ,ରାସୋଳ ଗ୍ରାମ ର ସମ୍ମାନ ଏକାଧାର ରେ ଜଣେ ଶିକ୍ଷାବିତ,ଗାଳ୍ପିକା,କବୟିତ୍ରୀ, ବରିଷ୍ଠ ସମାଜସେବିକା ଅବସର ପ୍ରାପ୍ତ ଶିକ୍ଷୟିତ୍ରୀ ତଥା ଶ୍ରଦ୍ଧା ଶକ୍ତି ସେବା ସଂସ୍ଥାନଜନ ମଙ୍ଗଳ ରାସୋଳ ସଂଗଠନ ର ପ୍ରାଣ ପ୍ରତିଷ୍ଠାତା ତଥା ଉପଦେଷ୍ଟା ଶ୍ରୀମତି ସତ୍ୟଭାମା ମିଶ୍ର ଙ୍କୁ ସସମ୍ମାନେ ସମ୍ବର୍ଦ୍ଧିତ କରାଯାଇଛି ।

## ସୁଭଦ୍ରା ରଥର ଶୁଭାରମ୍ଭ କଲେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ



ଆସିକା (ମହାଭାରତ): ଆସିକା ବ୍ଲକ ପରିସରରେ ସୁଭଦ୍ରା ଯୋଜନା ରଥର ଶୁଭାରମ୍ଭ ହୋଇଛି । ରାଜ୍ୟ ସରକାର  ଙ୍କ ମହିଳା ମାନଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରିବା ଦିଗରେ ନେଇଥିବା ଯୁଗାନ୍ତ କରି ପଦକ୍ଷେପ ସୁଭଦ୍ରା ଯୋଜନା କିପରି ଭାବେ ସଫଳ ହେବ ସେଥି ପାଇଁ ଆଜି ଆସିକା ବ୍ଲକ ପକ୍ଷରୁ  ବ୍ଲକର ସମସ୍ତ ଗ୍ରାମ ପଞ୍ଚାୟତ ବୁଲି ବୁଲି ଏହାର ପ୍ରଚାର କରିବା ପାଇଁ ଏକ ରଥର ଶୁଭାରମ୍ଭ ହୋଇଛି । ଏହି ଅବସରରେ ଆସିକା ବିଧାୟକ ସରୋଜ କୁମାର ପାଢ଼ୀ  ସବୁଜ ପତାକା ଦେଖାଇ ରଥ ଉଦଘାଟନ କରିଥିଲା ବେଳେ  ଅନ୍ୟ ମାନଙ୍କ ମଧ୍ୟରେ ଉପଖଣ୍ଡ ପୋଲିସ ଅଧିକାରୀ ସଞ୍ଜୟ କୁମାର ମହାପାତ୍ର,ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ କାର୍ଯ୍ୟନିର୍ବାହୀ ଅଧିକାରୀ ଲୋକନାଥ ଜେ଼, ବିଡିଓ ଫକୀର ଚରଣ ପରିଡା, , ଆସିକା ଥାନାଧିକାରୀ ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ, କୋଟିନଡ଼ା ଥାନା ଅଧିକାରୀ କୃଷ୍ଣ ଚନ୍ଦ୍ର ସାହା, ଆସିକା ସିଡିପିଓ ଇନ୍ଦିରା ମହାପାତ୍ର,ବ୍ଲକ ସହକାରୀ  ଯନ୍ତ୍ରୀ ଅଶୋକ କୁମାର ଶତପଥୀ,ବିଧାୟକ ପ୍ରତିନିଧି ସଂନ୍ଦୀପ ପାଢ଼ୀ ଙ୍କ ସମେତ ବହୁ ଅଙ୍ଗନବାଡି କର୍ମୀ, ସୁପରଭାଇଜର, ଏସ ଏଚ ଜି ମହିଳା ଗୋଷ୍ଠୀ ଉପସ୍ଥିତ ଥିଲେ ।

## ମହିଳା ସଶକ୍ତିକରଣ କରିବ ସୁଭଦ୍ରା ଯୋଜନା: ସାଂସଦ



କେନ୍ଦ୍ରାପଡ଼ା,(ମହାଭାରତ): ଜିଲ୍ଲା ସଂସ୍କୃତି ଭବନ ପରିସରରେ କେନ୍ଦ୍ରାପଡା ଲୋକସଭା ସାଂସଦ ବୈଜୟନ୍ତ ପଣ୍ଡାଙ୍କ କରକମଳରେ ଆଜି ସୁଭଦ୍ରା ଯୋଜନା ରଥର ଶୁଭାରମ୍ଭ ହୋଇଯାଇଛି। ମହିଳା ସଶକ୍ତିକରଣ କରିବ ସୁଭଦ୍ରା ଯୋଜନା। ବର୍ଷକୁ ଦୁଇଥର ୫ହଜାର ଲେଖାଏଁ ଟଙ୍କା ପାଞ୍ଚ ବର୍ଷ ପାଇଁ ମୋଟ ୫୦ହଜାର ଟଙ୍କା ସିଧାସଳଖ ଭାବେ ସୁଭଦ୍ରା ଯୋଜନାର ନିୟମ ଅନୁଯାଇ ଜିଲ୍ଲାର ସମସ୍ତ ମା'ଭଉଣୀମାନଙ୍କୁ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାକୁ ହସ୍ତାନ୍ତର ହେବ। ଫଳରେ ମା' ଭଉଣୀମାନେ ସଶକ୍ତ ହେବା ସହ ଆତ୍ମନିର୍ଭରଶୀଳ ହୋଇପାରିବେ ବୋଲି ସାଂସଦ ଶ୍ରୀ ପଣ୍ଡା ମତବ୍ୟକ୍ତ କରିଥିଲେ। ପୂର୍ବରୁ ମହିଳାମାନଙ୍କ ପାଇଁ ଯେତେ ଯୋଜନା ହୋଇଥିଲା ସେଥିରେ ସେମାନଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ଡିବିଟି ମାଧ୍ୟମରେ ଟଙ୍କା ହସ୍ତାନ୍ତର ହେଉନଥିଲା। ଦୁର୍ନୀତି ରୋକିବାକୁ ଯୋଗ୍ୟ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ଡିବିଟି ମାଧ୍ୟମରେ ଅର୍ଥ ଯିବ । ଏହି ଯୋଜନା ଅଧିନରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସାଂସଦ ପାଞ୍ଚଟି ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିବା ପରେ ସେଗୁଡିକ ଜିଲ୍ଲାର ୯ଟି ବ୍ଲକର ପ୍ରତ୍ୟେକ ଗ୍ରାମ ପଞ୍ଚାୟତ ଓ ୨ଟି ପୌର ପରିଷଦର ପ୍ରତ୍ୟେକ ୱାର୍ଡ ପରିକ୍ରମା କରି ଏହି ଯୋଜନାର ସଫଳତା ନିମନ୍ତେ ସଚେତନତାର ବାର୍ତ୍ତା ବାଣ୍ଟିବ । ସୂଚନା ଯୋଗ୍ୟ ଯେ ଆଳି-ରାଜକନିକା ବ୍ଲକ ପାଇଁ ଗୋଟିଏ ରଥ ଯାତ୍ରା କରିଥିବା ବେଳେ ପଟ୍ଟାମୁଣ୍ଡାଇ-ରାଜନଗର, ଡେରାବିଶ-ଗରଦପୁର, ମାର୍ଶାଘାଇ-ମହାକାଳପଡା ଏବଂ କେନ୍ଦ୍ରାପଡା ବ୍ଲକ-କେନ୍ଦ୍ରାପଡା ଓ ପଟ୍ଟାମୁଣ୍ଡାଇ ପୌରପରିଷଦ ପାଇଁ ଗୋଟିଏ ଗୋଟିଏ ରଥ ପରିକ୍ରମା କରିବ । ଆଜିଠାରୁ ଅର୍ଥାତ୍ ସେପ୍ଟେମ୍ବର ୭ତାରିଖରୁ ସେପ୍ଟେମ୍ବର ୧୬ତାରିଖ ପର୍ଯ୍ୟନ୍ତ ଏହି ୫ଟି ରଥ ଜିଲ୍ଲାର ସମସ୍ତ ଗ୍ରାମ ପଞ୍ଚାୟତ ଓ ପୌର ପରିଷଦର ପ୍ରତ୍ୟେକ ୱାର୍ଡ ପରିକ୍ରମା କରିବ। ସୁଭଦ୍ରା ଯୋଜନାରୁ ଯେପରି କୌଣସି ହିତାଧିକାରୀ ବାଦ୍ ନ ପଡନ୍ତି ସେଥିପ୍ରତି ଜିଲ୍ଲା ପ୍ରଶାସନ ସଜାଗ ଅଛି ବୋଲି ଜିଲ୍ଲାପାଳ ସ୍ମୃତିରଞ୍ଜନ ପ୍ରଧାନ ମତବ୍ୟକ୍ତ କରିଛନ୍ତି । ସୁଭଦ୍ରା ଯୋଜନାର ପଞ୍ଜୀକରଣ ସମ୍ପର୍କରେ ଏହି ରଥ ମାଧ୍ୟମରେ ଲୋକମାନେ ସଚେତନ ହେବେ ଓ ଏହାର ନିର୍ଦ୍ଦିଷ୍ଟ ସମୟସୀମା ପଞ୍ଜୀକରଣ ପାଇଁ ରାଜ୍ୟ ସରକାର ଧାର୍ଯ୍ୟ କରିନଥିବାରୁ ଲୋକମାନେ ବ୍ୟସ୍ତ ନ ହୋଇ ଗହଳି ନକରି ନିକଟସ୍ଥ ଜନସେବା କେନ୍ଦ୍ର ବା ମୋ ସେବା କେନ୍ଦ୍ରରେ ଫର୍ମ ପଞ୍ଜୀକରଣ କରିପାରିବେ । ଏଥିପାଇଁ ହିତାଧିକାରୀଙ୍କୁ କୌଣସି ମୂଲ୍ୟ ଦେବାକୁ ପଡିବ ନାହିଁ। ଜିଲ୍ଲା ପ୍ରଶାସନ ୧୦୨୪ଗୋଟି ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ସୁଭଦ୍ରା ଯୋଜନା ପଞ୍ଜିକରଣ ପାଇଁ ଆଗରୁ ସ୍ଥିର କରିଥିବା ବେଳେ ଏହାକୁ ଅଧିକ ତ୍ୱରାନ୍ୱିତ କରିବା ପାଇଁ ଅତିରିକ୍ତ ଭାବେ ୨୫୭ଗୋଟି କେନ୍ଦ୍ରକୁ ଏହାସହିତ ଯୋଗ କରିଛନ୍ତି । ଉକ୍ତ ଶୁଭାରମ୍ଭ ଉତ୍ସବରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ. ଦୂର୍ଗାପ୍ରସନ୍ନ ନାୟକ, ଜିଲ୍ଲା ପରିଷଦ ସଭାପତି ଲିଲିତା ଦାସ, ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର, ଉପଜିଲ୍ଲାପାଳ ରବୀନ୍ଦ୍ର କୁମାର ପ୍ରଧାନ, କେନ୍ଦ୍ରାପଡା ପୌରପାଳ ସରିତା ସାହୁ, ଜିଲ୍ଲା ସମାଜମଙ୍ଗଳ ଅଧରକାରିଣୀ କୁଇନି ଜେନା,ଡେରାବିଶ ବ୍ଲକ ଅଧକ୍ଷା ପ୍ରଭାତି ମଲ୍ଲିକ, ଗରଦପୁର ବ୍ଲକ ଅଧକ୍ଷ ଅଭୟ ମହାରାଜ, ଜିଲ୍ଲା ବିଜେପି ସଭାପତି କିଶୋର ପଣ୍ଡା, ପୂର୍ବତନ ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳି ସେଠୀ, ବିଜେପି ନେତା ତେଜେଶ୍ୱର ପରିଡା, ବିଭିନ୍ନ ବ୍ଲକର ବିଡିଓ, ଜିଲ୍ଲାସ୍ତରୀୟ ଅଧିକାରୀ, ସ୍ୱୟଂ ସହାୟିକା ଗୋଷ୍ଠୀର କର୍ମକର୍ତ୍ତା, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧିମାନେ ଯୋଗ ଦେଇଥିଲେ ।


## ପାରାଦୀପ ରେ 'ନାସ୍ତେ ପଏଣ୍ଟ' ଉଦଘାଟିତ





ପାରାଦୀପ(ମହାଭାରତ): ପାରାଦୀପ ବଡ଼ପଡ଼ିଆ ମାର୍କେଟ ସ୍ଥିତ ଭିଜନ ସୋ ରୁମ ନିକଟରେ ଏକ ଅତ୍ୟାଧୁନିକ ସ୍ନାକ୍ସ, ଗରମ ଓ ମୃଦୁ ପାନୀୟ ୟୁନିଟ 'ନାସ୍ତେ' ଶନିବାର ସନ୍ଧ୍ୟାରେ ଉଦଘାଟିତ ହୋଇଯାଇଛି। ଏହି ଅବସରରେ ପାରାଦୀପ ର ବରିଷ୍ଠ ନାଗରିକ ତଥା ଶିଳ୍ପପତି ଡ଼ଃ.କୈଳାଶ ଚନ୍ଦ୍ର ମହାରଣା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ୟୁନିଟ କୁ ଉଦଘାଟନ କରିଥିଲେ । ଏହି ଉଦଘାଟନୀ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ବ୍ୟବସାୟୀ ସୁଶାନ୍ତ କୁମାର ପଟ୍ଟନାୟକ, ଶଶାଙ୍କ ଆଚାର୍ଯ୍ୟ, ପ୍ରଶାନ୍ତ କୁମାର ରାଉତ ଙ୍କ ସମେତ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ । ନାସ୍ତେ ୟୁନିଟ ର ପ୍ରତିଷ୍ଠାତା ଇଂ.ସାଇରାଜ ପଟ୍ଟନାୟକ ଙ୍କ ଦ୍ୱାରା ଏହି କେନ୍ଦ୍ରରେ ସୁଲଭ ମୂଲ୍ୟ ଓ ଉଚ୍ଚ ମାନର ବ୍ରେକଫାଷ୍ଟ, ଥଣ୍ଡା ଓ ଗରମ ପାନୀୟ ଇତ୍ୟାଦି ଉପଲବ୍ଧ ହେବ। ତେବେ ବନ୍ଦର ସହର ପାରାଦୀପ ରେ ଏପରି ଉତ୍ତମ ମାନର ଖାଦ୍ୟ ଓ ପାନୀୟ ସାଧାରଣ ଲୋକଙ୍କୁ ବେସ ଆକର୍ଷିତ କରିବ ବୋଲି ଏହି ୟୁନିଟ ର ମାଲିକ ଶ୍ରୀ ପଟ୍ଟନାୟକ ଆଶା ବ୍ୟକ୍ତ କରିଛନ୍ତି। ସେହିପରି ଆଉ କିଛିଦିନ ପରେ ଏଠାରେ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଉତ୍ସବ ରେ ପ୍ରବଳ ଜନସମାଗମ ଦୃଷ୍ଟିରୁ ନାସ୍ତେ ପଏଣ୍ଟରେ ଗହଳି ଲାଗିବା ଆଶା କରାଯାଏ ।

## ଛଚିଣା ବିବିସି ୟୁଥ କ୍ଲବ ପକ୍ଷରୁ ଗଣେଶ ପୂଜା ଆରମ୍ଭ



ଦଶରଥପୁର (ମହାଭାରତ ): ଦଶରଥପୁର ବ୍ଲକ ଛଚିଣା ପଞ୍ଚାୟତସ୍ଥ ଛଚିଣା ଗ୍ରାମର ବିବିସି ୟୁଥ କ୍ଲବ ଆନୁକୂଲ୍ୟରେ ଆଜି ଗଜାନନାଙ୍କ  ୨୩ ତମ ବାର୍ଷିକ ପୂଜା ମହାସମାରୋହରେ ଆରମ୍ଭ ହୋଇଯାଇଛି । ଆଜି ଦିନ ୧୧ ଘଟିକା ସମୟରେ କ୍ଲବର ସମସ୍ତ ସଦସ୍ୟ ଓ ଗ୍ରାମର  ଆବାଳ ବୃଦ୍ଧ ବନିତା ବାଜା ବାଣ ରୋଷଣୀ ମାଧ୍ୟମରେ କଳସ ଶୋଭାଯାତ୍ରାରେ ଯାଇ ଗ୍ରାମସ୍ଥ ପୁଷ୍କରିଣୀରେ କଳସ ବୁଡାଇବା ପରେ ପୂଜାକାର୍ଯ୍ୟ  ଆରମ୍ଭ ହୋଇଥିଲା ଗ୍ରାମର ନୀଳାଦ୍ରି ତନୟ ସାମଲ ସଂକଳ୍ପ କରିଥିବା ବେଳେ ପୂଜକ ଭାବଗ୍ରାହୀ ପଣ୍ଡା ପୂଜାର୍ଚ୍ଚନା କରୁଥିବା ଦେଖିବାକୁ ମିଳିଛି  ବିବିସି ୟୁଥ କ୍ଲବ ଆନୁକୂଲ୍ୟରେ ଗ୍ରାମରେ ଏହି ପୂଜା ଦୀର୍ଘ  ୨୩ ବର୍ଷ ଧରି ଅନୁଷ୍ଠିତ ହୋଇଆସୁଥିବା ବେଳେ ମୃଣ୍ମୟ ମୂ[illegible]ଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ବିଭିଓ ଆଲୋକ ମାଳାରେ ସୁସଜ୍ଜିତ ଭାବେ ସଜାଯାଇଥିବା ଦେଖିବା ପାଇଁ ମିଳିଛି  ଆଜି ଠାରୁ ପୂଜା ଆରମ୍ଭ ହୋଇଥିବା ବେଳେ ରବିବାର ପୂଜା ମଣ୍ଡପ ନିକଟରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ, ବୁଧବାର ମ୍ୟୁଜିକ ସୋ ଏବଂ ଡ୍ୟାନ୍ସ କମ୍ପିଟିସନ, ଗୁରୁବାର ବିଶ୍ୱଶାନ୍ତି ମହାଯଜ୍ଞ ଓ ଶୁକ୍ରବାର ୧୩ ତାରିଖରେ ଭଷାଣି ଉତ୍ସବ ହେବ ବୋଲି କ୍ଲବ ପକ୍ଷରୁ କୁହାଯାଇଛି  ସେହିପରି ପ୍ରତେହ ସନ୍ଧ୍ୟାରେ ପୂଜା ମଣ୍ଡପ ନିକଟରେ ବିଭିଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ପ୍ରତେହ ଦୁଇବେଳା ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥାଏ ସାତଦିନ ଧରି ଏହି ପୂଜା ଅନୁଷ୍ଠିତ ହୋଇଥିବା ବେଳେ ଗ୍ରାମକୁ ଆମିଷ ନିଷେଧ ହୋଇଥାଏ  ପୂଜାପାଇଁ ଏବେ ଗାଁଟି ଉତ୍ସବ ମୁଖର ହୋଇଉଠିଥିବା ବେଳେ ବିଦେଶରେ ଥିବା ଯୁବକ ଯୁବତୀ ଓ ବନ୍ଧୁ ବାନ୍ଧବ ମାନେ ଗାଁକୁ ଆସୁଥିବା ଦେଖିବା ପାଇଁ ମିଳିଛି ଏହି ପୂଜାଟି ଗ୍ରାମର ସମସ୍ତ ଗ୍ରାମବାସୀ ମାନଙ୍କ ସହଯୋଗରେ ହୋଇଥାଏ ବୋଲି କ୍ଲବର ସଭ୍ୟ ମାନେ କହିଛନ୍ତି

## ପାରାଦୀପର ବିଭିନ୍ନ ସ୍ଥାନରେ ବିଘ୍ନରାଜଙ୍କ ପୂଜା ଉତ୍ସବ

ପାରାଦୀପ(ମହାଭାରତ): ଶନିବାର ଦିନ ପାରାଦୀପର ବିଭିନ୍ନ ସ୍ଥାନରେ ବିଘ୍ନରାଜ ଗଣେଷଙ୍କ ପୂଜା ଉତ୍ସବ ପାଳିତ ହୋଇଯାଇଛି  । ପାରାଦୀପର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୋର୍ଟ ଟ୍ରଷ୍ଟ ହାଇସ୍କୁଲ, ପାରାଦୀପ ମହାବିଦ୍ୟାଳୟ ସମେତ ଅନ୍ୟ ଶିକ୍ଷାନୁଷ୍ଠାନମାନଙ୍କରେ ଛାତ୍ରଛାତ୍ରୀମାନେ ନୂତନ ପୋଷାକ ପରିଧାନ କରି ଆସିଥିଲେ । ବିଦ୍ୟାଦାତାଙ୍କୁ ପୁଷ୍ପାଂଜଳୀ ପ୍ରଦାନ କରିଥିଲେ । ନୂଆବଜାରଠାରେ ଥିବା ପାରାଦୀପ ପତ୍ରକାର ପରିଷଦ ପକ୍ଷରୁ ଗଣେଷ ପୂଜା ଉପଲକ୍ଷେ ସ୍ୱତନ୍ତ୍ର ଆୟୋଜନ କରାଯାଇଥିଲା । ପାରାଦୀପର ନୂଆବଜାର, ବଡପଡିଆ, ମଧୁବନ, ଅଠରବାଙ୍କୀ,ଉଦୟବଟ ପ୍ରଭୃତି ସ୍ଥାନମାନଙ୍କରେ ବିଭିନ୍ନ କ୍ଲବ୍‌ମାନଙ୍କ ଦ୍ୱାରା ଗଣପତି ଶ୍ରୀ ଗଣେଷଙ୍କ ପୂଜା ଉପଲକ୍ଷେ ଆକର୍ଷଣୀୟ ମୂର୍ତ୍ତୀ ସହିତ ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗୀନ ଆଲୋକମାଳାରେ ସଜା ଯାଇଛି । କିଛି ଅନୁଷ୍ଠାନ ପକ୍ଷରୁ ଭଜନ, ମେଲୋଡି,ଡ୍ୟାନ୍ସ ଆଦିର କାର୍ଯ୍ୟକ୍ରମ ରହିଥିବା ଜଣାପଡିଛି । ବନ୍ଦର ସହର ପାରାଦୀପରେ ବିଶ୍ୱକର୍ମା ପୂଜା ପରେ ଏହା ଆଉ ଏକ ବଡ ପୂଜା  । ଏଥି ପାଇଁ ବହୁ ଆୟୋଜନ କରିଥାନ୍ତି କ୍ଲବ୍ ଓ ଅନୁଷ୍ଠାନର କର୍ମକର୍ତ୍ତାମାନେ ।

## ଗଣେଶ ପୂଜା ପାଇଁ ଠାକୁରମୁଣ୍ଡା ଚଳଚଞ୍ଚଳ

କରଞ୍ଜିଆ, (ମହାଭାରତ) ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସ୍ଥାନରେ ବିଘ୍ନ ରାଜ ଗଣେଶଙ୍କ ପୂଜାର୍ଚ୍ଚନା ଆନନ୍ଦ ଉଲ୍ଲାସ ମଧ୍ୟରେ ଅନୁଷ୍ଠିତ ହୋଇ ଯାଇଛି। ତେବେ ଏବର୍ଷ ପାଇଁ ଡିଜେ ସାଉଣ୍ଡ କଟକଣା ଥିବା କାରଣ ରୁ ପୂଜାସ୍ଥଳି ଗୁଡିକରେ କମ୍ ସାଉଣ୍ଡକୁ ଶାନ୍ତ ପରିବେଶ ରେ ପୂଜାର୍ଚ୍ଚନା ଯାକଯମକ ରେ ଅନୁଷ୍ଠିତ ହୋଇଛି। ଠାକୁରମୁଣ୍ଡା ବ୍ଲକ ର ବିଭିଓ ବିଦ୍ୟାଳୟ, ସରକାରୀ, ବେସରକାରୀ ଶିକ୍ଷାନୁଷ୍ଠାନ , ବିଭିନ୍ନ ଅନୁଷ୍ଠାନ ସହ ଅନେକ କ୍ଲବ ପକ୍ଷରୁ ପୂଜାମଣ୍ଡପ  ଏବଂ ବିଭିନ୍ନ ଛକ ସ୍ଥାନ ମାନଙ୍କ ରେ ମେଢ କରାଯାଇ ପୂଜା କରାଯାଇଥିଲା। ବିଦ୍ୟାଳୟ ଓ କେତେକ ଅନୁଷ୍ଠାନ ମାନଙ୍କ ରେ ଛାତ୍ର ଛାତ୍ରୀ ମାନେ ସକାଳ ୮ ଟା ଠାରୁ ଦିନ ୨ ଘଟିକା ପର୍ଯ୍ୟନ୍ତ ପୂଜା ଚାଲିଥିବା ବେଳେ ଅନ୍ୟ ଅନୁଷ୍ଠାନ ଗୁଡିକରେ ସନ୍ଧ୍ୟା ପର୍ଯ୍ୟନ୍ତ ପୂଜା ବିଧି ଜାରି ରହିଥିଲା। ତେବେ ସଂନ୍ଧ୍ୟା ବେଳେ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବୁରୁ ଠାକୁରମୁଣ୍ଡା ବ୍ଲକ ଆଖପାଖ ଅଞ୍ଚଳର ପୂଜାମଣ୍ଡପ ସହିତ ବିଭିଓ ସ୍କୁଲ ର ପୂଜା ସ୍ଥଳିମାନ ବୁଲୁ ଥିବା ଦେଖିବାକୁ ମିଳିଥିଲା ।

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଗଣେଶ ପୂଜା ଅନୁଷ୍ଠିତ

ଗଜପତ(ମହାଭାରତ): ଗଜପତି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ଆଜି ପବିତ୍ର ଗଣେଶ ଚତୁର୍ଥୀ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜଙ୍କ ଉପସ୍ଥିତି ରେ ବିଘ୍ନ ବିନାୟଙ୍କ ପୂଜା ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ର ମଙ୍ଗଳ ପାଇଁ ପ୍ରଥମ ଥରପାଇଁ ଏହି ପୂଜା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂସ୍ଥାଙ୍କ ଶେଖର ସତପଥି,ବଳଦେବ ରଥ, ରିଙ୍କୁ ମହାରଣା, ସୁବାସ ସେଠି ସହିତ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ର ସମସ୍ତ କର୍ମଚାରୀ ଉପସ୍ଥିତ ରହିଥିଲେ।

## ଚଳିତ ମାସ ୧୪ ତାରିଖରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

ପାରଳାଖେମଣ୍ଡି (ମହାଭାରତ) : ଆସନ୍ତା ୧୪ ସେପ୍ଟମ୍ବର ୨୦୨୪ ରେ ପାରାଳାଖେମୁଣ୍ଡି , ରା.ଉଦୟଗିରି , ମୋହନା ଓ କାଶୀନଗରରେ ଅଦାଲତ ପରିସରରେ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବାକୁ ଯାଉଅଛି। ଏହି ଅଦାଲତରେ ପ୍ରାୟ ସମସ୍ତ ପ୍ରକାର ପ୍ରାକ-ସ୍ତରୀୟ ମକଦ୍ଦମା ଓ ବିଚାରାଧିନ ମକଦ୍ଦମା ଯଥା ଫୌଜଦାରୀ (ସାଲିସ ଯୋଗ୍ୟ), ଚେକ ବାଉନସ , ବ୍ୟାଙ୍କ ଋଣ , ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ , ଶ୍ରମ ବିବାଦ , ଲୋକସେବା ସମ୍ବନ୍ଧୀୟ ମାମଲା , ବୈବାହିକ ବିବାଦ (ଛାଡପତ୍ର ବ୍ୟତୀତ) , ପାରିବାରିକ ବିବାଦ , ଜମି ଅଧିଗ୍ରହଣ , ଚାକିରି ସମ୍ବନ୍ଧୀୟ (ପେନସନ) , ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲାର ବିଚାରଣା ହେବ । ଲୋକ ଅଦାଲତରେ ମକଦ୍ଦମା ଅବା ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡିବ ନାହିଁ । ଲୋକ ଅଦାଲତଙ୍କ ରାୟ ବୈଧ ଓ ଚୁଡାନ୍ତ । ଦୀର୍ଘଦିନ ଧରି ଚାଲୁରହିଥିବା ମକଦ୍ଦମାର ସହଜ ସମାଧାନପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇବା ପାଇଁ ଏହା ଏକ ସୁଯୋଗ । ସବିଶେଷ ବିବିରଣୀ ନିମନ୍ତେ ନୂତନ କୋର୍ଟ ପରିସରରେ ଥିବା ଜିଲ୍ଲା ଆଇନ ସେବା ପ୍ରାଧିକରଣ , ପାରାଳାଖେମୁଣ୍ଡି କିମ୍ବା ରା.ଉଦୟଗିରି ଓ ମୋହନା କୋର୍ଟ ପରିସରେ ଥିବା ତାଲୁକ ଆଇନ ସେବା କମିଟି କାର୍ଯ୍ୟାଳୟ ସହିତ ଯୋଗାଯୋଗ କରିବା ପାଇଁ ଅନୁରୋଧ କରାଯାଉଛି ।

## ଡାକ କର୍ମଚାରୀ ଙ୍କ ଅଭାବ ଯୋଗୁଁ ଆଧା ଉଠାଣ ରେ ବାଧାପ୍ରାପ୍ତ ଲୋକେ ହନ୍ତସନ୍ତ



ପାଟଣା:-(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ଡାକ କାର୍ଯ୍ୟଳୟ ସମୁଖରେ ଭିଡ଼ ସହ ଡାକ କର୍ମଚାରୀ ଅଭାବ ଯୋଗୁଁ ଆଧାର କାର୍ଡ ଉପଭୋକ୍ତା ହନ୍ତସନ୍ତ ହେଉ ଥିବା ଦେଖୁବାକୁ ମିଳିଛି । ଆଧାର କାର୍ଡ ରେ ବିଭିଓ ତ୍ରୁଟି ନେଇ ତାହାର ସଂଶୋଧନ ପାଇଁ ଡାକଘର କୁ ଉପଭୋକ୍ତା ଆସୁଥିବା ବେଳେ ଲୋକଙ୍କ କାମ ହୋଇ ପାରୁ ନାହିଁ ।ଯାହାକି ଆଧାର କାର୍ଡ ରେ ମୋବାଇଲ ନମ୍ବର ଯୋଗ କରିବା ନାଁ ରେ ତ୍ରୁଟି ଥିଲେ ସଂଶୋଧନ ଆବଶ୍ୟକ ସ୍ଥଳରେ ପାଟଣା ଡାକଘର କାର୍ଯ୍ୟଳୟ କୁ ଲୋକେ ଯାଇ ଦିନ ଦିନ ଧରି ଶହଶହ ମହିଳା,ପୁରୁଷ,ଛାତ୍ରଛାତ୍ରୀ,ବୃଦ୍ଧା ଙ୍କ ଲମ୍ବା ଧାଡିରେ ଦିନ ୯ଟା ସମୟ ରୁ ଡାକଘର କାର୍ଯ୍ୟଳୟ ସମୁଖରେ ଦେଖିବାକୁ ମିଳୁଛି । ତାପର୍ଯ୍ୟ ବିଷୟ କି ପାଟଣା ବ୍ଲକ ରେ ୨୦ଟି ପଞ୍ଚାୟତ ରହି ଥିବା ବେଳେ ଆଧାର କେନ୍ଦ୍ର ଭାବେ ପାଟଣା ଡାକଘର କୁ ଜିଲ୍ଲା ସ୍ତର ରୁ ଅନୁମତି ମିଳିଛି । ଯେଉଁଠି ଲୋକ ମାନେ ନିଜ ନିଜର କାମ ଧନ୍ଦା ଛାଡି ଛୋଟ ପିଲାଙ୍କୁ ଧରି ଦିନ ସାରା ଭୋକ ଉପାସରେ ଲାଇନ ଲଗାଇ ରହୁଛନ୍ତି। ଡାକଘର ଦିନ ୧୦ ଟା ସମୟରେ ଖୋଲିଥିଲେ ମଧ୍ୟ ଆଧାର ସଂଶୋଧନ କରିବା ପାଇଁ ଜଣେ ଡାକ କର୍ମଚାରୀ ୧୦କିଲୋମିଟର ଉପ ଡାକଘର କାର୍ଯ୍ୟ ସଂପାଦନ କରି ଆସି ଦିନ ୨ଟା ସମୟରେ ପହଞ୍ଚି ଆଧାର ଉଠାଣ କାର୍ଯ୍ୟ ରହିବା ବେଳ କୁ  ଅନ ଲାଇନ ଠିକ କାମ ନ କରୁ ଥିବା ହେତୁ ବହୁ ଲୋକ ଙ୍କ କାମ ମଧ୍ୟ ହେଇ ପାରୁ ନାହୁଁ । ଯେଉଁଠି ଦୂର ଦୁରାନ୍ତ ରୁ ଲୋକ ମାନେ ଆସି ଫେରୁଥିବା ଦେଖିବାକୁ ମିଳିଛି । ଋନ୍ତଆରମ୍ଭ ହେଉଥିବା ମହିଳା ମାନେ କହିଛନ୍ତି । ଏଥିରେ ଲୋକ ମାନେ ଜିଲ୍ଲା ଡାକ ବିଭାଗ କୁ ତୁରନ୍ତ ଡାକ କର୍ମଚାରୀ ନିଯୁକ୍ତି କରିବାକୁ ଦାବି କରିଛନ୍ତି।

## ଗଜପତି ଜିଲ୍ଲାରେ ସୁଭଦ୍ରା ସଚେତନତା ରଥ ଶୁଭାରମ୍ଭ



ଗଜପତି(ମହାଭାରତ): ଗଜପତି ଜିଲ୍ଲା ସଦରମହକୁମା ପାରଳଖେମୁଣ୍ଡି ସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରେ ସୁଭଦ୍ରା ସଚେତନତା ରଥ କୁ ଜିଲ୍ଲାପାଳ ଶ୍ରୀଯୁକ୍ତ ବିଜୟ କୁମାର ଦାଶ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଆନୁଷ୍ଠାନିକ ଭାବେ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଡ଼.ଗୁଣନିଧି ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଗଜପତି, ପାରଳା ପୌରପରିଷଦ ନିର୍ବାହୀ ଅଧିକାରୀ ଶ୍ରୀ ଗୌରଚନ୍ଦ୍ର ପଟ୍ଟନାୟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ମନୋରମା ଦେବୀ ସମେତ ବିଭିଓ ବିଭାଗର ଅଧିକାରି ପ୍ରମୁଖ ଉପସ୍ଥିତ ଥିଲେ । ଏହି ସଚେତନତା ରଥ ଜିଲ୍ଲାରେ ଆଜି ଠାରୁ ୧୭ ସେପ୍ଟେମ୍ବର ପର୍ଯ୍ୟନ୍ତ ସମସ୍ତ ଗ୍ରାମ ପଞ୍ଚାୟତ , ବ୍ଲକ୍, ପୌରାଞ୍ଚଳରେ ଯୋଗ୍ୟ ହିତାଧିକାରୀଙ୍କ ସୂଚନା ପ୍ରଦାନ କରିବା ସହିତ ସଚେତନତା ସୃଷ୍ଟି କରାଯିବା।ଜ କହିଥିଲେ ଯେ ସୁଭଦ୍ରା ଯୋଜନାରେ ଅବେଦନ କରିବା ପାଇଁ କୌଣସି ସମୟସୀମା ନାହିଁ, ଏଣୁ ହିତାଧିକାରୀ ବ୍ୟତିବ୍ୟସ୍ତ ନ ହୋଇ ପଞ୍ଜିକରଣ କରିବାକୁ କହିଥିଲେ। ଏହି ଯୋଜନାରେ ଆଧାର ଓ ମୋବାଇଲ୍ ନମ୍ବର ଲିଙ୍କ ବାଧ୍ୟତାମୂଳକ ନୁହେଁ ଓ ଲିଙ୍କ କରିବା ପାଇଁ କୌଣସି ସ୍ଥାନକୁ ଯିବା ଆବଶ୍ୟକ ନାହିଁ ବୋଲି ଜିଲ୍ଲାପାଳ କହିଥିଲେ। ଏଥି ନିମନ୍ତେ ସମସ୍ତଙ୍କୁ ସଚେତନତା କରିବାକୁ ମଧ୍ୟ ପରାମର୍ଶ ଦେଇଛନ୍ତି। ଯୋଗ୍ୟ ହିତାଧିକାରୀ ମାନେ ଆବେଦନ କରିବା ପାଇଁ ତା.୦୧.୦୭.୨୦୨୪ ସୁଦ୍ଧା ମହିଳାଙ୍କ ବୟସ ୨୧ ବର୍ଷ କିମ୍ବା ତା'ଠାରୁ ଅଧିକ ଏଂ ୬୦ ବର୍ଷରୁ କମ୍ ହେବା ଆବଶ୍ୟକ। ସେହିପରି ପ୍ରତିବର୍ଷ ପ୍ରଥମ କିସ୍ତି ରାକ୍ଷୀ ପୂର୍ଣ୍ଣିମା ଏଂ ଦ୍ୱିତୀୟ କିସ୍ତି ଅନ୍ତର୍ଜାତୀୟ ମହିଳା ଦିବସ ମାର୍ଚ୍ଚ ୮ ତାରିଖରେ ପ୍ରଦାନ କରାଯିବ।ବାର୍ଷିକ ୧୦ ହଜାର ଟଙ୍କାକୁ ୫ ହଜାର ଟଙ୍କା ଲେଖାଏଁ ଦୁଇଟି କିସ୍ତିରେ ଜମା କରାଯିବ ,ଏଥିନିମନ୍ତେ ସମସ୍ତ ହିତାଧିକାରୀଙ୍କୁ ଏକ ସୁଭଦ୍ରା କାର୍ଡ ପ୍ରଦାନ କରାଯିବ। ଯୋଗ୍ୟ ହିତାଧିକାରୀ ମାନେ ସ୍ଥାନୀୟ ଅଙ୍ଗନୱାଡି କେନ୍ଦ୍ର, ବ୍ଲକ୍ କାର୍ଯ୍ୟାଳୟ, ପୌରାଞ୍ଚଳ କାର୍ଯ୍ୟଳୟ, ମୋ ସେବା କେନ୍ଦ୍ର ଓ ଜନ ସେବା କେନ୍ଦ୍ର ଇତ୍ୟାଦିରେ ମାଗଣାରେ ଉପଲବ୍ଧ ଫର୍ମ ପୂରଣ କରି ଜନସେବା କେନ୍ଦ୍ର ଓ ମୋ ସେବା କେନ୍ଦ୍ରରେ ଯାଇ ଆବେଦନ କରିପାରିବେ। ସେହିପରି ଅଧିକ ସୂଚନା ପ୍ରଦାନ ଜାଣିବା ପାଇଁ ଦେୟମୁକ୍ତ ସହାୟତା ହେଲଫ ଲାଇନ୍ ନମ୍ବର ୧୪୬୭୮ ରେ ଯୋଗାଯୋଗ କରି ସୂଚନା ପାଇପାରିବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ ମିଶନ ଶକ୍ତି ଶ୍ରୀ ଟିମନ ବାରା,ଜିଲ୍ଲା ସାମାଜିକ ମଙ୍ଗଳ ବିଭାଗର ପ୍ରୋଗ୍ରାମ ଅଫିସର ଶ୍ରୀମତୀ ସାରଳା ପାତ୍ର ସମେତ ବିଭିଓ ସ୍ଂୟ ସହାୟିକା ଗୋଷ୍ଠୀର ସଦସ୍ୟା ବିଭାଗୀୟ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜହଙ୍ଗର ପ୍ରାଥମିକ ବିଦ୍ୟାଳୟରେ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଗୁରୁ ପୂଜନ

କେନ୍ଦ୍ରାପଡ଼ା,(ମହାଭାରତ) ଡ଼େରାବିଶ ବ୍ଲକ୍‌ର ଜହଙ୍ଗର ପ୍ରାଥମିକ ବିଦ୍ୟାଳୟଠାରେ ଗତ ଗୁରୁବାର ଗୁରୁଦିବସ ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ଗୁରୁ ପୂଜନ ଅନୁଷ୍ଠିତ ହୋଇଯାଇଛି । ଡ଼େରାବିଶ ବିଡ଼ିଓ ଦାଶରଥି ଜେନା, ମଣ୍ଡଳ ଶିକ୍ଷା ଅଧିକାରୀ ଶ୍ରୀକାନ୍ତ ବେହେରା, ପଲେଇ ପଂଚାୟତ ସରପଂଚ ଅକ୍ଷୟ କୁମାର ସାହୁ, ପ୍ରାକ୍ତନ ସିଆରସିସି ପ୍ରକାଶ ଚନ୍ଦ୍ର ରାଉତ, ସନ୍ତୋଷ କୁମାର ମଲ୍ଲିକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସହିତ ସମୂହ ମାଲ୍ୟାର୍ପଣ କରିଥିଲେ । ଏହି ଉପଲକ୍ଷେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ମଲ୍ଲିକଙ୍କ ପୌରହିତ୍ୟରେ ଅନୁଷ୍ଠିତ ସମାରୋହରେ ଗୁରୁପୂଜନ କରାଯାଇଥିଲା । ଅବସରପ୍ରାପ୍ତ ଶିକ୍ଷକ ସଉରୀ ପ୍ରସାଦ ଦାସ, ସୀତାନାଥ ମିଶ୍ର, ରାଜକିଶୋର ଜେନା, ଉପେନ୍ଦ୍ର ପ୍ରସାଦ ମହାନ୍ତି, ଧ୍ରୁବ ଚରଣ ନାୟକ, ଶରତ ରଥ, ହିମାଂଶୁ ନାୟକ ଓ ଶ୍ରୀମତୀ ଶ୍ରୀକାନ୍ତୀ ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସହକାରୀ ଶିକ୍ଷୟିତ୍ରୀ ସସ୍ମିତା ସାମଲ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। ଅନ୍ୟତମ ସହକାରୀ ଶିକ୍ଷକ ନିହାର ରଂଜନ ତ୍ରିପାଠୀ ସହଯୋଗ କରିଥିଲେ । ଅଜୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ପରିଚାଳନା କମିଟି ସଭାପତି ରାକେଶ ଖୁଣ୍ଟିଆଙ୍କ ସମେତ କ୍ଲଷ୍ଟର ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ, ଛାତ୍ରାଭିଭାବକ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ ।

## ବସ ଓ ଟ୍ରକ ମହାଁମୁହିଁ ଧକ୍କା ଅଳ୍ପକେ ବର୍ତିଲେ ୫ଯାତ୍ରୀ






ଆସିକା (ମହାଭାରତ): ଆସିକା କଳିଙ୍ଗ ରୋଡ ରେ ବସ ଓ ଟ୍ରକ ମୁହାଁମୁହିଁ ଧକ୍କା ରେ ଅଳ୍ପକେ ବର୍ତ୍ତି ଯାଇଛନ୍ତି  ୫ଜଣ ଯାତ୍ରୀ । ଆଜି ଅପରାହ୍ନ ପ୍ରାୟ ୨ଘଣ୍ଟା ସମୟରେ ଭୁବନେଶ୍ୱର ରୁ ଆସିକା ଦେଇ ବଡ଼ଗଡ଼ ମାଣିକପୁର ଅଭିମୁଖେ ଯାଉଥିବା ଓଡି ୦୭ଟି ୪୬୬୬ନମ୍ବର ମା ଖମ୍ବେଶ୍ୱରୀ ବସ କଳିଙ୍ଗ ରୋଡ଼ରେ  ଟ୍ରକ ନମ୍ବର ଓଆର ୦୭ଏଲ ୭୨୬୧ ସହ ମୁହାଁ ମୁହିଁ ଧକ୍କା ହୋଇଥିଲା ଧକ୍କା ଏତେ ଜୋର ଥିଲା ଯେ ଉଭୟ ଗାଡିର ସମ୍ମୁଖ ଭାଗ ଭାଙ୍ଗି ଚୁରମାର ହୋଇଯାଇଥିଲା ଏବଂ ବସ ରେ ବସିଥିବା ୫ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସମସ୍ତ ଯାତ୍ରୀଙ୍କୁ ସଙ୍ଗେ ସଙ୍ଗେ ଆସିକା ଉପଖଣ୍ଡ ଚିକିତ୍ସାଳୟକୁ ଅଣାଯାଇଥିଲା ।ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତ ଯାତ୍ରୀଙ୍କୁ ଛାଡି ଦିଆଯାଇଛି ।

# ୟୁକ୍ରେନରେ ରୁଷର ଭୟଙ୍କର ଆକ୍ରମଣ, ୬୭ଟି ଡ୍ରୋନରୁ ବୋମାବର୍ଷା

**କିବ,୭।୯(ଏଜେନ୍ସି):** ଋଷ ଓ ୟୁକ୍ରେନ ମଧ୍ୟରେ ଅଢ଼େଇ ବର୍ଷରୁ ଅଧିକ ସମୟ ଧରି ଚାଲିଥିବାବେଳେ ଦିନକୁ ଦିନ ଯୁଦ୍ଧ ଆହୁରି ମାରାତ୍ମକ ହୋଇଚାଲିଛି । ଗତକାଲି ରାତିରେ ରୁଷ୍ ୬୭ଟି ଭୟଙ୍କର ଓ ବିପଜ୍ଜନକ ଡ୍ରୋନ୍ ସହ ୟୁକ୍ରେନର ରାଜଧାନୀ କିବ୍ ଉପରେ ଆକ୍ରମଣ କରିଥିଲା । ୟୁକ୍ରେନ ସେନା କହିଛି ଯେ ରୁଷ୍ କିବ୍ ଉପରେ ସାରା ରାତି ଡ୍ରୋନ୍ ଆକ୍ରମଣ କରିଥିଲା । ତେବେ ୟୁକ୍ରେନ ବାୟୁସେନା ସେମାନଙ୍କ ମଧ୍ୟରୁ ୫୮ ଜଣଙ୍କୁ ଖସାଇ ଦେଇଥିବା ଦାବି କରିଛି । ରୁଷ୍ ଆକ୍ରମଣକୁ ଦୃଷ୍ଟିରେ ରଖି ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମକୁ ୧୧ଟି ଅଞ୍ଚଳରେ ସକ୍ରିୟ କରାଯାଇଛି । ୟୁକ୍ରେନ ସେନା କହିଛି ଯେ ରୁଷ୍ କିବ୍ ଉପରେ ସାରା ରାତି ଡ୍ରୋନ୍ ଆକ୍ରମଣ କରିଥିଲା । ତେବେ ୟୁକ୍ରେନ ବାୟୁସେନା ସେମାନଙ୍କ ମଧ୍ୟରୁ ୫୮ ଜଣଙ୍କୁ ଖସାଇ ଦେଇଥିବା ଦାବି କରିଛି । ରୁଷ୍ ଆକ୍ରମଣକୁ ଦୃଷ୍ଟିରେ ରଖି ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମକୁ ୧୧ଟି ଅଞ୍ଚଳରେ ସକ୍ରିୟ କରାଯାଇଛି । କିବ୍ ର ସଂସଦ ଭବନରୁ ମଧ୍ୟ ଡ୍ରୋନର ଭଗ୍ନାବଶେଷ ଉଦ୍ଧାର କରାଯାଇଛି ବୋଲି ସେନା ପକ୍ଷରୁ କୁହାଯାଇଛି। ରୁଷ୍ ର ଡ୍ରୋନ୍ ଆକ୍ରମଣ ଏବଂ ଏହାର ଭଗ୍ନାବଶେଷର ଫଟୋ ସହିତ ୟୁକ୍ରେନ୍ ଏହାର ଅଫିସିଆଲ୍ ଟେଲିଗ୍ରାମ ପେଜ୍ ରେ ଏହି ସୂଚନା ପୋଷ୍ଟ କରିଛି । ପାଶ୍ଚାତ୍ୟ ଦେଶମାନଙ୍କଠାରୁ ଅଧିଗ୍ରହଣ କରାଯାଇଥିବା ଏୟାର ଡିଫେନ୍ସ ନେଟୱାର୍କ ସିଷ୍ଟମ ଯୋଗୁଁ ରୁଷିଆର କ୍ଷେପଣାସ୍ତ୍ର ଏବଂ ଡ୍ରୋନ କେନ୍ଦ୍ରୀୟ କିବରେ ପହଞ୍ଚିବା ଅତ୍ୟନ୍ତ କଷ୍ଟକର ହୋଇଥାଏ । କିନ୍ତୁ ଏଥର ରୁଷୀୟ ଡ୍ରୋନଗୁଡ଼ିକ କିବରେ ଅନୁପ୍ରବେଶ କରିବାକୁ ସକ୍ଷମ ହୋଇଛନ୍ତି । ଏପରିକି କିବର ସବୁଠାରୁ ସୁରକ୍ଷିତ ଅଂଚଳ ଭାବେ ଗଣାହେଉଥିବା ରାଷ୍ଟ୍ରପତି ଭବନ ଓ ସଂସଦ ଭବନ ଅଂଚଳ ନିକଟକୁ ବି ଏସବୁ ଡ୍ରୋନ ପହଞ୍ଚିବାକୁ ସକ୍ଷମ ହୋଇଛନ୍ତି । ଏସବୁ ଡ୍ରୋନକୁ ୟୁକ୍ରେନର ଏୟାର ଡିଫେନ୍ସ ସିଷ୍ଟମ ଅକାମୀ କରିଦେଇଥିଲା ।

# ରୁଷିଆରୁ ଭାରତୀୟଙ୍କ ଫେରିବା ନିଶ୍ଚିତ ହେଲା !


**ମସ୍କୋ,୭।୯(ଏଜେନ୍ସି):** ରୁଷିଆ ଏବଂ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧରେ ଭାରତୀୟ ନାଗରିକମାନେ ମଧ୍ୟ ସୀମାରେ ଆଗ ଧାଡ଼ିରେ ଲିବାକୁ ବାଧ ହେଉଛନ୍ତି । ଏହି ସଂଗ୍ରାମରେ ଏପର୍ଯ୍ୟନ୍ତ ଅନେକ ଭାରତୀୟ ପ୍ରାଣ ହରାଇଛନ୍ତି । ଏହି ସମୟରେ, ଯେଉଁମାନେ ରୁଷିଆର ସେନାରେ ନିଯୁକ୍ତ ହୋଇଥିଲେ ଏବଂ ୟୁକ୍ରେନରେ ଯୁଦ୍ଧ କରିବାକୁ ବାଧ୍ୟ ହୋଇଥିଲେ, ସେମାନଙ୍କୁ ସମ୍ମୁଖ ମୋର୍ଚ୍ଚାରୁ ରୁଷିଆ ସୀମା ଭିତରକୁ ଅଣାଯାଇଛିୟ । ସେମାନଙ୍କୁ ୟୁକ୍ରେନର ଫ୍ରଣ୍ଟଲାଇନରୁ ରୁଷିଆର ରୋଷ୍ଟୋଭକୁ ଫେରାଇ ନିଆଯାଇଛି । ବର୍ତ୍ତମାନ ପର୍ଯ୍ୟନ୍ତ ୨୩ ଜଣ ଭାରତୀୟଙ୍କୁ ରୋଷ୍ଟୋଭକୁ ଅଣାଯାଇଛି । ସମସ୍ତଙ୍କୁ ବସ୍ ଯୋଗେ ଫେରାଇ ଅଣାଯାଇଛି । ଏହି ଭାରତୀୟମେ;ନ ଫୋନ୍ କରି ନିଜ ସମ୍ପର୍କୀୟଙ୍କୁ ସୂଚନା ଦେଇଛନ୍ତି । ସୁରକ୍ଷା କର୍ମୀ ଭାବରେ ଚାକିରି ନାମରେ ଏହି



ଲୋକଙ୍କୁ ରୁଷିଆକୁ ପଠାଯାଇଥିଲା । ବର୍ତ୍ତମାନ ଏହି ଲୋକଙ୍କୁ ଭାରତ ପଠାଇବା ପାଇଁ ପ୍ରସ୍ତୁତି ଚାଲିଛି । ରୁଷିଆ ଗସ୍ତ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରୁଷିଆ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ସହିତ ଏକ ବ୍ୟକ୍ତିଗତ ଭୋଜନରେ ଏହି ପ୍ରସଙ୍ଗ ଉଠାଇଥିଲେ । ଏହା ପରେ ରାଷ୍ଟ୍ରପତି ପୁଟିନ ପ୍ରଧାନମନ୍ତ୍ରୀ ମୋଦୀଙ୍କ କଥା ଗ୍ରହଣ କରି ରୁଷିଆ ସେନାରେ ଫସି ରହିଥିବା ଭାରତୀୟ ଯୁବକଙ୍କୁ ଘରକୁ ପଠାଇବାକୁ ନିଷ୍ପତ୍ତି ନେଇଥିଲେ । ପ୍ରଧାନମନ୍ତ୍ରୀ ମୋଦୀଙ୍କ ପୂର୍ବରୁ ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ ଜୟଶଙ୍କର ମଧ୍ୟ ଏହି ପ୍ରସଙ୍ଗ ଉଠାଇଥିଲେ । ଜୁଲାଇ ୪ରେ ସାଂଘାଇ ସହଯୋଗ ସଂଗଠନ (ଏସସିଓ) ଶିଖର ସମ୍ମିଳନୀ ପୂର୍ବରୁ ସେ ରୁଷିଆର ପ୍ରତିପକ୍ଷ ସରୋଜ ଲାଭରଭଙ୍କ ସମ୍ମୁଖରେ ଦୃ ଭାବରେ ଏହି ପ୍ରସଙ୍ଗ ଉଠାଇଥିଲେ । ୟୁକ୍ରେନ ବିରୋଧରେ ଯୁଦ୍ଧରେ ରୁଷିଆ ପକ୍ଷରୁ ଅତି କମରେ ଦୁଇ ଜଣ ଭାରତୀୟଙ୍କର ମୃତ୍ୟୁ ହୋଇଛି । ଏହାପୂର୍ବରୁ ଯୁଦ୍ଧ ଜୋନ୍ରେ ଫସି ରହିଥିବା ଦଶହଜାର ଲୋକ ଦାବି କରିଥିଲେ ଯେ ସେମାନଙ୍କୁ ପ୍ରତାରଣା କରି ଯୁଦ୍ଧରେ ଯୋଗ ଦେବାକୁ ବାଧ୍ୟ କରାଯାଇଥିଲା । ଏହା ପରେ ସେମାନେ ଏଥିରେ ଅସନ୍ତୋଷ ପ୍ରକାଶ କରିଥିଲେ। ଏହା ସହିତ ସେମାନେ ଏହି ପ୍ରସଙ୍ଗ ନେଇ ଭାରତ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ।

# ଆମେରିକା ସ୍କୁଲରେ ପୁଣି ଗୁଳିକାଣ୍ଡ, ୪ ମୃତ

**ନୂଆଦିଲ୍ଲୀ,୭।୯(ଏଜେନ୍ସି):** ଆମେରିକାରେ ପୁଣି ଥରେ ଏକ ସ୍କୁଲରେ ଗୁଳିକାଣ୍ଡ ଘଟଣା ସାମ୍ନାକୁ ଆସିଛି । ଜର୍ଜିଆର ଏକ ହାଇସ୍କୁଲରେ ବୁଧବାର ଜଣେ ସାଥୀ ଛାତ୍ରଙ୍କ ଗୁଳିମାଡ଼ରେ ଦୁଇ ଛାତ୍ରଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଆହତ ହୋଇଛନ୍ତି ବୋଲି ସିଏନ୍ଏନ୍ ରିପୋର୍ଟ କରିଛି । ସନ୍ଦିଗ୍ଧ ବନ୍ଧୁକଧାରୀ ଜଣକ ଆଟଲାଣ୍ଟାଠାରୁ ପ୍ରାୟ ଏକ ଘଣ୍ଟା ଦୂର ଜର୍ଜିଆର ୱିଣ୍ଡରସ୍ଥିତ ଅପାଲାଚି ହାଇସ୍କୁଲର ଛାତ୍ର ୧୪ ବର୍ଷୀୟ କୋଲ୍ଟ ଗ୍ରେ ବୋଲି ଜଣାପଡିଛି । ମୃତକଙ୍କ ମଧ୍ୟରେ ୨ ଜଣ ଛାତ୍ର ଓ ୨ ଜଣ ଶିକ୍ଷକ ଅଛନ୍ତି ।



ଗୁଳିକାଣ୍ଡ ଏବଂ ଏହା ପଛର ଉଦ୍ଦେଶ୍ୟ ସମ୍ପର୍କରେ ଏଜେନ୍ସିମାନେ ତଦନ୍ତ ଜାରି ରଖିଛନ୍ତି। ଏପଲାଚି ହାଇସ୍କୁଲର କନିଷ୍ଠ ଛାତ୍ରୀ ଲୀଲା ସାଇରଥ ସିଏନଏନକୁ କହିଛନ୍ତି ଯେ ବୁଧବାର ହୋଇଥିବା ଗୁଳିକାଣ୍ଡର କିଛି ସମୟ ପୂର୍ବରୁ ସେ ସନ୍ଦିଗ୍ଧ ବନ୍ଧୁକଧାରୀ କୋଲ୍ଟ ଗ୍ରେଙ୍କ ପାଖରେ ବସିଥିଲେ । ସେ କହିଛନ୍ତି ଯେ କୋଲ୍ଟ ସ୍ଥାନୀୟ ସମୟ ସକାଳ ପ୍ରାୟ ୯ଟା ୪୫ ରେ କ୍ଲାସରୁ ବାହାରିଥିଲେ । ଲିଲା ଭାବିଥିଲେ ଯେ କୋଲ୍ଟ ବାଥରୁମକୁ ଯାଉଛନ୍ତି, କିନ୍ତୁ ସେ ସେଠାକୁ ଯାଇନଥିଲେ । ଏହାର କିଛି ସମୟ ପରେ କୋଲ୍ଟ କ୍ଲାସକୁ ଫେରିଆସିଥିଲା । କ୍ଲାସରୁମରେ ଥିବା ଜଣେ ଝିଅ ତାଙ୍କ ପାଇଁ କବାଟ ଖୋଲିବାକୁ ଯାଇଥିଲା, କିନ୍ତୁ ତା ପାଖରେ ବନ୍ଧୁକ ଥିବା ଦେଖି ସେ ଆତଙ୍କରେ ପଛକୁ ହଟିଯାଇଥିଲା । ଏହା ପରେ ସେ ଶ୍ରେଣୀଗୃହରେ ପ୍ରବେଶ କରି ଗୁଳିଚଳାଇଥିଲା । ଲିଲା କହିଛନ୍ତି ଯେ ତାଙ୍କ କ୍ଲାସରୁମରେ ଛାତ୍ରୀମାନେ ଗୁଳି ଶବ୍ଦ ଶୁଣି ଡେସ୍କ ପଛରେ ଲୁଚି ଯାଇଥିଲେ ।

# ଯୋଶୀମଠ ପରେ ବାଗେଶ୍ୱର: ଘର ଓ ସଡ଼କରେ ଫାଟ

**ବାଗେଶ୍ୱର,୭।୯(ଏଜେନ୍ସି):** ଗତବର୍ଷ ଯୋଶୀମଠ ଘଟଣା ଆପଣଙ୍କୁ ମନେ ଥିବ । ଯେତେବେଳେ ଚମୋଲି ଜିଲ୍ଲାର ଏହି ଧାର୍ମିକ ସହରର ଘର ଏବଂ କ୍ଷେତରେ ହଠାତ ଫାଟ ଦେଖାଦେବା ଆରମ୍ଭ ହୋଇଥିଲା । ଏହାକୁ ନେଇ ଅନେକ ପରିବେଶବିତ୍ ଚିନ୍ତା ପ୍ରକଟ କରିଥିଲେ । ସରକାର ମଧ୍ୟ ପଦକ୍ଷେପ ନେଇଥିଲେ ଏବଂ ଭଙ୍ଗା ଘରଗୁଡ଼ିକରୁ ଲୋକଙ୍କୁ ସ୍ଥାନାନ୍ତର କରାଯାଇ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା । ଏବେ କୁମାଉଁ ଅଞ୍ଚଳର ବାଗେଶ୍ୱର ଜିଲ୍ଲାରେ ମଧ୍ୟ ସମାନ ଘଟଣା ଦେଖିବାକୁ ମିଳିଛି । ବାଗେଶ୍ୱର ଜିଲ୍ଲାର କାଣ୍ଡା ଅଞ୍ଚଳର ସ୍ଥିତି ଗତବର୍ଷ ଯୋଶୀମଠ ଭଳି ହେବାରେ ଲାଗିଛି । ଏଠାରେ ଘରେ ଘନ ଫାଟ ସୃଷ୍ଟି ହେଉଛି । ଏତଦ୍ ବ୍ୟତୀତ କ୍ଷେତ ଓ ରାସ୍ତାରେ ମଧ୍ୟ ଫାଟ ଦେଖିବାକୁ ମିଳୁଛି । ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍ ଜିଟି) ମଧ୍ୟ ଏହାକୁ ଗରୁତ୍ୱ



ଦେଇଛନ୍ତି । ବାଗେଶ୍ୱର ଜିଲ୍ଲାର କାଣ୍ଡା ଅଞ୍ଚଳର ସ୍ଥିତି ଗତବର୍ଷ ଯୋଶୀମଠ ଭଳି ହେବାରେ ଲାଗିଛି । ଏଠାରେ ଘରେ ଘନ ଫାଟ ସୃଷ୍ଟି ହେଉଛି । ଏତଦ୍ ବ୍ୟତୀତ କ୍ଷେତ ଓ ରାସ୍ତାରେ ମଧ୍ୟ ଫାଟ ଦେଖିବାକୁ ମିଳୁଛି । ସ୍ଥିତି ଦିନକୁ ଦିନ ଗମ୍ଭୀର ହେବାରେ ଲାଗିଛି ଏବଂ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ (ଏନ୍ ଜିଟି) ମଧ୍ୟ ଏହାକୁ ଗୁରୁତ୍ୱ ଦେଇଛନ୍ତି । ଏ ନେଇ ଏନ୍ ଜିଟି କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି)କୁ ଜବାବ ମାଗିଛନ୍ତି । ଏନଜିଟି ଅଧ୍ୟକ୍ଷ ଜଷ୍ଟିସ୍ ପ୍ରକାଶ ଶ୍ରୀବାସ୍ତବ ଓ ବିଶେଷଜ୍ଞ ସଦସ୍ୟ ଡ. ଅଫରୋଜ ଅହମ୍ମଦଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ନିକଟରେ ଗଣମାଧ୍ୟମରେ ପ୍ରକାଶିତ ଖବର ଅନୁଯାୟୀ, ଏହି ଅଞ୍ଚଳରେ ବ୍ୟାପକ ଖଣି ଖନନ ଚାଲିଛି । ଫଳରେ କଣ୍ଡା ଅଞ୍ଚଳରେ ଘର, କ୍ଷେତ ଓ ରାସ୍ତାରେ ଫାଟ ସୃଷ୍ଟି ହେଉଛି ।

# ପୁଣି ସମାଜବାଦୀ ପାର୍ଟିକୁ ଫେରି ପାରନ୍ତି ଅପର୍ଣ୍ଣା

**ୟୁପି,୭।୯(ଏଜେନ୍ସି):** ଅପର୍ଣ୍ଣା ଯାଦବଙ୍କ ହୋଇପାରେ ଘର ବାହୁଡ଼ା । ଦାଦା ଶିବପାଲ ଯାଦବଙ୍କ ସହିତ ଯୋଗାଯୋଗ କରି ସମାଜବାଦୀ ପାର୍ଟିକୁ ଫେରିବା ପାଇଁ ଚେଷ୍ଟା କରୁଥିବା ସୂଚନା ମିଳିଛି । ଅପର୍ଣ୍ଣା ହେଉଛନ୍ତି ପୂର୍ବତନ ୟୁପି ମୁଖ୍ୟମନ୍ତ୍ରୀ ତଥା ସମାଜବାଦୀ ପାର୍ଟିର ପ୍ରତିଷ୍ଠାତା ମୁଲାୟମ ସିଂହ ଯାଦବଙ୍କ ସାନ ବୋହୂ । ଏବର ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ସିଂହ ଯାଦବଙ୍କ ଭାଇ ବୋହୂ । ୨୦୨୨ ବିଧାନସଭା ନିର୍ବାଚନ ପୂର୍ବରୁ ସେ ସମାଜବାଦୀ ପାର୍ଟି ଛାଡ଼ି ବିଜେପିରେ ମିଶିଥିଲେ । ତାଙ୍କୁ ରାଜ୍ୟ ମହିଳା କମିଶନର ଉପାଧ୍ୟକ୍ଷା ପଦ ମିଳିଛି । ହେଲେ ସେ ଏଥିରେ ଖୁସି ନ ଥିବା ଜଣାପଡ଼ିଛି । କୌଣସି ଏକ ବଡ଼ ପଦବୀ ସେ ଚାହୁଁଛନ୍ତି ।ଅପର୍ଣ୍ଣା ଦଳର ବଡ଼ ପଦ



ପଦବୀରେ ରହିଲେ, ନିଜ ପରିବାର ଲୋକଙ୍କ ବିପକ୍ଷରେ କିଛି କହିବେ ନାହିଁ ବୋଲି ବିଜେପି ତାଙ୍କୁ କିଛି ଦାୟିତ୍ୱ ଦେଉ ନଥିବା ଅଭିଯୋଗ ହେଉଛି । ଯାହାକୁ ନେଇ ସେ ଅସନ୍ତୁଷ୍ଟ ଥିବା ଜଣାପଡିଛି । ଏହି କାରଣରୁ ସେ ସମାଜବାଦୀ ପାର୍ଟିକୁ ଫେରିବାକୁ ଚାହୁଁଥିବା ଶିଣିବାକୁ ମିଳୁଛି । ତେବେ ଏହି ଖବରକୁ ବିଜେପି ପକ୍ଷରୁ ଖଣ୍ଡନ କରାଯାଇଛି । ଅପର୍ଣ୍ଣାଙ୍କୁ ମନେଇବାକୁ ବିଜେପି ତରଫରୁ ଉଦ୍ୟମ ଚାଲିଥିବା ଜଣାପଡ଼ିଛି ।

## ବ୍ରାହ୍ମଣୀଗାଁ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ

# ବଢୁଛି ଜନନୀ ଯନ୍ତ୍ରଣା, ରାତିରେ ଗର୍ଭବତୀଙ୍କୁ ମିଳୁନି ସ୍ୱାସ୍ଥ୍ୟ ସେବା

ବ୍ରାହ୍ମଣୀଗାଁ,(ନିପ୍ର): କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡି ବ୍ଲକ ଅନ୍ତର୍ଗତ ବ୍ରାହ୍ମଣୀଗାଁ ମେଡ଼ିକାଲରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି, ବିଭାଗିୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ତଦାରଖ ର ଅଭାବ ହେତୁ ମେଡ଼ିକାଲ ସମ୍ପର୍କିତ ବିଭିନ୍ନ ସମସ୍ୟା ଲାଗିରହିଛି, ଏହି ମେଡ଼ିକାଲ ଟି ଅତି ଦୁର୍ଗମ ଅଞ୍ଚଳ ର ସାହା ଭରଷା ପାଲଟି ଥିବା ବେଳେ ଏଠାରେ କାର୍ଯ୍ୟରତ ଅଧିକାରୀ ମାନଙ୍କ ଦାୟିତ୍ୱ ହୀନତା ଯୋଗୁଁ ସ୍ୱାସ୍ଥ୍ୟ ସେବା ବିଗିଡ଼ିବାରେ ଲାଗିଛି । ସୂଚନା ଅନୁଯାୟୀ କନ୍ଧମାଳ ଜିଲ୍ଲା ସୀମାନ୍ତ କାଟିଙ୍ଗିଆ ପଞ୍ଚାୟତ ଅନ୍ତର୍ଗତ କୁଟୁକା ଗ୍ରାମ ର ରୋନି ନାୟକ ଙ୍କ ପତ୍ନୀ ପ୍ରିୟା ସ୍ୱାଲ ସିଂ ଙ୍କ ଗର୍ଭ ବେଦନା ଆରମ୍ଭ ହେବାରୁ ଶୁକ୍ରବାର ଦିନ ସନ୍ଧ୍ୟା ପ୍ରାୟ ସାତଟା ବେଳେ ଆଶା କର୍ମୀ ଦର୍ଶନି ବଲିଆର ସିଂ ଙ୍କୁ ଯୋଗାଯୋଗ କରି ଆମ୍ବୁଲାନ୍ସ ଜରୀଆରେ ରାତ୍ର ପ୍ରାୟ ୯ଟା ସମୟରେ ବ୍ରାହ୍ମଣୀଗାଁ ମେଡ଼ିକାଲ ରେ ପହଞ୍ଚାଇ ଥିଲେ ସେହି ସମୟରେ ମେଡ଼ିକାଲ ବନ୍ଦ ରହିଥିବାରୁ ,ଗର୍ଭବତୀଙ୍କ ସମ୍ପର୍କୀୟ ମାନେ ଷ୍ଟାଫ୍ ମାନଙ୍କ କ୍ୱାର୍ଟରକୁ ଯାଇ ଡ଼ାକିଥିଲେ, ତାଙ୍କ ଡ଼ାକ ଶୁଣି ମେଡ଼ିକାଲର ପିଅନ ଧୋବା ଆସି ପ୍ରସବ ପ୍ରକୋଷ୍ଠ ଖୋଲି ଦେଇଥିଲେ, କିନ୍ତୁ ପ୍ରସବ ବେଦନା ଭରା ସେହି ଗର୍ଭବତୀ ମହିଳା ଙ୍କୁ ପ୍ରସବ କରାଇବା ପାଇଁ କେହିବି ଡାକ୍ତର କିମ୍ବା ନର୍ସ ତାଙ୍କ ପାଖରେ ପହଞ୍ଚି ନଥିଲେ । ବାରମ୍ବାର ଡାକ୍ତର ଙ୍କୁ ଫୋନ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା ସେ ଫୋନ କଲ୍ ରିସିଭ କରି ନ ଥିଲେ କି ବାରମ୍ବାର ଚିତ୍କାର କରି ତାଙ୍କ ଗେଟ କୁ ବାଡ଼େଇ ବାଡ଼େଇ ଉଠାଇ ଥିଲେ ବି ସେ ଉଠି ନଥିଲେ । ପ୍ରାୟ ଦୁଇଘଣ୍ଟା ଉଠାଇବାକୁ ଚେଷ୍ଟା କରି ବିଫଳ ହେବା ପରେ ଗଣମାଧ୍ୟମ ପ୍ରତିନିଧି ମାନେ ସେଠାରେ ପହଞ୍ଚି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ର ଇନ୍ ଚାର୍ଜ ଡାକ୍ତର ଜାକେଶ ସାମନ୍ତ ରାୟ ଙ୍କୁ ଯୋଗାଯୋଗ କରିଥିଲେ, ଘଟଣା ସଂପର୍କ ରେ ଜାଣିବା ପରେ ସେ ଅନ୍ୟ ଜଣେ ନର୍ସ ଙ୍କୁ ପଠାଇ ଥିଲେ ହେଲେ ଉକ୍ତ ନର୍ସ ଜଣକ ଆସି ଦେଖିବା ପରେ ପ୍ରସବ ପାଇଁ ଆହୁରି ସମୟ ଲାଗିବ, ଯେହେତୁ ଏହା ପ୍ରଥମ ଗର୍ଭ , ରିସ୍କ ଅଛି ଏଣୁ ଅନ୍ୟତ୍ର ନିଅନ୍ତୁ ବୋଲି ପରାମର୍ଶ ଦେଇଥିଲେ ।

ଦୂରଦୂରାନ୍ତ ରୁ ଆସିଥିବା ଗର୍ଭବତୀ ମହିଳା ଓ ତାଙ୍କ ସମ୍ପର୍କୀୟ ମାନେ ନିରୁପାୟ ହୋଇ ରାତ୍ର ପ୍ରାୟ ସାଢ଼େ ବାରଟା ବେଳେ ଝଡ଼ ବର୍ଷା ରେ ଅନ୍ୟ ଏକ ମେଡ଼ିକାଲ କୁ ସ୍ଥାନାନ୍ତର କରିଥିବା ଜଣା ପଡ଼ିଛି । ପ୍ରଥମେ ସେମାନେ ମୋହନା ମେଡ଼ିକାଲ କୁ ନେଇ ଥିଲେ ସେଠାରୁ ପୁଣି ଡାକ୍ତର ଙ୍କ ପରାମର୍ଶ କ୍ରମେ ବ୍ରହ୍ମପୁର ମେଡ଼ିକାଲ କୁ ଯିବା ବାଟରେ ଆମ୍ବୁଲାନ୍ସ ରେ ହିଁ ପ୍ରସବ କରିଥିବା ନେଇ ସମ୍ପର୍କୀୟ ମାନେ କହିଛନ୍ତି । ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲା ର ଏପରି ଦୁର୍ଗମ ଅଞ୍ଚଳ ରେ ଥିବା ମେଡ଼ିକାଲ ପ୍ରତି ଜିଲ୍ଲା ପ୍ରଶାସନ ପକ୍ଷରୁ ଅବହେଳା କରାଯାଉ ଥିବା ରୁ ଗର୍ଭବତୀ ମହିଳା ମାନେ ଯନ୍ତ୍ରଣା ରେ ଛଟପଟ ହେବା ସାଥେ ସାଥେ ଅକାଳ ମୃତ୍ୟୁ ର ଶିକାର ହେଉଥିବା ନଜିର ରହିଛି । ବ୍ରାହ୍ମଣୀଗାଁ ମେଡ଼ିକାଲ ରେ ଗର୍ଭବତୀ ମହିଳାଙ୍କ ପାଇଁ କୌଣସି ପ୍ରତୀକ୍ଷା ପ୍ରକୋଷ୍ଠ ନଥିବାରୁ ସବୁବେଳେ ହଇରାଣ ହରକତ ହେବାକୁ ପଡୁଛି, ପ୍ରକାଶ ଥାଉ କି କନ୍ଧମାଳ ଜିଲ୍ଲା ର ଦୁର୍ଗମ ଅଞ୍ଚଳ ତଥା ଗଞ୍ଜାମ ଗଜପତି ଓ ରାୟଗଡ଼ା ଜିଲ୍ଲା ସୀମାନ୍ତ ରେ ଏହି ମେଡ଼ିକାଲ ଥିବାରୁ ଅଞ୍ଚଳ ର ଜନସାଧାରଣ ରୋଗୀ ସେବା ପାଇଁ ଏହି ମେଡ଼ିକାଲ ଉପରେ ନିର୍ଭର କରିଥାନ୍ତି, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଦୂରତା ଦୃଷ୍ଟିରୁ ଉତ୍ତମ ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ପାଇଁ ଅଞ୍ଚଳ ବାସୀଙ୍କ ଦାବୀ ମୁତାବକ ବ୍ରାହ୍ମଣୀଗାଁ ମେଡ଼ିକାଲରେ ଏକ ପ୍ରସବ କେନ୍ଦ୍ର ଓ ଶବ ବ୍ୟବଚ୍ଛେଦ ପାଇଁ ସରକାର ଙ୍କ ପକ୍ଷରୁ ସୁବିଧା ଯୋଗାଇ ଦିଆ ଯାଇଛି । କିନ୍ତୁ ଏଠି କାର୍ଯ୍ୟରତ କର୍ମଚାରୀ ମାନଙ୍କ ସେବା ମନୋଭାବ ର ଅଭାବ ହେତୁ ଏଠାରେ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହୋଇ ପଡ଼ିଛି । ଗର୍ଭବତୀ ମହିଳା ଙ୍କ କ୍ଷେତ୍ରରେ ଏହା ପ୍ରଥମ ଘଟଣା ନୁହେଁ, ବାରମ୍ବାର ରାତ୍ରି କାଳୀନ ପ୍ରସବ ସମୟ ରେ ଏଭଳି ଘଟଣା ଘଟୁଥିବା ଅଭିଯୋଗ ହେଉଛି । ଯେହେତୁ ଏଠି ପ୍ରସବ କରିବା ସୁବିଧା ରହିଛି ଏଣୁ ପ୍ରସୂତୀ ବିଭାଗ ର ଜଣେ ଅତିରିକ୍ତ ଡାକ୍ତର ଙ୍କୁ ନିଯୁକ୍ତି କରିବା ସହ ଗର୍ଭବତୀ ଙ୍କ ପାଇଁ ପ୍ରତୀକ୍ଷା ପ୍ରକୋଷ୍ଠ ନିର୍ମାଣ କରିବାକୁ ଅଞ୍ଚଳ ବାସୀ ଦାବୀ କରିଛନ୍ତି ।

# ବେଆଇନ ଜବର ଦଖଲ ଉଚ୍ଛେଦ

ଦଶରଥପୁର, (ନିପ୍ର): ଦଶରଥପୁର ବ୍ଲକ କୟାଁ ପଞ୍ଚାୟତସ୍ତ କୟାଁ ମୌଜା ଅଧିନ ଦୁବକଣ ଗ୍ରାମର



ଖାତା ନମ୍ବର ୧୪୧୮ ପ୍ଲଟ ନମ୍ବର ୬୨୬ ଯାଗାଟିକୁ ଦୀର୍ଘଦିନ ହେବ ଉକ୍ତ ଗ୍ରାମର ଭିକାରି ଯେନାଙ୍କ ଦୁଇ ପୁଅ ସରୋଜ କୁମାର ଯେନା ଓ ଅଜୟ କୁମାର ଯେନା ଜବର ଦଖଲ କରି ରଖିଥିଲେ । ପ୍ରକାଶଥାଉକି ସରୋଜ କୁମାର ଯେନା କୟାଁଗୋଲା ହାଇସ୍କୁଲରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟରତ ଥିବା ବେଳେ ଅଜୟ କୁମାର ଯେନା ଦୁବକଣ ଜୟଚଣ୍ଡୀ କଲେଜରେ ଚତୁର୍ଥ ଶ୍ରେଣୀ କର୍ମଚାରୀ ଭାବେ କାର୍ଯ୍ୟ କରୁଛନ୍ତି । ସେହିପରି ବାପା ଭିକାରି ଯେନା ମଧ୍ୟ ସରକାରୀ ପେନସନ ଧାରି ଅଟନ୍ତି । ଗୋଟିଏ ପରିବାରରେ ତିନି ତିନି ଜଣ ସରକାରୀ ଚାକିରିଆ ହୋଇ ମଧ୍ୟ ବେଆଇନ ଭାବେ ଗ୍ରାମରେ ଥିବା ଏକ ସରକାରୀ ଜାଗାକୁ ଜୋର ଜବରଦସ୍ତ ଦଖଲ କରିବା ସହ ଉକ୍ତ ଯାଗା ଉପରେ ଏକ ରୋଷେଇ ଘର କରିବା ସହ ସମ୍ପୂର୍ଣ୍ଣ ଜାଗାଟିକୁ ବାଡ଼ ବୁଜି ଜବର ଦଖଲ କରି ଦୀର୍ଘଦିନ ନିଜ ଦଖଲରେ ରଖିଥିଲେ । ଏଥିନେଇ ଗ୍ରାମବାସୀ ମାନଙ୍କ ପକ୍ଷରୁ ଦାମୋଦର ନାୟକ, ପ୍ରଭାତ କୁମାର ନାୟକ, ଭୁବନାନନ୍ଦ ନାୟକ, ଦେବଦତ୍ତ ନାୟକ, ସୁବାସ ମଲ୍ଲିକ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀ ମାନେ ଦଶରଥପୁର ତହସିଲଦାରଙ୍କ ନିକଟରେ ଲିଖିତ ଅଭିଯୋଗ କରିଥିଲେ । ଗ୍ରାମବାସୀ ମାନଙ୍କ ଅଭିଯୋଗକୁ ଭିତ୍ତିକରୀ ଉପଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଚିଠି ନମ୍ବର ୧୦୭୮୧ ଅନୁଯାଇ ଦଶରଥପୁର ତହସିଲର ଆଡିସନାଲ ତହସିଲଦାର ରଶ୍ମିରଞ୍ଜନ ମଲ୍ଲିକ ଓ ମଙ୍ଗଳପୁର ଥାନାର ଏଏସଆଇ ଚନ୍ଦନ ମହାନ୍ତିଙ୍କ ଉପସ୍ଥିତିରେ ବେଆଇନ ଜବର ଦଖଲ ଉଚ୍ଛେଦ କରାଯାଇଥିବା ବେଳେ ଜବର ଦଖଲ ଉଚ୍ଛେଦ ସମୟରେ ସରୋଜ ଯେନା ଓ ତାଙ୍କ ପତ୍ନୀ ସାବିତ୍ରୀ ଯେନା, ପୁଅ ଅବିନାଶ ଯେନା, ବୋହୂ ଅନ୍ନା ଯେନା, ଝିଅ ଧରିତ୍ରୀ ଯେନା ଓ ଅଜୟ ଯେନାଙ୍କ ପତ୍ନୀ ଅନ୍ନପୂର୍ଣ୍ଣା ଯେନା ପ୍ରମୁଖ କିଛି ସମୟ ପାଇଁ ପୋଲିସ ସହ ପାଟିତୁଣ୍ଡ କରିବା ସହ ଜେସିବି ଡ୍ରାଇଭରକୁ ବାଉଁଶ ଧରି ମାରିବା ପାଇଁ ଆକ୍ରମଣ କରିଥିଲେ ।

# କୋମାରେ ବିଦ୍ୟୁତ୍ ବିଭାଗ

## ଯାନ୍ତ୍ରିକ ତ୍ରୁଟି ଯୋଗୁଁ ୭୦ ଦିନ ହେବ ବାରମ୍ବାର ବିଦ୍ୟୁତ କାଟ

**ପାରଳାଖେମୁଣ୍ଡି,(ନି.ପ୍ର):** ଗଜପତି ଜିଲ୍ଲାରେ ବିଦ୍ୟୁତ ବିଭାଗ ନିଷ୍କ୍ରିୟ ଅବସ୍ଥାରେ କୋମାରେ ରହିଥିବା ସାଧାରଣରେ ଅଭିଯୋଗ ହୋଇଛି । ଗତ ୭୦ ଦିନ ଧରି ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବାରମ୍ବାର ବିଦ୍ୟୁତ କଟ ଲାଗି ରହିଛି । ବହୁାର ସାଧାରଣଙ୍କ ନିବେଦନ ସତ୍ତ୍ୱେ କୌଣସି ପଦକ୍ଷେପ ଗ୍ରହଣ କରାଯାଉନାହିଁ । ଯଦ୍ୱାରା ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ବିଦ୍ୟୁତ ସେବା ଯୋଗାଇ ଦେବାକୁ ସରକାର ନିରନ୍ତର ପ୍ରୟାସ ଜାରି ରଖୁଛନ୍ତି ଓ ହେଲେ ବିଭାଗୀୟ ଅଧିକାରୀଙ୍କ ଅବହେଳା ମନୋଭାବ ଯୋଗୁଁ ଦୁଇମାସ ହେବ ଗୁମ୍ମା ବ୍ଲକବାସୀ ବିଦ୍ୟୁତ ସେବା ପାଇବାରୁ ବଞ୍ଚିତ ରହିଛନ୍ତି । ସୂଚନାଯୋଗ୍ୟ ଯେ ଗଜପତି ଜିଲ୍ଲା ଗୁମ୍ମା ବ୍ଲକ ସଦର ମହକୁମା ବିଦ୍ୟୁତ କାର୍ଯ୍ୟାଳୟରେ ଯନ୍ତ୍ରିକ ତ୍ରୁଟି ଥିବା ଯୋଗୁଁ ଘଣ୍ଟାକୁ ଘଣ୍ଟା ବିଦ୍ୟୁତ କାଟ ସମସ୍ୟା ଦେଖାଦେଇଛି । ଯାନ୍ତ୍ରିକ ତ୍ରୁଟି ଯୋଗୁଁ ବେଳେ ବେଳେ ତିନିରୁ ଚାରି ଘଣ୍ଟା ବିଦ୍ୟୁତ ଉଭାନ ହେଇଯାଉଛି । ଏଥିସହ ଲୋ ଭୋଲଟେଜ ଯୋଗୁଁ ବହୁଲୋକଙ୍କ ଫୋନ, ଇନଭୋଟର, ବଲବ ଓ ଫ୍ରିଜ ଆଦି ପୋଡ଼ି ଯାଇଥିବା ଅଭିଯୋଗ ହେଉଛି । ସେହିପରି ଗୁମ୍ମା ସଦର ମହକୁମାରେ ବ୍ଲକ, ତହସିଲ, ବ୍ୟାଙ୍କ, ଆଧାର କାର୍ଡ କେନ୍ଦ୍ର, ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ସମବାୟ ସମିତି କାର୍ଯ୍ୟାଳୟରେ ଅଘୋଷିତ ବିଦ୍ୟୁତ କାଟ ଯୋଗୁଁ ବିଭିନ୍ନ ସରକାରୀ କାର୍ଯ୍ୟ ଅଟକି ରହିଥିବା ଅଭିଯୋଗ ହେଉଛି । ଜନସେବା କେନ୍ଦ୍ର ଆଗରେ ଲୋକେ ଅପେକ୍ଷା କରି ଲୋକେ ହତାଶ ହେଉଛନ୍ତି । ଗୁମ୍ମା ସଦର ମହକୁମାକୁ ସ୍ୱତନ୍ତ୍ର ଫିଡର ଯୋଗାଇ ଦେବା ସହ ଦୀର୍ଘ ବର୍ଷ ଧରି ଗାଇବା ଠାରେ ଏକ ସବ ଷ୍ଟେସନ କରାଯିବା ପାଇଁ ଜାଗା ଅଧିକରଣ ହୋଇଥିଲେ ମଧ୍ୟ ବିଭାଗୀୟ ଅଧିକାରୀଙ୍କ ଇଚ୍ଛାଶକ୍ତି ଅଭାବ ଯୋଗୁଁ ଏସବୁ କାର୍ଯ୍ୟ ଅଟକି ରହିଥିବା ଅଭିଯୋଗ ହେଉଛି । ଗାଇବା ଅଞ୍ଚଳରେ ସର୍ବାଧିକ ବିଦ୍ୟୁତ ଉପଭୁକ୍ତା ରହିଥିବା ଯୋଗୁଁ ଉକ୍ତ ଅଞ୍ଚଳରେ ଅନେକ ସମସ୍ୟା ରହିଛି । କିନ୍ତୁ ରାଜ୍ୟ ସରକାରଙ୍କ ନୂତନ ସବଷ୍ଟେସନ ତାଲିକାରେ ଗାଇବା ନଥିବା ଦୁର୍ଭାଗ୍ୟଜନକ ବୋଲି କୁହାଯାଇଛି ।

# ଦୁର୍ଗମ ଗ୍ରାମବାସୀଙ୍କୁ ଭରସା ପାହାଡ଼ି ପାଣି

**ମାଲକାନଗିରି,(ନି.ପ୍ର):** ଜିଲ୍ଲାର ଦୁର୍ଗମ ଅଂଚଳରେ ରହୁଥିବା ଗ୍ରାମବାସୀଙ୍କ ଜୀବନ ଜୀବିକା କିପରି ଚାଲେ ତାହା ଆଖିରେ ନଦେଖିଲେ ବିଶ୍ୱାସ ହେବ ନାହିଁ ।ଦୁର୍ଗମ ପାହାଡ଼ ତଳର ଗ୍ରାମଗୁଡିକରେ ନା ପିଇବା ପାଇଁ ସ୍ୱଚ୍ଛ ପାନୀୟ ଜଳ ମିଳୁଛି ନା ସ୍ୱାସ୍ଥ୍ୟ ସେବା ଲୋକେ ପାଇପାରୁଛନ୍ତି । ଭଗବାନଙ୍କ ଭରସାରେ ଲୋକେ ଏଠାରେ ଜୀବନଯାପନ କରନ୍ତି । ଏମିତି ଏକ ଗ୍ରାମ ଚିତ୍ରକୋଣ୍ଡା ବ୍ଲକର କୁରମାନୁର ପଞ୍ଚାୟତର ଚିଲକାମାମୁଡି ଗ୍ରାମ । ଏହି ଗ୍ରାମରେ ପ୍ରାୟ ୬୦ ପରିବାର ବସବାସ କରନ୍ତି । ଏମାନଙ୍କ ପାଇଁ ଆଜି ବି ମୌଳିକ ସୁବିଧା ଅପହଞ୍ଚ ହୋଇ ରହିଛି । ପ୍ରାୟ ୩୦୦ ଲୋକଙ୍କ ପାଇଁ ନା ରହିଛି ନଳକୂପ ନା କୌଣସି ଜଳର ଉତ୍ସ । ଲୋକେ ପାହାଡି ପାଣିକୁ ଏକ ଟ୍ୟାଙ୍କରେ ଜମି କରି ତାକୁ ବର୍ଷ ତମାମ ବ୍ୟବହାର କରୁଥିବା କହିଛନ୍ତି । ଗାଁକୁ ଆଜି ବି ପକ୍କା ରାସ୍ତା ନାହିଁ । ଦିନେ ଏଠାରେ ନକ୍ସଲଙ୍କର ଗଡ ଥିଲା । ଲୋକେ ନକ୍ସଲଙ୍କ ନିୟମ କାନୁନ ମାନି ଚଳିବାକୁ ବାଧ୍ୟ ହେଉଥିଲେ । ଫଳରେ ବିକାଶ ଏକ ପ୍ରକାର ଏଠାରେ ପହଞ୍ଚିପାରିନଥିବା କହିଲେ ଅତ୍ୟୁକ୍ତି ହେବ ନାହିଁ । ଆଜି



ଏହି ଗ୍ରାମବାସୀ ଅଶିକ୍ଷିତ ହୋଇ ରହିଛନ୍ତି । ନିଜର ସ୍ୱଳ୍ପ ଜମିରେ ଚାଷ କରିବା ସହ ଜଂଗଲ ଜାତ ଦ୍ରବ୍ୟ ସଂଗ୍ରହ କରି ନିଜର ଗୁଜରାଣ ମେଣ୍ଟାଉଛନ୍ତି । ପାହାଡି ପାଣିକୁ ଲୋକେ ପିଇବା ସହ ନିଜର ସମସ୍ତ ଦୈନିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ତେବେ ଗ୍ରୀଷ୍ମ ଋତୁ ହେଲେ ଲୋକେ ନାହିଁ ନଥିବା ହଇରାଣ ହେଉଥିବା କହିଛନ୍ତି । ଏହି ପାହାଡି ପାଣିକୁ ପିଇବା ଦ୍ୱାରା ଲୋକେ ନାନା ସଂକ୍ରାମକ ରୋଗରେ ମଧ୍ୟ ପଡୁଥିବା କହିଛନ୍ତି । ରୋଗ ହେଲେ ସ୍ୱାସ୍ଥ୍ୟ ସେବା ଯୋଗାଇବା ପାଇଁ କେହି ନଥିବା ବେଳେ ଲୋକେ ଗୁଣିଆ ଓ ଡିସାରୀ ଉପରେ ନିର୍ଭର କରୁଥିବା କହିଛନ୍ତି । ଗାଁଟି ପାହାଡ ତଳେ ହୋଇଥିବା ବେଳେ ସରକାରୀ ବାବୁଙ୍କ ପାଦ କେବେ ଗାଁରେ ପଡ଼ି ନାହିଁ ।ଲୋକେ ବାରମ୍ବାର ଗାଁକୁ ରାସ୍ତା ଓ ପାନୀୟ ଜଳର ସୁବିଧା ଯୋଗାଇବା ନେଇ ପ୍ରଶାସନ ନିକଟରେ ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା କ୍ଷୋଭର ସହ ପ୍ରକାଶ କରିଛନ୍ତି । ଏହି ଦୁର୍ଗମ ତଥା ନକ୍ସଲ ପ୍ରବଣ ଗ୍ରାମକୁ ପ୍ରଶାସନ ଓ ସରକାରଙ୍କର ଦୃଷ୍ଟି ପଡୁ ବୋଲି ଦାବି ହୋଇଛି ।

# ନବଦୀପଙ୍କୁ ସ୍ୱର୍ଣ୍ଣ, ସିମ୍ରନଙ୍କୁ ବ୍ରୋଞ୍ଜ

## ଭାରତର ପଦକ ସଂଖ୍ୟା ୨୯କୁ ବୃଦ୍ଧି, ଆଜି ଉଦଯାପନୀ ଦିବସ





ନୂଆଦିଲ୍ଲୀ: ପ୍ୟାରିସ ପାରା ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ଖେଳାଳିଙ୍କ ଦମଦାର ପ୍ରଦର୍ଶନ ଜାରି ରହିଛି। ଶନିବାର ପୁରୁଷ ଜାଭେଲିନ ପ୍ରତିଯୋଗିତାରେ ଭାରତର ନବଦୀପ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ପ୍ରଥମେ ରୌପ୍ୟ ପଦକ ଜିଣିଥିଲେ। ତେବେ ଡ୍ରାମା ପରେ ଇରାନ ଆଥଲେଟଙ୍କୁ ଡିସକ୍ୱାଲିଫାୟାର ହେବାରୁ ନବଦୀପଙ୍କୁ ସ୍ୱର୍ଣ ମିଳିଥିଲା। ଅନ୍ୟପଟେ ମହିଳା ୨୦୦ ମିଟର ଟି୧୨ ପ୍ରତିଯୋଗିତାରେ ଭାରତର ଟ୍ରାକ ଆଣ୍ଡ ଫିଲ୍ଡ ଆଥଲେଟ୍ ସିମରନ ଶର୍ମା କାଂସ୍ୟ ପଦକ ଜିତିଛନ୍ତି। ଏହି ଦୁଇ ପଦକ ସହ ପାରାଅଲିମ୍ପିକ୍ସ ୨୦୨୪ରେ ଭାରତର ପଦକ ସଂଖ୍ୟା ୨୯କୁ ବୃଦ୍ଧି ଘଟିଛି। ଭାରତ ଏ ପର୍ଯ୍ୟନ୍ତ ୭ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୧୪ କାଂସ୍ୟ ପଦକ ଜିତି ସାରିଛି।

ଫାଇନାଲ୍‌ରେ ନବଦୀପ ନିଜର ଦ୍ୱିତୀୟ ପ୍ରୟାସରେ ୪୭.୩୨ ମିଟର ଜାଭେଲିନ ଫିଙ୍ଗି ନିଜ କ୍ୟାରିୟରର ଶ୍ରେଷ୍ଠ ପ୍ରଦର୍ଶନ କରିଥିଲେ। ତେବେ ଇରାନର ସାଦେଘ ସୟାହ ବେତ ୪୭.୬୪ ମିଟର ଜାଭେଲିନ ଫିଙ୍ଗିଥିଲେ। ଚୀନର ପେଙ୍ଗଜିୟାଙ୍ଗ ୪୪.୭୨ ମିଟର ସହ କାଂସ୍ୟ ପଦକ ନିଜ ନାମରେ କରିଛନ୍ତି। ତେବେ ପରେ କୌଣସି କାରଣରୁ ସାଦେଘ ସୟାହଙ୍କୁ ଅଯୋଗ୍ୟ ଘୋଷଣା କରାଯାଇଥିଲା।

ପାରା ଅଲିମ୍ପିକ୍ସରେ ଭାରତ ଏପର୍ଯ୍ୟନ୍ତ ଶ୍ରେଷ୍ଠ ପ୍ରଦର୍ଶନ କରିଛି ଏହା ପୂର୍ବରୁ ଟୋକିଓ ପାରାଅଲିମ୍ପିକ୍ସ ୨୦୨୦ରେ ଭାରତ ୫ ସ୍ୱର୍ଣ୍ଣ, ୮ ରୌପ୍ୟ ଓ ୬ କାଂସ୍ୟ ପଦକ ଜିତିଥିଲା ମୋଟ୍ ୧୯ ପଦକ ସହ ଭାରତର ଏହା ସର୍ବଶ୍ରେଷ୍ଠ ପ୍ରଦର୍ଶନ ଥିଲା।କିନ୍ତୁ ଏହି ରେକର୍ଡକୁ ଭାରତ ଧ୍ୱସ୍ତ କରି ନୂତନ କୀର୍ତ୍ତିମାନ ସ୍ଥାପନ କରିଛି।




## ଡାଏମଣ୍ଡ୍ ଲିଗ୍ ଫାଇନାଲ୍‌ରେ ନୀରଜ ଚୋପ୍ରା

ନୂଆଦିଲ୍ଲୀ,୦୭/୦୯: ଡବଲ୍ ଅଲିମ୍ପିକ୍ ପଦକ ବିଜେତା ଭାରତର ଜାଭେଲିନ୍ ତାରକା ନୀରଜ ଚୋପ୍ରା ଆଗାମୀ ଡାଏମଣ୍ଡ ଲିଗ୍ ଫାଇନାଲ୍ ଯୋଗ୍ୟତା ଅର୍ଜନ କରିଛନ୍ତି। ଜାଭେଲିନ ପଏଣ୍ଟ ତାଲିକାରେ ସେ ମୋଟ ୧୪ପଏଣ୍ଟ ସହ ଚତୁର୍ଥ ସ୍ଥାନରେ ରହି ଫାଇନାଲ୍ରେ ସ୍ଥାନ ପକ୍କା କରିଛନ୍ତି । ବେଲଜିୟମର ବ୍ରସେଲ୍ସ ଠାରେ ଆସନ୍ତା ୧୩ରୁ ୧୪ ତାରିଖ ପର୍ଯ୍ୟନ୍ତ ଡାଏମଣ୍ଡ ଲିଗ୍ ଫାଇନାଲ୍ ଖେଳାଯିବ। ବିଶ୍ୱ ଚାମ୍ପିଅନ୍ ନୀରଜ ଗତ ପ୍ୟାରିସ୍ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ଚଳିତ ବର୍ଷ ସେ ଡାଏମଣ୍ଡ ଲିଗରେ ମୋଟ ୪ଟି ପ୍ରତିଯୋଗିତାରୁ ମାତ୍ର ୨ଟିରେ ଭାଗ ନେଇଥିଲେ। ଆହତ ହେବା ଯୋଗୁ ପ୍ୟାରିସ୍ ଇଭେଣ୍ଟରୁ ଦୂରେଇ ରହିଥିଲେ ଏବଂ ଜୁରିଖ ଇଭେଣ୍ଟରେ ଭାଗ ନନେଇ ବିଶ୍ରାମ ନେଇଥିଲେ । ଆଗାମୀ ଫାଇନାଲରେ ତାଙ୍କୁ ଗ୍ରେନାଡାର ଆଣ୍ଡରସନ ପିଟର୍ସ, ଜର୍ମାନୀର ଜୁଲିଏନ ଓ୍ୱେବର ଓ ଚେକ୍ ଗଣରାଜ୍ୟର ଜାକୁବ ଭାଲଡେଚ୍ କଡ଼ା ଟକ୍କର ଦେବାକୁ ପ୍ରସ୍ତୁତ ରହିଛନ୍ତି। ପିଟର୍ସ ୨୯ପଏଣ୍ଟ ସହ ଶୀର୍ଷ ସ୍ଥାନ ଅଧିକାର କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୋଲ୍ଡୋଭାର ଆଣ୍ଡ୍ରିଆନ୍ ମାରଡେୟାର, ଜାପାନର ରୋଡେରିକ୍ ଗେଙ୍କି ଡିନ୍ ମଧ୍ୟ ପ୍ରତିଦ୍ୱନ୍ଦ୍ୱିତା କରିବେ । ଗତ ପ୍ୟାରିସ୍ ପାରାଲିମ୍ପିକ୍ସ ଚାମ୍ପିଅନ୍ ପାକିସ୍ତାନର ଅର୍ଶଦ ନଦୀମ ଫାଇନାଲକୁ ଯୋଗ୍ୟତା ଅର୍ଜନରେ ବିଫଳ ହୋଇଛନ୍ତି।

# ୧୧ରୁ ସାଫ୍ ଜୁନିୟର ଆଥ୍ଲେଟିକ୍ସ ଚାମ୍ପିଅନସିପ୍

## ଭାରତୀୟ ଦଳରେ ଓଡ଼ିଶାରୁ ୪ ଖେଳାଳି



କଟକ,୭।୯: ଆସନ୍ତା ୧୧ ତାରିଖରୁ ଚେନ୍ନାଇରେ ଦକ୍ଷିଣ ଏସୀୟ ଆଥଲେଟିକ ଫେଡେରେସନ(ସାଫ୍) ଜୁନିୟର ଆଥଲେଟିକ ଚାମ୍ପିଅନସିପ୍ ଆରମ୍ଭ ହେବାକୁ ଯାଉଛି । ୫୫ଜଣିଆ ଭାରତୀୟ ଦଳ ଏଥିରେ ଭାଗ ନେବ। ଏଥିରେ ଓଡିଶାରୁ ୪ଜଣ କ୍ରୀଡ଼ାବିତ ରହିଛନ୍ତି। କଳାହାଣ୍ଡିର ଦଣ୍ଡପତି ଏମ୍. ଜୟରାମ ୧୦୦ମିଟର, ୨୦୦ମିଟର ଏବଂ ୪୦୦ମିଟର ରିଲେ ଦୌଡ଼ିବେ ।

ନବରଙ୍ଗପୁରର ମହେନ୍ଦ୍ର ସାନ୍ତାଙ୍କୁ ୪୦୦ମିଟର ରିଲେ ସୁଯୋଗ ମିଳିଛି। ସେହିପରି ସୁନ୍ଦରଗଡର ସବିତା ଟପ୍ପୋ ୧୦୦ମିଟର ବାଧାଦୌଡ(ହର୍ଡଲ୍ସ)ରେ ଅଂଶଗ୍ରହଣ କରିବେ। ବରଗଡ଼ର ପ୍ରତୀକ ମହାରଣା ୨୦୦ ମିଟର ଦୌଡ଼ରେ ପ୍ରତିନିଧି କରିବେ ବୋଲି ଓଡ଼ିଶା ଆଥଲେଟିକ ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

ଅନ୍ତର୍ଜାତୀୟ ବୈଷୟିକ ଅଧିକାରୀ ପ୍ରବୋଧ କୁମାର ମହାନ୍ତି ପ୍ରତିଯୋଗିତା ପରିଚାଳନା ଦାୟିତ୍ୱରେ ରହିବେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମସ୍ଥିତ ରିଲାଏନ୍ସ ଫାଉଣ୍ଡେସନ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରରେ ଆଥଲେଟ ଜୟରାମ, ମହେନ୍ଦ୍ର ଏବଂ ସବିତା ପ୍ରଶିକ୍ଷଣ ନେଉଛନ୍ତି। ପ୍ରଶିକ୍ଷକ ରୋହିତ ମାନେଙ୍କ ତତ୍ତ୍ୱାବଧାନରେ ପ୍ରଶିକ୍ଷଣ ଜାରି ରଖିଛନ୍ତି ରାଉରକେଲାରେ ପ୍ରଶିକ୍ଷକ ଶିବ ପ୍ରସାଦ ମିଶ୍ରଙ୍କ ଠାରୁ ପ୍ରତୀକ ପ୍ରଶିକ୍ଷଣ ନେଉଛନ୍ତି ଓଡ଼ିଶା ଆଥଲେଟିକ ସଂଘ ସଭାପତି ଜିଏସ୍ ପଟ୍ଟନାୟକ, ସମ୍ପାଦକ ଆଶୀର୍ବାଦ ବେହେରା ଏବଂ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

# ପାକିସ୍ତାନ କ୍ରିକେଟରେ ପୁଣି ଡ୍ରାମା

## ଏବେ ପୁଣି ବଦଳିବେ କ୍ୟାପଟେନ !




ଇସଲାମାବାଦ,୭ଲ୯: ବାଂଲାଦେଶ ବିପକ୍ଷ ଘରୋଇ ଟେଷ୍ଟ ସିରିଜରେ ପାକିସ୍ତାନ ପରାଜୟ ପରେ ସମାଲୋଚନାର ବଜାର ସରଗରମ ହୋଇଛି ସବୁଠାରୁ ଖରାପ କଥା ହେଉଛି ଏହି ପରାଜୟ ପ୍ରଥମଥର ପରାଜୟ ନୁହେଁ ପାକିସ୍ତାନ କ୍ରିକେଟ ଦଳ ଗତ କିଛି ମାସ ହେବ ଖରାପ ଫର୍ମ ସହ ସଂଘର୍ଷ କରିଆସୁଛି।

ଏକ ଦିବସୀୟ ବିଶ୍ୱକପ ୨୦୨୩ରୁ ନେଇ ୨୦୨୪ ଟି -୨୦ ବିଶ୍ୱକପ ପର୍ଯ୍ୟନ୍ତ ପାକିସ୍ତାନର ପ୍ରଦର୍ଶନ ସନ୍ତୋଷଜନକ ନୁହେଁ। ଶୀର୍ଷ ସ୍ତରରେ ଅନେକ ପରିବର୍ତ୍ତନ ଆସିଛି, ଯେଉଁଥିରେ ବାବର ଆଜମଙ୍କୁ ଅଧିନାୟକ ପଦରୁ ହଟାଇ ଦିଆଯାଇଥିଲା। କିନ୍ତୁ କିଛି ସପ୍ତାହ ପରେ ତାଙ୍କୁ ପୁଣିଥରେ ଏକ ଦିବସୀୟ ଟି-୨୦ର ଅଧିନାୟକତ୍ୱ ଦିଆଯାଇଥିଲା। ବର୍ତ୍ତମାନ ତାଙ୍କୁ ଏହି ପଦବୀରୁ ହଟାଯାଇପାରେ।

କ୍ରିକେଟ ପାକିସ୍ତାନର ଏକ ରିପୋର୍ଟ ଅନୁଯାୟୀ, ବାବର ଆଜମଙ୍କୁ ପୁଣି ହଟାଇ ଦିଅଯୋଇପାରେ ଏବଂ ମହମ୍ମଦ ରିଜାନଙ୍କୁ ଏକ ଦିବସୀୟ ଟି-୨୦ର ଅଧିନାୟକତ୍ୱ ଦିଆଯାଇପାରେ। ରିପୋର୍ଟରେ ଏହା ମଧ୍ୟ ଦାବି କରାଯାଇଛି ଯେ ରିଜୱାନ ସମସ୍ତ ତିନୋଟି ଫର୍ମାଟରେ ଅଧିନାୟକ ହୋଇପାରିବେ। ରାୱଲପିଣ୍ଡିରେ ପାକିସ୍ତାନ କ୍ରମାଗତ ଦୁଇଟି ଟେଷ୍ଟ ମ୍ୟାଚ ହାରିଛି। ବାଂଲାଦେଶ ଏହି ସିରିଜକୁ ୨-୦ରେ ଜିତିଛି। ପାକିସ୍ତାନ ପାଇଁ ଏହା କ୍ରମାଗତ ଦଶମ ଘରୋଇ ଟେଷ୍ଟ ଥିଲା, ଯେଉଁଥିରେ ପାକିସ୍ତାନ ଜିତିନଥିଲା। ବାବର ଆଜମଙ୍କ ସହ ଶାନ ମାସୁଦଙ୍କ ଅଧିନାୟକତ୍ୱ ମଧ୍ୟ ହଜିଯାଇପାରେ ।ଟେଷ୍ଟ ମ୍ୟାଚରେ ଶାନ ମାସୁଦ ପାକିସ୍ତାନକୁ ଅଧିନାୟକତ୍ୱ କରିଛନ୍ତି ଏବଂ ଦଳ ସମସ୍ତ ମ୍ୟାଚରେ ହାରିଛି। ବାଂଲାଦେଶ ବିପକ୍ଷ ସିରିଜରେ ଶାନ ମାସୁଦଙ୍କୁ ବହୁତ ସମାଲୋଚନା କରାଯାଇଥିଲା। ବର୍ତ୍ତମାନ ସେମାନଙ୍କୁ ମଧ୍ୟ ହଟାଇବା କଥା କୁହାଯାଉଛି ମାସୁଦଙ୍କ ସ୍ଥାନରେ ରିଜୱାନଙ୍କୁ ଟେଷ୍ଟ ଅଧିନାୟକ ମଧ୍ୟ କରାଯାଇପାରିବ।

# ପ୍ୟାରିସ ପାରାଲିମ୍ପିକ୍ସ ଉଦ୍‌ଯାପନୀରେ ପତାକା ଧରିବେ ପ୍ରୀତି, ହରବିନ୍ଦର

ପ୍ୟାରିସ,୦୭।୦୯: ଆସନ୍ତା ୮ ତାରିଖରେ ପ୍ୟାରିସ ପାରାଲିମ୍ପିକ୍ସ ଉଦଯାପିତ ହେବ ଉଦ୍ୟାପନୀରେ ଭାରତୀୟ ଦଳର ନେତୃ ନେଇ ତ୍ରିରଙ୍ଗା ଧାରଣ କରିବେ ହରବିନ୍ଦର ସିଂ ଏବଂ ପ୍ରୀତି



ପାଲ ୩୩ ବର୍ଷୀୟ ହରବିନ୍ଦର ତୀରନ୍ଦାଜୀରେ ସ୍ୱର୍ଣ୍ଣ ପଦକ ଜିତି ଇତିହାସ ରଚିଥିଲେ। ପୂର୍ବରୁ କୌଣସି ଭାରତୀୟ ଏହି ଇଭେଣ୍ଟ ଚାମ୍ପିଅନ ହୋଇନଥିଲେ । ଗତ ଟୋକିଓ ପାରାଲିମ୍ପିକ୍ସରେ ସେ ବ୍ରୋଞ୍ଜ ପଦକ ଜିତିଥିଲେ । ୨୩ ବର୍ଷୀୟା ପ୍ରୀତି ଡବଲ ବ୍ରୋଞ୍ଜ ଜିତିବାରେ ସଫଳ ହୋଇଛନ୍ତି । ସେ ଟି-୩୪ ମହିଳା ୧୦୦ ଓ ୨୦୦ ମିଟରରେ ଏହି ସଫଳତା ହାସଲ କରିଛନ୍ତି । ଉଦଯାପନୀ ପରେଡରେ ଦଳର ନେତୃ ନେଉଥିବାରୁ ଉଭୟ କ୍ରୀଡ଼ାବିତ ଖୁସି ରହିଛନ୍ତି । ଏହା ସେମାନଙ୍କ ପାଇଁ ଗର୍ବର ବିଷୟ ବୋଲି କହିଛନ୍ତି ।

# ଟ୍ୟାକ୍ସି ଚାଳକଙ୍କ ପୁଅ ଜିତିଲେ ବ୍ରୋଞ୍ଜ୍



ପ୍ୟାରିସ୍,୭।୯ ଭାରତର ପ୍ରଥମ ଜୁଡୋକା ଭାବରେ ପ୍ୟାରିସ୍ ପାରାଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ଇତିହାସ ସୃଷ୍ଟି କରିଛନ୍ତି କପିଲ ପରମାର। ୨୩ ବର୍ଷୀୟ କପିଲ ବ୍ରୋଞ୍ଜ ପଦକ ପ୍ଲେ ଅଫ୍‌ରେ ୧୦-୦ ବ୍ୟବଧାନରେ ବ୍ରାଜିଲର ଡି ଓଲିଭରେଙ୍କୁ ପରାସ୍ତ କରିଥିଲେ। ମଧ୍ୟପ୍ରଦେଶର ଶେହୋରେରୁ ଆସୁଥିବା ୨୩ ବର୍ଷୀୟ କପିଲ ଜଣେ ଟ୍ୟାକ୍ସି ଚାଳକଙ୍କ ପୁଅ ପିଲାଦିନେ ଏକ ଭୟଙ୍କର ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ ଗାଁ ପଡିଆରେ ଖେଳୁଥିବା ସମୟରେ ଏକ ପାଣି ପମ୍ପରୁ ତାଙ୍କ ଦେହରେ ବିଦ୍ୟୁତ୍ ଆଘାତ ଲାଗିଥିଲା। ବିଦ୍ୟୁତ୍ ଆଘାତ ଏତେ ଭୟଙ୍କର ରହିଥିଲା ଯେ, କପିଲ ୬ ମାସ ଯାଏ କୋମାରେ ରହିଥିଲେ। କୋମାରୁ ବାହାରିବା ପରେ କପିଲଙ୍କ ଦୃଷ୍ଟିଶକ୍ତି ୯୦ ପ୍ରତିଶତ ଖରାପ ହୋଇ ସାରିଥିଲା ।ଦୀର୍ଘ ବର୍ଷର କଠିନ ପରିଶ୍ରମ ପରେ ପାରାଲିମ୍ପିକ୍ସରେ ପଦକ ଜିତି କପିଲ ଦେଶକୁ ଗୌରବାନ୍ୱିତ କରିଛନ୍ତି।

ଚାରି ଭାଇ ଭଉଣୀଙ୍କ ମଧ୍ୟରେ କପିଲ ସବୁଠାରୁ ସାନ। ପିତା ଟ୍ୟାକ୍ସି ଡ୍ରାଇଭର ଭାବରେ କାମ କରୁଥିବା ବେଳେ ଭଉଣୀ ଏକ ପ୍ରାଥମିକ ସ୍କୁଲରେ ପାଠ ପଢାନ୍ତି। ଅନ୍ୟପକ୍ଷରେ ଗୁଜୁରାଣ ମେଣ୍ଟାଇବା ପାଇଁ ବଡ଼ ଭାଇ ଲଳିତଙ୍କ ସହ ମିଶି ଏକ ଚା ଦୋକାନ ଚଳାନ୍ତି। କପିଲ ଜୀବନର ସଂଘର୍ଷ ମଧ୍ୟରେ ଜୁଡୋ ପ୍ରତି ଥିବା କପିଲଙ୍କ ଭଲ ପାଇବା କମ୍ ହୋଇ ନ ଥିଲା। ଦୃଷ୍ଟିବାଧିତ ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ ଜୁଡୋରେ କପିଲ ଭାଗ ନେଉଥିବା ବେଳେ କୋଚ୍ ମୁନାୱର ଅଜିଜ୍ ତାଙ୍କୁ ସବୁଠାରୁ ଅଧିକ ସାହାଯ୍ୟ କରିଥିଲେ। ବିଶ୍ୱ ମାନ୍ୟତାର ଏକ ନମ୍ବର ସ୍ଥାନରେ ଥିବା କପିଲ ସ୍ୱର୍ଣ୍ଣ ଆଶା ଲକ୍ଷ୍ୟ ରଖିଥିବା ବେଳେ ବ୍ରୋଞ୍ଜରେ ସନ୍ତୁଷ୍ଟ ହେବାକୁ ପଡିଥିଲା। ତେବେ ଏହି ପଦକ ଭବିଷ୍ୟତରେ ଭାରତୀୟ ଜୁଡୋର ଭାଗ୍ୟ ପରିବର୍ତ୍ତନ କରିପାରିବ ବୋଲି କହିଛନ୍ତି କପିଲ।


# ୪ ଓଭରରେ ୪ ରନ୍ ଦେଲେ ଭୁବନେଶ୍ୱର

ନୂଆଦିଲ୍ଲୀ,୭।୯: ଭୁବନେଶ୍ୱରର କୁମାର ୟୁପି ଟି-୨୦ ଲିଗ ୨୦୨୪ରେ ଏକ ଚମତ୍କାର ବୋଲିଂ ପ୍ରଦର୍ଶନ କରିଛନ୍ତି ଭୁବନେଶ୍ୱର କୁମାରଙ୍କ ବୋଲିଂ ଆଗରେ ବିରୋଧୀ ବ୍ୟାଟ୍ସମ୍ୟାନମାନେ ଅସହାୟମନେ ହେଉଥିଲେ। ୟୁପି ଟି-୨୦ ଲିଗରେ ୟୁପି ଫାଲକନ୍ସ ପାଇଁ ଭୁବନେଶ୍ୱର କୁମାର ୪ ଓଭର ବୋଲିଂ କରିଥିଲେ। ଏହି ଦ୍ରୁତ ବୋଲର ତାଙ୍କ ସ୍ପେଲ୍‌ରେ ମାତ୍ର ୪ ରନ ଖର୍ଚ୍ଚ କରିଥିଲେ ଏହି ସମୟରେ ଗୋଟିଏ ଓଭର ମେଡେନ୍ ବୋଲିଂ କରିଥିଲେ।

ଭୁବନେଶ୍ୱର କୁମାର ୨୦ ଡଟ ବଲ ବୋଲିଂ କରିଥିଲେ ବର୍ତ୍ତମାନ ସୋସିଆଲ ମିଡିଆରେ କ୍ରିକେଟ ପ୍ରଶଂସକମାନେ କହିଛନ୍ତି, ଭୁବନେଶ୍ୱର କୁମାରରେ ବହୁତ କ୍ରିକେଟ ବାକି ଅଛି ବିଶେଷ କରି ଏହି ଦ୍ରୁତ ବୋଲରଙ୍କୁ ଭାରତ ପାଇଁ ଟି-୨୦ ମ୍ୟାଚ ଦେଖିବାକୁ ମିଳିବ ଏହାପୂର୍ବରୁ ଭୁବନେଶ୍ୱର କୁମାର ଶେଷ ଥର ପାଇଁ ୨୦୨୨ରେ ନ୍ୟୁଜିଲାଣ୍ଡ ବିପକ୍ଷ ଟି-୨୦ ମ୍ୟାଚରେ ପଡ଼ିଆରେ ଆସିଥିଲେ। ସେବେଠାରୁ ଭୁବନେଶ୍ୱର କୁମାରଙ୍କୁ ଭାରତୀୟ ଦଳ ପାଇଁ ଖେଳିବାର ସୁଯୋଗ ମିଳିନାହିଁ ଯେତେବେଳେ କି, ଯଦି ଆମେ ୟୁପି ଟି-୨୦ ଲିଗରେ କାଶୀ ରୁଦ୍ର ଏବଂ ଲକ୍ଷ୍ନୌ ଫାଲକନ୍ସ ମ୍ୟାଚ ବିଷୟରେ କଥା ହେଉ, ଭୁବନେଶ୍ୱର କୁମାରଙ୍କ ଦଳ ଲକ୍ଷ୍ନୌ ଫାଲକନ୍ସ ଏକ ସହଜ ବିଜୟ ହାସଲ କରିଛନ୍ତି।

# ରୋନାଲ୍ଡୋଙ୍କ ୯୦୦ ତମ ଗୋଲ୍

ନୂଆଦିଲ୍ଲୀ,୭।୯: ଫୁଟ୍‌ବଲ୍ ତାରକା କ୍ରିଷ୍ଟିଆନୋ ରୋନାଲ୍ଡୋ ତାଙ୍କ କ୍ୟାରିୟରର ୯୦୦ତମ ଗୋଲ୍ ସ୍କୋର କରିବା ପରେ ଭାବବିହ୍ୱଳ ହୋଇପଡ଼ିଛନ୍ତି ପର୍ତ୍ତୁଗାଲ୍ ପାଇଁ ୟୁଇଏଫ୍‌ଏ ନେସନ୍ସ ଲିଗ୍‌ରେ କ୍ରୋଏସିଅ। ବିପକ୍ଷରେ ଖେଳୁଥିବା ବେଳେ ସେ ଏହି ମାଇଲଖୁଣ୍ଟରେ ପହଞ୍ଚିଛନ୍ତି ଏହି ମ୍ୟାଚ୍‌ରେ ପର୍ତ୍ତୁଗାଲ୍ ୨-୧ ଗୋଲ୍‌ରେ ବିଜୟୀ ହୋଇଛି



ପର୍ତ୍ତୁଗାଲ୍‌ର ୫ ୟୁରୋ କପ୍ ମ୍ୟାଚ୍‌ରେ କେଣସି ଗୋଲ୍ ଦେଇପାରି ନଥିଲେ। କିନ୍ତୁ ଶୁକ୍ରବାର ମ୍ୟାଚ୍‌ରେ ନ୍ୟୁନୋ ମେଣ୍ଡେସ୍‌ଙ୍କଠୁ ପାସ୍ ପାଇବା ପରେ ପୋଷ୍ଟର ଅତି ନିକଟରୁ ରୋନାଲ୍ଡୋ ଗୋଲ୍ ଦେଇଥିଲେ।ଫଳରେ ୩୪ତମ ମିନିଟ୍‌ରେ ପର୍ତ୍ତୁଗାଲ୍ ପ୍ରାରମ୍ଭିକ ଅଗ୍ରଣୀ ପାଇଯାଇଥିଲା ତେବେ ଏହି ଗୋଲ୍ ପରେ ରୋନାଲ୍ଡୋ ଭାବବିହ୍ୱଳ ହେବା ସହ ଖୁସିରେ ଆତ୍ମହରା ହୋଇଯାଇଥିଲେ ରୋନାଲ୍ଡୋଙ୍କ କ୍ୟାରିୟରର ସଫଳତମ ସମୟ ରିୟଲ୍ ମାଦ୍ରିଦ ସହିତ ରହିଥିଲା। ଏହି ଦଳ ପକ୍ଷରୁ ସେ ୪୩୮ ମ୍ୟାଚ୍ ଖେଳିଥିଲା ବେଳେ ୪୫୦ ଗୋଲ୍ ସ୍କୋର କରିଥିଲେ। ପର୍ତ୍ତୁଗାଲ୍ ପାଇଁ ସେ ୧୩୧ ଗୋଲ୍ ସ୍କୋର କରିଛନ୍ତି ଏବେ ରୋନାଲ୍ଡୋ ସାଉଦି ଆରବର ଅଲ୍ ନାସେର ପକ୍ଷରୁ କ୍ଲବ୍‌ସ୍ତରୀୟ ପ୍ରତିଯୋଗିତା ଖେଳୁଛନ୍ତି।

# ଶିମରନ ହେଟମେୟରଙ୍କ ବିଶ୍ୱ ରେକର୍ଡ



ନୂଆଦିଲ୍ଲୀ,୭।୯: ଟି-୨୦ରେ ବିଶ୍ୱ ରେକର୍ଡ କରିଛନ୍ତି ୱେଷ୍ଟଇଣ୍ଡିଜର ବିସ୍ଫୋରକ ବ୍ୟାଟର ଶିମରନ ହେଟମେୟର ସେ ଟି-୨୦ରେ ଖେଳିଛନ୍ତି ବିସ୍ଫୋରକ ଇନିଂସ ସିପିଏଲରେ ଗୁୟନା ଆମାଜନ ୱାରିୟର୍ସ ପାଇଁ ଖେଳୁଥିବା ହେଟମେୟର ନିଜର କ୍ୟାରିୟରର ଅନ୍ୟତମ ଶ୍ରେଷ୍ଠ ଇନିଂସ ଖେଳିଛନ୍ତି ଗୁୟନା ଆମାଜନ ୱାରିୟର୍ସ ମଧ୍ୟ ସେଣ୍ଟ କିଟ୍ସ ବିରୋଧରେ ଦ୍ୱିତୀୟ ସର୍ବାଧିକ ରନ ହାସଲ କରିପାରିଛି।

ହେଟମେୟର ଓ ଆଫଗାନିସ୍ତାନର ରହମନୁଲ୍ଲା ଗୁରବାଜ(୩୭ ବଲରେ ୬୯)ଙ୍କ ବିସ୍ଫୋରଣ ଯୋଗୁ ଗୁୟନା ଆମାଜନ ୱାରିୟର୍ସ ୨୦ ଓଭରରେ ୭ ୱିକେଟ ହରାଇ ୨୬୬ ରନ କରିବାକୁ ସକ୍ଷମ ହୋଇଛି। ପୂର୍ବରୁ ସିପିଏଲ ଇତହାସର ଦ୍ୱିତୀୟ ସର୍ବାଧିକ ଦଳଗତ ସ୍କୋର ନାଁରେ ଥିଲା ଦଳ ୨୦ ଓଭରରେ ୨୫୫ ରନ କରିଥିଲା। ତେବେ ପୂରା ମ୍ୟାଚ୍‌ରେ ହେଟମେୟର ଚର୍ଚ୍ଚାରେ ରହିଛନ୍ତି ସେ ୩୯ ବଲରେ ୯୧ ରନର ଇନିଂସ ଖେଳି ବିଶ୍ ରେକର୍ଡର ଅଧିକାରୀ ହୋଇଛନ୍ତି ସେ ଏହି ଇନିଂସରେ ୧୧ଟି ଛକା ମାରିଥିଲେ ହେଁ ଗୋଟିଏ ହେଲେ ଚୌକା ତାଙ୍କ ବ୍ୟାଟରୁ ଦେଖିବାକୁ ମିଳିନାହିଁ। ଟି-୨୦ କ୍ରିକେଟରେ ପ୍ରଥମଥର ପାଇଁ ଏମିତି ଘଟଣା ଘଟିଛି, ଯେଉଁଟି ଜଣେ ବ୍ୟାଟରୁ ୧୦ରୁ ଅଧିକ ଛକା ମାରିଥିଲେ ହେଁ ତାଙ୍କ ବ୍ୟାଟରୁ ଗୋଟିଏ ବି ଚୌକା ଦେଖିବାକୁ ମିଳି ନାହିଁ।

ପୂର୍ବରୁ ଏହି ରେକର୍ଡ ରିକି ୱେ ସେଲ୍ସଙ୍କ ନାଁରେ ଥିଲା ସେ ୨୦୧୮ରେ ଟି-୨୦ ବ୍ଲାଷ୍ଟ ଗେମରେ ସର୍ବାଧିକ ୯ଟି ଛକା ମାରିଥିଲେ ସେହିପରି ଲ ଜ୍ୟାକ୍ସ ୨୦୧୯ରେ ୮ଟି, ସୟିଦ ଅଜିତ ୨୦୨୨ରେ ୮ଟି, ୨୦୨୩ରେ ନେପାଳର ଦିପେନ୍ଦର ସିଂହ ୮ ଓ ୨୦୨୪ ଆଇପିଏଲରେ ହେନରିଚ କ୍ଲାସେନ ୮ଟି ଛକା ମାରିଥିଲେ ଏହି ସବୁ ବ୍ୟାଟର ନିଜ ଇନିଂସରେ ଆଦୌ ଚୌକା ମାରି ନଥିଲେ।

ଅନ୍ୟପକ୍ଷରେ ଗୁୟନା ଆମାଜନ ୱାରିୟର୍ସ ଓ ଏସକେଏନ୍ ମ୍ୟାଚରେ ଆଉ ଏକ ରେକର୍ଡ ହୋଇଛି ଏହି ମ୍ୟାଚ୍‌ରେ ଟି-୨୦ କ୍ରିକେଟରେ ସର୍ବାଧିକ ୪୨ଟି ଛକା ଦେଖିବାକୁ ମିଳିଛି ୨୦୨୪ ଆଇପିଏଲରେ କୋଲକାତା ଓ ପଞ୍ଜାବ କିଙ୍ଗସ ମ୍ୟାଚରେ ମଧ୍ୟ ଉଭୟ ଦଳ ସମାନ ୪୨ଟି ଛକା ମାରିଥିଲେ।

# ଲେଜେଣ୍ଡ୍ସ ଲିଗ୍‌ରେ ଓଡ଼ିଶା ଟିମ୍ କୋଣାର୍କ ସୂର୍ଯ୍ୟ

## ଇର୍ଫାନ୍ ପଠାନ କ୍ୟାପଟେନ୍

ପ୍ୟାରିସ୍,୬।୯: ଲେଜେଣ୍ଡ୍ସ ଲିଗ୍ କ୍ରିକେଟରେ ଓଡ଼ିଶାର ପ୍ରଥମ ଦଳ ଭାବେ କୋଣାର୍କ ସୂର୍ଯ୍ୟ ସାମିଲ ହୋଇଛି। ଶୁକ୍ରବାର ଭୁବନେଶ୍ୱରରେ ଟିମ ଲଞ୍ଚ ହେବା ସହ, ସମସ୍ତ ଖେଳାଳିଙ୍କ ନାମ ଘୋଷଣା କରାଯାଇଛି। ଇର୍ଫାନ ପଠାନଙ୍କୁ ଏହି ଅବସରରେ କୋଣାର୍କ ସୂର୍ଯ୍ୟର ଅଧିନାୟକ ଘୋଷଣା କରାଯାଇଥିଲା। ବିନୟ କୁମାର, ରାଜେଶ ବିଷ୍ଣୋଇ ଓ ଶାହାବାଜ୍ ନଦୀମଙ୍କ ଭଳି ଖେଳାଳିଙ୍କୁ ସାମିଲ କରାଯାଇଛି।

ଟି୨୦ ଫର୍ମାଟରେ ଏହି ଟୁର୍ନାମେଣ୍ଟ ଖେଳାଯିବ ବୋଲି ଜଣାପଡିଛି। ଓଡ଼ିଶା ରଣଜୀ ଦଳର ପୂର୍ବତନ ଓପନର ନଟରାଜ ବେହେରା ଏହି ଦଳରେ ଏକମାତ୍ର ଓଡ଼ିଆ ଭାବରେ ସ୍ଥାନ ପାଇଛନ୍ତି ଶୁକ୍ରବାର ଟିମ ଲଞ୍ଚ ଅବସରରେ ଓଡ଼ିଶା କ୍ରିକେଟ ଆସୋସିଏଶନ ସମ୍ପାଦକ ସଞ୍ଜୟ ବେହେରା, ପର୍ବତାରୋହୀ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ, ଦ୍ୟୁତି ଚାନ୍ଦ, ପାରା ଅଲିମ୍ପିଆନ ପ୍ରମୋଦ ଭଗତ, ପୂର୍ବତନ କ୍ରିକେଟର ଶିବସୁନ୍ଦର ଶତପଥୀ, କଣ୍ଠଶିଳ୍ପୀ କ୍ରିଷ୍ଣା ବେହୁରା, ସୁସ୍ମିତା ଦାସ, ଅଭିନେତା ସବ୍ୟସାଚି ଓ ଅଭିନେତ୍ରୀ ଅର୍ଚ୍ଚିତା ପ୍ରମୁଖ ସାମିଲ ହୋଇଥିଲେ। ଦଳ: ଇର୍ଫାନ ପଠାନ୍, ଅମ୍ବାତି ରାୟୁଡୁ, ୟୁସୁଫ୍ ପଠାନ୍, ବିନୟ କୁମାର, ରାଜେଶ ବିଷ୍ଣୋଇ, ଶାହବାଜ ନଦୀମ୍, ପ୍ରବୀଣ ତାମ୍ବେ, ଦୀୱେଶ ପଠାନିଆ, କେ.ପି. ଅପନ୍ନା, ନଟରାଜ ବେହେରା, ରସ୍ ଟେଲର, କେଭିନ୍ ଓ ବ୍ରାଏନ୍, ବେନ୍ ଲାଫ୍‌ଲିନ୍, ରିଚର୍ଡ ଲେଭି, ନବୀନ ଷ୍ଟିୱାର୍ଟ ଓ ଫିଡେଲ ଏଡୱାଡର୍ସ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ